◀◀ ଆଜିର 'ସକାଳ'
ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-108 ◆SUNDAY ◆11 OCTOBER 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୦୮ ◆ରବିବାର ◆୧୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦

ବିଶେଷ ଟିପ୍ପଣୀ

ଦେଶରେ ଗଣତନ୍ତ୍ରର ସୁରକ୍ଷା ନିମିତ୍ତ ଶାସକ ଦଳ ଦ୍ୱାରା ଭୋଟଚୋରି ବିରୋଧରେ ପ୍ରତ୍ୟେକ ଭାରତୀୟଙ୍କୁ ସୋମବାର ଦିଲ୍ଲୀ ପ୍ରତିବାଦରେ ଯୋଗଦେବାକୁ ନିବେଦନ କରୁଛୁ। ଭାରତର ସାଂସଦ, ନେତା, କର୍ମୀ ଏବଂ ସଚେତନ ନାଗରିକ ମାନ୍ୟବର ମୁଖ୍ୟ ବିଚାରପତିଙ୍କୁ ହସ୍ତକ୍ଷେପ ନିମନ୍ତେ ସ୍ମାରକପତ୍ର ପ୍ରଦାନ କରିବେ। ଜ୍ଞାନେଶଙ୍କୁ ଯିବାକୁ ହିଁ ପଡିବ, ଏହାର ଅନ୍ୟ ବିକଳ୍ପ ନାହିଁ।

-କେସି ଭେନୁଗୋପାଳ (କଂଗ୍ରେସ ସାଂସଦ)

ଭାରତର ବାସ୍ତବତା: ଚୀନ୍‌ର କେବଳ ୨ଟି ବିଶ୍ୱବିଦ୍ୟାଳୟର ବାର୍ଷିକ ଖର୍ଚ୍ଚ ଭାରତ ସରକାରଙ୍କ ସମଗ୍ର ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ବଜେଟ୍ ଠାରୁ ଅଧିକ।

-ରାଜଦୀପ ସରଦେଶାଇ (ବରିଷ୍ଠ ସାମ୍ବାଦିକ)

ଜେନ୍ Z

ଜର୍ମାନୀରେ ହିଟଲର ଯାହା କରିଥିଲେ, ବର୍ତ୍ତମାନର ସରକାର ଏବେ ଭାରତରେ ତାହା କରିଛନ୍ତି। ଲୋକଙ୍କ ଭିତରେ ଏତେ ବିଷ ସଞ୍ଚରି ଗଲାଣି ଯେ କିଛି ଲୋକ ଅନ୍ୟମାନଙ୍କୁ ଜୀବନ୍ତ ଗିଳି ଦେବାକୁ ଉଦ୍ୟତ। ସରକାର ଯୁବପିଢ଼ିକୁ ଏକ ଟାଇମ୍ ବମ୍‌ରେ ପରିଣତ କରିଛନ୍ତି।

-ରାଜଶେଖର ବର୍ମା @shekhar_br02

ସମାଲୋଚନା କଲେ ଥରୁର୍

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ପୂର୍ବରୁ ରାଜଧାନୀରେ ଲାଗୁ ହୋଇଥିବା କଟକଣାକୁ ନେଇ କଂଗ୍ରେସ ସାଂସଦ ଶଶି ଥରୁର ତୀବ୍ର ସମାଲୋଚନା କରିଛନ୍ତି। ନିର୍ବାଚନର

ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଉଥିବା ନାଗରିକଙ୍କୁ ସରକାର ଉତ୍ତର ଦେବା ପରିବର୍ତ୍ତେ କଟକଣା ଲଗାଇବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଥରୁର ଲେଖିଛନ୍ତି, ନିର୍ବାଚନର ନିରପେକ୍ଷତା ଉପରେ ଆତ୍ମବିଶ୍ୱାସ ଥିବା ସରକାର ଲୋକଙ୍କ ପ୍ରଶ୍ନକୁ ସ୍ୱାଗତ କରିବା ଉଚିତ। ପ୍ରଶ୍ନକୁ ଏଡ଼ାଇବା ପାଇଁ ରାଜଧାନୀକୁ ଦୁର୍ଗରେ ପରିଣତ କରିବା ଦ୍ୱାରା ସନ୍ଦେହ ଆହୁରି ବଢ଼ିବ। ସରକାର ଲାଠି ବଦଳରେ ଉତ୍ତର ଏବଂ ଦମନ ବଦଳରେ ଅଭିବ୍ୟକ୍ତିର ସୁଯୋଗ ଦେବା ଦରକାର ବୋଲି ସେ ମତ ଦେଇଛନ୍ତି। ରାଜଧାନୀରେ ଅସାଧାରଣ କଟକଣା ଲାଗୁ ହୋଇଥିବା ଉଲ୍ଲେଖ କରି ଥରୁର କହିଛନ୍ତି, ରାସ୍ତାରେ ବାରମ୍ବାର ଯାଞ୍ଚ, କଂକ୍ରିଟ୍ ବ୍ୟାରିକେଡ୍ ଓ ଲୁହା କଣ୍ଟାଯୁକ୍ତ ପ୍ରତିବନ୍ଧକ ଲଗାଯାଇଛି। ପ୍ରାୟ ୨୨ ହଜାର ପୁଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ସହ ୨୫୦ଟି ଟ୍ରେନ୍ ବାତିଲ ଏବଂ ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ ଥିବା ସେ ଦାବି କରିଛନ୍ତି। ଇଣ୍ଟରନେଟ୍ ସେବା ବନ୍ଦ ଓ ଯନ୍ତରମନ୍ତରକୁ ଯିବା ରାସ୍ତାରେ କଟକଣାକୁ ସେ 'ପ୍ରତିକ୍ରିୟାଶୀଳ' ବୋଲି କହିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଏଭଳି ତତ୍ପରତା କାହିଁକି ଦେଖାଯାଉନାହିଁ ବୋଲି ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

ସମର୍ଥନ କଲେ ମଞ୍ଜରେକର

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ମତ ରଖିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମଞ୍ଜରେକର। ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅଂଶ ବୋଲି ସେ କହିଛନ୍ତି। ଶନିବାର 'ଏକ୍ସ'ରେ ସେ ଲେଖିଛନ୍ତି, 'ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏକ ଗଣତାନ୍ତ୍ରିକ କାର୍ଯ୍ୟକଳାପ। ମୋର ଶେଷ ଧାରଣା ଅନୁସାରେ, ଭାରତ ଏକ ଗଣତାନ୍ତ୍ରିକ ଦେଶ।' ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ପକ୍ଷରୁ 'ଯନ୍ତରମନ୍ତର ୨.୦' ନାମରେ ଏହି ପ୍ରତିବାଦ ଡାକରା ଦିଆଯାଇଥିଲା। ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର)ରେ ଅନିୟମିତତା ହୋଇଥିବା ଦଳ ଅଭିଯୋଗ କରିଛି। ତେବେ ଜନସୁରକ୍ଷା, ଯାତାୟାତ ପରିଚାଳନା ଓ ଆଇନଶୃଙ୍ଖଳା ସମସ୍ୟା ଆଶଙ୍କା ଦର୍ଶାଇ ଦିଲ୍ଲୀ ପୁଲିସ ଏହି ପ୍ରତିବାଦକୁ ଅନୁମତି ଦେଇନଥିଲା। ପ୍ରତିବାଦ ସମୟରେ ଆକାଶବାଣୀ ଭବନ ନିକଟରେ ପଥରମାଡ଼ ହୋଇଥିବା ଖବର ମିଳିଛି। ଏଥିରେ ଦୁଇଜଣ ପୁଲିସ କର୍ମଚାରୀ ଆହତ ହୋଇଥିବାବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଅନେକ ପ୍ରତିବାଦକାରୀଙ୍କୁ ଅଟକ ରଖିଥିଲା।

ଏମର୍ଜେନ୍ସି କହିଲେ କେଜ୍ରିୱାଲ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ପାର୍ଟି (ସିଜେପି)ର ପ୍ରତିବାଦକୁ ରୋକିବା ପାଇଁ ରାଜଧାନୀରେ କରାଯାଇଥିବା କଡ଼ା ସୁରକ୍ଷା ବ୍ୟବସ୍ଥା ଓ ଦଳର ନେତାମାନଙ୍କୁ ଅଟକ ରଖାଯିବା ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀର ସ୍ଥିତିକୁ ଜରୁରୀକାଳୀନ ପରିସ୍ଥିତିଠାରୁ ମଧ୍ୟ ଖରାପ ବୋଲି କହି ସେ ଏହାକୁ ଏକଛତ୍ରବାଦର ଉଦାହରଣ ଭାବେ ବର୍ଣ୍ଣନା କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କେଜ୍ରିୱାଲ ଲେଖିଛନ୍ତି, 'ଏହା ଜରୁରୀକାଳୀନ ପରିସ୍ଥିତିଠାରୁ ବି ଖରାପ। ଆମେ ମୋଦୀଙ୍କ ଏକଛତ୍ରବାଦ ଶାସନରେ ରହୁଛୁ। ବିମାନ ଭିତରୁ ହିଁ 'କକ୍ରୋଚ୍'ମାନଙ୍କୁ ଅଟକ ରଖିବା ଅଭୂତପୂର୍ବ ଭୟର ପରିଚୟ ଦେଉଛି।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନରେ ଭୋଟ୍ ଚୋରି କରି କ୍ଷମତାକୁ ଆସିଥିବା ଏବଂ ଏବେ ଗଣତନ୍ତ୍ରକୁ ଦମନ କରି ଏହାକୁ ଘୋଡ଼ାଇବାକୁ ଉଦ୍ୟମ କରୁଥିବା କେଜ୍ରିୱାଲ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ସିଜେପିର ପ୍ରତିବାଦ ପୂର୍ବରୁ ଦିଲ୍ଲୀ ପୁଲିସ କେଜ୍ରିୱାଲଙ୍କ ବାସଭବନକୁ ଦୁର୍ଗ ଭଳି ଘେରି ରଖିଥିବା ଆପ୍ ଅଭିଯୋଗ କରିଛି।

ନୂଆଦିଲ୍ଲୀ

ମୁମ୍ବଇ

ଦିଲ୍ଲୀ ଅଣନିଃଶ୍ୱାସୀ

- ୨୫୦ ଟ୍ରେନ୍ ବାତିଲ୍, ୪୫ ମେଟ୍ରୋ ଷ୍ଟେସନ୍ ବନ୍ଦ
- ଇଣ୍ଟରନେଟ୍ ସେବା ବନ୍ଦ, ୟୁପିଆଇ ଅଚଳ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ବିକ୍ଷୋଭ ଘୋଷଣା ପରେ ଶନିବାର ସୁରକ୍ଷା କଟକଣା କଠୋର ହୋଇଛି। ଏହା ଫଳରେ ଦିଲ୍ଲୀରେ ରେଳ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ସିଜେପି ଏହି ଆନ୍ଦୋଳନର ଆହ୍ୱାନ ଦେଇଥିଲା। ଏହାପରେ ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ଷ୍ଟେସନରେ ଅପରାହ୍ଣ ୨ଟା ମଧ୍ୟରେ ୨୫୦ରୁ ଅଧିକ ଟ୍ରେନ୍ ବାତିଲ କରାଯାଇଛି। ୪୫ ମେଟ୍ରୋ ଷ୍ଟେସନ୍‌କୁ ରାତି ୧୦ଟା ଯାଏ ବନ୍ଦ କରାଯାଇଛି। ଟ୍ରାଫିକ୍ ଜାମ୍ ଏବଂ ଷ୍ଟେସନରେ ଜନଗହଳି ଏଡ଼ାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କଟକଣା ଯୋଗୁଁ ହଜାର ହଜାର ଯାତ୍ରୀ ଷ୍ଟେସନରେ ଫସି ରହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ସେଣ୍ଟ୍ରାଲ ଦିଲ୍ଲୀରେ ଧାରା ୧୬୩ ଲାଗୁ କରାଯାଇଛି। ଷ୍ଟେସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ତେଣୁ ଯାତ୍ରୀମାନେ ୟୁପିଆଇ ପେମେଣ୍ଟ କରି ନପାରି ବହୁ କଳବଳ ହୋଇଥିଲେ। ଅନେକ ଯାତ୍ରୀ ଟ୍ରେନ୍ ବାତିଲ ସମ୍ପର୍କରେ ପୂର୍ବରୁ ସୂଚନା ପାଇପାରିନଥିଲେ। ଫଳରେ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଷ୍ଟେସନରେ ଅପେକ୍ଷା କରିବାକୁ ପଡ଼ିଥିଲା। ସହରର ସମସ୍ତ ପ୍ରମୁଖ ଛକ ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ବ୍ୟାପକ ପୁଲିସ ମୁତୟନ ସହ ବ୍ୟାରିକେଡ୍ ଲଗାଯାଇଛି। ଅନେକ ସ୍ଥାନରେ ଯାତାୟାତ ପାଇଁ ରାସ୍ତା ବଦଳାଯାଇଛି। ପ୍ରମୁଖ ସ୍ଥାନଗୁଡ଼ିକରେ ସାଧାରଣ ଲୋକଙ୍କ ଅପେକ୍ଷା ଅଧିକ ସୁରକ୍ଷାକର୍ମୀ ରହିଛନ୍ତି। ରେଳ ଷ୍ଟେସନକୁ ଯାଉଥିବା ଯାତ୍ରୀମାନଙ୍କର ଯାଞ୍ଚ କଡ଼ାକଡ଼ି ହୋଇଛି। ଆନ୍ଦୋଳନ ସହ ସମ୍ପର୍କ ନଥିବା ସାଧାରଣ ଯାତ୍ରୀମାନେ ମଧ୍ୟ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସିଜେପିର 'ପ୍ଲାନ୍-ବି': ପ୍ରତିବାଦର ନେତୃତ୍ୱ ନେବେ ସିନ୍ଦେ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ବିକଳ୍ପ

ରଣନୀତି 'ପ୍ଲାନ୍-ବି' ଘୋଷଣା କରିଛି। ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ଏକ ପୂର୍ବରୁ ରେକର୍ଡ କରାଯାଇଥିବା ଭିଡିଓ ଜାରି କରି ତାଙ୍କ ସମେତ ଅନ୍ୟ ଦୁଇ ନେତା ଅଟକ ହେଲେ ଅଜିଙ୍କ୍ୟ ସିନ୍ଦେ ଆନ୍ଦୋଳନର ନେତୃତ୍ୱ ନେବେ ବୋଲି ଦଳ ସୂଚନା ଦେଇଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଏହି ପ୍ରତିବାଦ ଡାକରା ଦେଇଥିଲା। ତେବେ ଦିଲ୍ଲୀରେ ପହଞ୍ଚିବା ପରେ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ବିମାନ ଭିତରୁ ଦିଲ୍ଲୀ ପୁଲିସ ଅଟକ ରଖିଥିଲା। ଭିଡିଓରେ ଦୀପକେ କହିଛନ୍ତି, ଯଦି ଏହି ଭିଡିଓ ଦେଖିବା ବେଳକୁ ସେ, ସୌରଭ ଓ ଆଶୁତୋଷ ଅଟକ ହୋଇଥାଆନ୍ତି, ତେବେ ସମର୍ଥକମାନେ ଅଜିଙ୍କ୍ୟ ସିନ୍ଦେଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରଖନ୍ତୁ। ସେମାନଙ୍କ ଅନୁପସ୍ଥିତିରେ ସିନ୍ଦେ ଆନ୍ଦୋଳନକୁ ଆଗକୁ ନେବେ ବୋଲି ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ, ତିନି ନେତାଙ୍କ ଅଟକକୁ ନେଇ ସିନ୍ଦେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ସମର୍ଥକଙ୍କୁ ପ୍ରତିବାଦ ଜାରି ରଖିବାକୁ ଅନୁରୋଧ କରିଛନ୍ତି।

ପୁଲିସ ଯେଉଁଠି ଅଟକାଇବ, ସେହି ସ୍ଥାନକୁ ପ୍ରତିବାଦର ସ୍ଥଳ ଭାବେ ବିବେଚନା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସିଜେପିର ଅଭିଯୋଗ ଅନୁସାରେ, ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍) ଓ ଫର୍ମ-୬ ସମ୍ପର୍କିତ ପରିବର୍ତ୍ତନ ଯୋଗୁଁ ଭୋଟଦାନ ଅଧିକାରରୁ ବଞ୍ଚିତ ହୋଇଥିବା ଲୋକଙ୍କ ପ୍ରସଙ୍ଗ ଉଠାଇ ଦଳ ଏହି ଆନ୍ଦୋଳନ କରୁଛି। ଯନ୍ତରମନ୍ତରରେ ପ୍ରତିବାଦ ପାଇଁ ଅନୁମତି ମିଳିନଥିବା ବେଳେ ଦଳ ନେତାଙ୍କ ଅଟକକୁ ପୂର୍ବ ଯୋଜନାବଦ୍ଧ ପଦକ୍ଷେପ ବୋଲି ଅଭିହିତ କରିଛି। ତେବେ ଏହି ଅଭିଯୋଗଗୁଡ଼ିକ ଦଳର ନିଜସ୍ୱ ଦାବି।

କକ୍ରୋଚ୍ ନେତାଙ୍କ ଲାଗି ବିମାନରେ ମହିଳା ପୁଲିସ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଜନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତା ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ଅଟକ ରଖାଯାଇଛି। ଏହି ସମୟରେ ଦିଲ୍ଲୀ ପୁଲିସ ମହିଳା ଅଧିକାରୀଙ୍କୁ ମୁତୟନ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିମାନଟି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ପୁଲିସ କର୍ମଚାରୀ ବିମାନ ଭିତରକୁ ଯାଇ ତିନି ନେତାଙ୍କୁ ଅଟକ ରଖିଥିଲେ। ତେବେ ମହିଳା ପୁଲିସଙ୍କୁ ମୁତୟନ କରିବା ପଛରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ବିମାନ ଭିତରେ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଧସ୍ତାଧସ୍ତି ହେଲେ ପରିସ୍ଥିତି ହେବାର ଆଶଙ୍କା ଥିଲା। ତେଣୁ ସମ୍ଭାବ୍ୟ ଉତ୍ତେଜନା ଏଡ଼ାଇବା ଏବଂ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ମହିଳା ପୁଲିସଙ୍କୁ ନିୟୋଜିତ କରାଯାଇଥାଇପାରେ ବୋଲି କୁହାଯାଉଛି।

ଆଜି ପୃଥିବୀକୁ ମାଡ଼ ହୋଇପାରେ ଶକ୍ତିଶାଳୀ ସୌରଝଡ଼

ପ୍ରଭାବିତ ହୋଇପାରେ ଉପଗ୍ରହ, ରେଡିଓ ଯୋଗାଯୋଗ, ନାଭିଗେସନ୍

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ସୂର୍ଯ୍ୟରୁ ନିର୍ଗତ ଦୁଇଟି ବିଶାଳ ଶକ୍ତିଶାଳୀ କଣିକାର ମେଘ ଅକ୍ଟୋବର ୧୧ରେ ପୃଥିବୀରେ ପହଞ୍ଚିବା ଆଶଙ୍କା ରହିଛି। ଏହା ଯୋଗୁଁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ପ୍ରଭାବିତ ହେବା ସହ ମଧ୍ୟମ ଧରଣର ସୌର ଝଡ଼ ସୃଷ୍ଟି ହୋଇପାରେ। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ନୋଆ) ଜି-୨ ଶ୍ରେଣୀର ଭୂଚୁମ୍ବକୀୟ ଝଡ଼ ନେଇ ସତର୍କତା ଜାରି କରିଛି। ସୌର ଝଡ଼ ହେଉଛି ସୂର୍ଯ୍ୟରୁ ଶକ୍ତି ଓ ବିଦ୍ୟୁତ୍ ଆବେଶିତ କଣିକା ମହାକାଶକୁ ନିର୍ଗତ ହେବା ଯୋଗୁଁ ସୃଷ୍ଟି ହେଉଥିବା ଘଟଣା। ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରିପାରେ। ନୋଆ ଅନୁଯାୟୀ, ଏହାର ପ୍ରଭାବରେ କେତେକ ଉପଗ୍ରହ, ରେଡିଓ ଯୋଗାଯୋଗ ଓ ନାଭିଗେସନ୍ ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ଉଚ୍ଚ ଅକ୍ଷାଂଶ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାରେ ଭୋଲ୍‌ଟେଜ୍ ପରିବର୍ତ୍ତନ ମଧ୍ୟ ହୋଇପାରେ। ଏହା ସହ ମେରୁ ଅଞ୍ଚଳରେ ଦେଖାଯାଉଥିବା ରଙ୍ଗିନ



ଆଲୋକ 'ଅରୋରା' ସାଧାରଣଠାରୁ ଅଧିକ ଅଞ୍ଚଳରେ ଦୃଶ୍ୟମାନ ହୋଇପାରେ। ତେବେ ଭାରତରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ କିମ୍ବା ଯୋଗାଯୋଗ ବ୍ୟବସ୍ଥା ଠପ୍ ହୋଇଯିବାର ଆଶଙ୍କା ନାହିଁ। ସୌର ଝଡ଼ର ପ୍ରକୃତ ତୀବ୍ରତା ପୃଥିବୀରେ ପହଞ୍ଚିବା ପରେ ସ୍ପଷ୍ଟ ହେବ।

ନିଜେ ରୁଷରୁ କିଣିବ ତେଲ, ଭାରତ କିଣିଲେ କଟକଣା

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ରୁଷଠାରୁ ତେଲ କିଣୁଥିବା ଭାରତ ଉପରେ ଅଧିକ ଶୁଳ୍କ ଲଗାଇବା ସହ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଧମକ ଦେଇଥିବା ଆମେରିକା ଏବେ ନିଜେ ରୁଷଠାରୁ ଡିଜେଲ କିଣିବାକୁ ଯାଉଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଚୁକ୍ତିକୁ ନେଇ ତାଙ୍କ ନୀତିରେ ଦ୍ୱିମୁଖୀ ଆଭିମୁଖ୍ୟ ଥିବା ଅଭିଯୋଗ ଉଠିଛି। ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ମସ୍କୋ ଉପରେ ଆର୍ଥିକ ଚାପ ପକାଇବାକୁ ଚାହୁଁଥିବା ଟ୍ରମ୍ପ ଏବେ ନିଜ ଦେଶର ଇନ୍ଧନ ମୂଲ୍ୟ ନିୟନ୍ତ୍ରଣ ପାଇଁ ସେହି ରୁଷରୁ ଡିଜେଲ ଆମଦାନି କରିବାକୁ ରାଜି ହୋଇଛନ୍ତି। ନଭେମ୍ବରରେ ଆମେରିକାରେ ମଧ୍ୟାବଧି ନିର୍ବାଚନ ଥିବାରୁ ଇନ୍ଧନ ମୂଲ୍ୟ କମାଇବା ଏହି ପଦକ୍ଷେପର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ୍'ରେ ରୁଷ ତୁରନ୍ତ ଆମେରିକା ଓ ବିଶ୍ୱ ବଜାରକୁ ୩ ଲକ୍ଷ ଟନ୍ ଡିଜେଲ ଯୋଗାଇବ ବୋଲି ଘୋଷଣା କରିଛନ୍ତି। ଏହାପରେ ନଭେମ୍ବରରେ ଆଉ ୫ ଲକ୍ଷ ଟନ୍ ଏବଂ ପରବର୍ତ୍ତୀ ସମୟରେ ଆଉ ୧୦ ଲକ୍ଷ ଟନ୍ ଡିଜେଲ ଯୋଗାଣ ହେବ ବୋଲି ସେ କହିଛନ୍ତି। ଏହି ଚୁକ୍ତିର ଅଂଶ ଭାବେ ରୁଷର ଡିଜେଲ ରପ୍ତାନି ଉପରେ ଥିବା କଟକଣାକୁ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇପାରେ ବୋଲି ବିବିସି ରିପୋର୍ଟ କରିଛି।

ଆମେରିକାର ଦୋମୁହାଁ ନୀତିକୁ ନେଇ ପ୍ରଶ୍ନ

ଗତବର୍ଷ ରୁଷଠାରୁ ତେଲ କିଣିବାକୁ ନେଇ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲା। ଏହାଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ୫୦ ପ୍ରତିଶତରେ ପହଞ୍ଚିଥିଲା। ରୁଷରୁ ତେଲ କିଣି ଭାରତ ୟୁକ୍ରେନ ଯୁଦ୍ଧ ପାଇଁ ମସ୍କକୁ ଆର୍ଥିକ ସହାୟତା ଯୋଗାଉଛି ବୋଲି ଆମେରିକା ଅଭିଯୋଗ କରିଥିଲା। ଟ୍ରମ୍ପଙ୍କ ସହଯୋଗୀ ପିଟର ନାଭାରୋ ମଧ୍ୟ ରୁଷର ତେଲ କିଣିବାକୁ ନେଇ ଭାରତକୁ ସମାଲୋଚନା କରିଥିଲେ। ତେବେ ନିଜର ପ୍ରାୟ ୯୦ ପ୍ରତିଶତ ଶକ୍ତି ଆବଶ୍ୟକତା ପାଇଁ ଆମଦାନି ଉପରେ ନିର୍ଭରଶୀଳ ଭାରତ କହିଆସିଛି ଯେ ଦେଶର ଜାତୀୟ ସ୍ୱାର୍ଥ ଓ ଲୋକଙ୍କୁ ସୁଲଭ ମୂଲ୍ୟରେ ଇନ୍ଧନ ଯୋଗାଣ ଆଧାରରେ ଏହାର ନିଷ୍ପତ୍ତି ନିଆଯାଏ। ଏବେ ଆମେରିକା ନିଜେ ରୁଷଠାରୁ ଡିଜେଲ କିଣିବାକୁ ରାଜି ହେବା ପରେ ଭାରତର ଏହି ଯୁକ୍ତିକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଆମେରିକାର କାଟୋ ଇନ୍‌ଷ୍ଟିଚ୍ୟୁଟ୍‌ର ଉପସଭାପତି ସ୍କଟ୍ ଲିଂକମ୍ ଏହି ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି—ରୁଷରୁ ତେଲ କିଣୁଥିବା ଦେଶ ଉପରେ ଶୁଳ୍କ ଲଗାଇବାକୁ ଆଇନ ଥିବାବେଳେ ଆମେରିକା ନିଜ ଉପରେ ଶୁଳ୍କ ଲଗାଇବ କି ଭୂରାଜନୈତିକ ବିଶେଷଜ୍ଞ ଇଭାନ୍ ଏ. ଫିଗେନବାମ୍ ମଧ୍ୟ କହିଛନ୍ତି ଯେ ରୁଷଠାରୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ଦୀର୍ଘ ୧୪ ମାସ ଧରି ଧମକ ଦେବା ପରେ ଆମେରିକାର ଏହି ପଦକ୍ଷେପ ଭାରତ-ଆମେରିକା ସମ୍ପର୍କକୁ ଆହୁରି ପ୍ରଭାବିତ କରିପାରେ। ଏପଟେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହି ଚୁକ୍ତିକୁ ପୁଟିନଙ୍କ ପାଇଁ ଟ୍ରମ୍ପଙ୍କ 'ଉପହାର' ବୋଲି କହିବା ସହ ଏହା ଯୁଦ୍ଧକୁ ଦୀର୍ଘ କରିବାରେ ସହାୟକ ହୋଇପାରେ ବୋଲି ଚିନ୍ତା ପ୍ରକାଶ କରିଛନ୍ତି।

ବଢ଼ିଲା କନ୍ୟା ସନ୍ତାନ ପସନ୍ଦ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦେଶରେ ଝିଅ ଜନ୍ମ ହାରରେ ଧୀରେ ଧୀରେ ଉନ୍ନତି ହେଉଛି। ପୂର୍ବରୁ ପୁଅ ସନ୍ତାନକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଅଞ୍ଚଳରେ ମଧ୍ୟ ଏବେ ଝିଅ ଜନ୍ମ ସଂଖ୍ୟା ବଢୁଛି। 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନର ପ୍ରଭାବ ନେଇ ହୋଇଥିବା ଏକ ଗବେଷଣାରେ ଏହି ତଥ୍ୟ ସାମ୍ନାକୁ ଆସିଛି। ତେବେ ଉଚ୍ଚ ମାଧ୍ୟମିକ ସ୍ତରରେ ଶିକ୍ଷା ସମାପ୍ତ କରିବା କ୍ଷେତ୍ରରେ ଗ୍ରାମାଞ୍ଚଳର ଝିଅମାନେ ଏବେ ବି ପଛରେ ରହିଛନ୍ତି। 'ପଲିସି ଇଣ୍ଟରଭେନ୍‌ସନ୍ସ ଆଣ୍ଡ ଦ ସେକ୍ସ ରେସିଓ ଆଟ୍ ବର୍ଥ: ଏଭିଡେନ୍ସ ଫ୍ରମ୍ ଇଣ୍ଡିଆ' ଶୀର୍ଷକ ଗବେଷଣା ଅନୁଯାୟୀ, ଏହି ଅଭିଯାନ ଯୋଗୁଁ ପ୍ରତି ହଜାର

ପ୍ରତି ହଜାର ନବଜାତରେ ବଢ଼ିଛନ୍ତି ୧୫ ଝିଅ

ଜନ୍ମରେ ପ୍ରାୟ ୧୫ ଅଧିକ ଝିଅ ଜନ୍ମ ହେବାର ଆକଳନ କରାଯାଇଛି। ବିଶେଷକରି ପ୍ରଥମ ସନ୍ତାନ ଝିଅ ଥିବା ପରିବାରରେ ଏହାର ପ୍ରଭାବ ଅଧିକ ଦେଖାଯାଇଛି। ସେହି ପରିବାରଗୁଡ଼ିକରେ ଦ୍ୱିତୀୟ ସନ୍ତାନ ମଧ୍ୟ ଝିଅ ହେବାର ସମ୍ଭାବନା ୩.୭ରୁ ୫.୩ ପ୍ରତିଶତ ପଏଣ୍ଟ ବଢ଼ିଛି। ୨୦୧୫-୧୬ରେ ଦେଶରେ ପ୍ରତି ହଜାର ପୁଅ ଜନ୍ମରେ ଝିଅଙ୍କ ସଂଖ୍ୟା ୯୧୯ ଥିବାବେଳେ ଏବେ ଏହା ୯୩୦ରେ ପହଞ୍ଚିଛି। ଗୋଆ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ କେରଳ ଏ କ୍ଷେତ୍ରରେ ଭଲ ସ୍ଥିତିରେ ରହିଛନ୍ତି। ଅନ୍ୟପକ୍ଷରେ, ୟୁନେସ୍କର ଏକ ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ ପ୍ରତି ୧୦୦ ପୁଅଙ୍କ ତୁଳନାରେ ମାତ୍ର ୫୯ ଝିଅ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଶିକ୍ଷା ସମାପ୍ତ କରିପାରୁଛନ୍ତି। ଦେଶରେ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତି ହାରରେ ପ୍ରତି ୧୦୦ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୮୯। ତେଣୁ ଝିଅଙ୍କ ଜନ୍ମ ହାରରେ ଉନ୍ନତି ସହ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ସୁନିଶ୍ଚିତ କରିବା ମଧ୍ୟ ଏକ ବଡ଼ ଆହ୍ୱାନ ହୋଇ ରହିଛି।

ଆଜିଠୁ
ରଣଜୀ ଟ୍ରଫି
▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-108 ◆SUNDAY ◆11 OCTOBER 2026 ◆PAGE-12+4 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୮ ◆ରବିବାର ◆୧୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦

ଶାରଦୀୟ ଉପଚାର

ପବିତ୍ର ମହାଳୟା ଅମାବାସ୍ୟା ତିଥିରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ।

ଅଦମନୀୟ କକ୍ରୋଚ୍

ଦିଲ୍ଲୀରେ ଦମନଲୀଳା

- କକ୍ରୋଚ୍ ନେତାଙ୍କୁ ବିମାନରୁ ଉଠାଇନେଲା ପୁଲିସ
- ରାତି ଅଧରେ ଧ୍ରୁବ ରାଠୀଙ୍କୁ ଘରୁ ଟେକିନିଆଗଲା
- ମମତା, କେଜ୍ରିୱାଲ, ବିଜୟନ, ପ୍ରଶାନ୍ତ ଭୂଷଣ ଅଟକ
- ପୁଣି ଆମରଣ ଅନଶନର ଧମକ ଦେଲେ ୱାଙ୍ଗଚୁକ୍
- ୧୨ରେ ବଡ଼ ଆନ୍ଦୋଳନ କରିବ ଇଣ୍ଡିଆ ମେଣ୍ଟ

କଟକଣା ସତ୍ତ୍ୱେ ମାଡ଼ିଆସିଲେ ଆନ୍ଦୋଳନକାରୀ, ୭ ହଜାର ଅଟକ

■ ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ଏସ୍ଆଇଆର ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନକୁ ଦମନ କରିବାକୁ ଯାଇ ରାଜଧାନୀ ନୂଆଦିଲ୍ଲୀକୁ କବ୍ଜା କରିନେଇଛି ଦିଲ୍ଲୀ ପୁଲିସ। ବିମାନ ଭିତରକୁ କକ୍ରୋଚ୍ ନେତା ଅଭିଜିତ ଦୀପ୍‌କେ, ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଉଠାଇନେଇଛି ପୁଲିସ । ଲୋକପ୍ରିୟ ୟୁଟ୍ୟୁବର ଧ୍ରୁବ ରାଠୀଙ୍କୁ ମଧ୍ୟ ତାଙ୍କର ଗୁରୁଗ୍ରାମ ବାସଭବନରୁ ରାତି ଅଧରେ ଉଠାଇନେଇଛି । ସେମାନଙ୍କୁ ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇଥିବା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, କେରଳର ପୂର୍ବ ମୁଖ୍ୟମନ୍ତ୍ରୀ ବିଜୟନ, ତ୍ରିପୁରାର ପୂର୍ବ ମୁଖ୍ୟମନ୍ତ୍ରୀ ମଣିକ ସରକାର, ଛାତ୍ରୀ ନେତ୍ରୀ ନେହା ବୋରା, ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନରୁ ବାଦ୍ ପଡ଼ିନାହାନ୍ତି । ଦିଲ୍ଲୀ ପୁଲିସର କଠୋର କଟକଣା ସତ୍ତ୍ୱେ ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ଯନ୍ତରମନ୍ତର ଆଡ଼କୁ ମାଡ଼ି ଆସୁଥିବା ବେଳେ ସନ୍ଧ୍ୟା ସୁଦ୍ଧା ୭ ହଜାର ଲୋକଙ୍କୁ ଅଟକ ରଖିଛି । ଅନେକ ସ୍ଥାନରେ ପୁଲିସ ସହ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିବାର ▶ପୃଷ୍ଠା-୭

ଜାତିସଂଘର ଉଦ୍‌ବେଗ

■ ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ଭାରତରେ କକ୍ରୋଚ୍ ପାର୍ଟି ଆନ୍ଦୋଳନ ବେଳେ ହଜାର ହଜାର ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିବା ଜାତିସଂଘ ଉଦବେଗ ପ୍ରକାଶ କରିଛି । ଜାତିସଂଘ ମାନବିଧିକାର ସଂସ୍ଥାର ମୁଖପାତ୍ର ଥମିନ ଖୃତାନ କହିଛନ୍ତି ଯେ ସାମାଜିକ କର୍ମୀ, ଆଇନଜୀବୀ ଓ ସାମ୍ବାଦିକମାନଙ୍କୁ ଅଟକ ରଖାଯିବା ଘଟଣା ଚିନ୍ତାର ବିଷୟ । ସେମାନଙ୍କୁ ବିନା ସର୍ତ୍ତରେ ଏବଂ ତୁରନ୍ତ ମୁକ୍ତ କରିବାକୁ ସେ ଦାବି କରି କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ସମାବେଶ ପାଇଁ ଅଧିକାରକୁ ପ୍ରଶାସନ ସମ୍ମାନ ଦେଉ ।

ଆମ ନେତାଙ୍କୁ ଅପହରଣ କରିଛି ପୁଲିସ: ସିଜେପି

ଆଜି ପୁଣି ଯନ୍ତରମନ୍ତର ଅଭିଯାନ

■ ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଆମ ନେତାମାନଙ୍କୁ ଅପହରଣ କରାଯାଇଛି । ସେମାନଙ୍କୁ ଅପହରଣ କରିଛି ଦିଲ୍ଲୀ ପୁଲିସ । ନେତାମାନଙ୍କୁ କେଉଁଠି ରଖିଛି ଜଣାଉ ନାହିଁ। ୧୦ ଘଣ୍ଟାରୁ ଅଧିକ ସମୟ ହେଲାଣି, ସେମାନଙ୍କ ସହିତ କୌଣସି ଯୋଗାଯୋଗ ହୋଇପାରୁ ନାହିଁ। କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଏହି ଅଭିଯୋଗ କରାଯାଇଛି । ଆଜି ସନ୍ଧ୍ୟାରେ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପାର୍ଟିର ଅନ୍ୟତମ ନେତା ଆଜିଙ୍କ୍ୟ ସିନ୍ଦେ କହିଛନ୍ତି ଯେ ପୁଲିସର ଏଭଳି ▶ପୃଷ୍ଠା-୭

ଛାତ୍ର ସଂସଦ ନିର୍ବାଚନ

ସରକାରୀ କଳର ହସ୍ତକ୍ଷେପକୁ ସୁଜାତାଙ୍କ ନିନ୍ଦା

କ୍ୟାମ୍ପସ୍‌ର ଶାନ୍ତିପୂର୍ଣ୍ଣ ପରିବେଶ ନଷ୍ଟ ଉଦ୍ୟମକୁ ବରଦାସ୍ତ କରିବନି ବିଜେଡି

- କଲେଜ ପ୍ରଶାସନ, ପୁଲିସ ବିସିଜେଡି ନେତାଙ୍କୁ ଧମକଚମକ ଦେଉଛନ୍ତି
- ଗୁଣ୍ଡାଗର୍ଦ୍ଦି କରି ଛାତ୍ର ସମାଜ ଓ ଭବିଷ୍ୟତ ପିଢ଼ିକୁ କି ବାର୍ତ୍ତା ଦିଆଯାଉଛି

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟରେ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜମାନଙ୍କର ଛାତ୍ର ସଂସଦ ନିର୍ବାଚନ ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ବେଆଇନ ହସ୍ତକ୍ଷେପକୁ ନେଇ ବିଭିନ୍ନ ଛାତ୍ର ସଂଗଠନ କ୍ଷୋଭ ପ୍ରକାଶ କରୁଛନ୍ତି। ସରକାରୀ କଳବଳକୁ ଲଗାଇ ନିର୍ବାଚନରେ ନିଜ ସପକ୍ଷରେ ନେବାକୁ ଶାସକ ଦଳ ବିଜେପି ଉଦ୍ୟମ କରୁଛି ବୋଲି ବିଜେଡି, କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ଛାତ୍ର ସଂଗଠନ ପକ୍ଷରୁ ଅଭିଯୋଗ କରାଯାଉଛି। ଏହିକ୍ରମରେ ବିଜେଡି ନେତ୍ରୀ ସୁଜାତା ରାଉତ ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ହସ୍ତକ୍ଷେପକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। କଲେଜ କ୍ୟାମ୍ପସର ଶାନ୍ତିପୂର୍ଣ୍ଣ ପରିବେଶକୁ ନଷ୍ଟ କରିବାକୁ ଉଦ୍ୟମ କରାଯାଉଥିବା ବେଳେ ଏହାକୁ ବିଜେଡି ବରଦାସ୍ତ କରିବ ନାହିଁ ବୋଲି ରୋକଠୋକ୍ ଶୁଣାଇଛନ୍ତି ସୁଜାତା।

ଏକ ଭିଡିଓ ବାର୍ତ୍ତାରେ ସୁଜାତା କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ କଲେଜ ନିର୍ବାଚନ ଚାଲିଛି। ତେବେ ଏଥିରେ ଗୁଣ୍ଡା ଓ ବାହାର

୯.୨୪ କୋଟି ଟଙ୍କା ହଡ଼ପ ମାମଲା

ଆଉ ୩ ଗିରଫ

ପୂର୍ତ୍ତ ବିଭାଗର ନକଲି ବିଲ୍ ମାମଲାରେ ଗିରଫଦାରୀ ସଂଖ୍ୟା ୯ ଛୁଇଁଲା

■ ଭୁବନେଶ୍ୱର, ୧୦।୧୦ (ସମିସ): ନକଲି ବିଲ୍ ଜରିଆରେ ପୂର୍ତ୍ତ ବିଭାଗର ୯.୨୪ କୋଟି ଟଙ୍କା ହଡ଼ପ ମାମଲାରେ ରାଜ୍ୟ ଭିଜିଲାନ୍ସ ଆଉ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜିଲ୍ଲା ଟ୍ରେଜେରୀ ଅଫିସରେ କାର୍ଯ୍ୟରତ ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣ ଚନ୍ଦ୍ର ବେହେରା, ଆର୍‌ଆଣ୍ଡବି ଡିଭିଜନ ପୁରୀର ସିନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ଦାସ ଏବଂ ବିଭାଗୀୟ ପିୟୋନ କୁମୁଦ ସାହୁ। ପୂର୍ବରୁ ଭିଜିଲାନ୍ସ ଏହି ମାମଲାର ମାଷ୍ଟର ମାଇଣ୍ଡ ସେକ୍ସନ ▶ପୃଷ୍ଠା-୭

ନଦୀରେ ବୁଡ଼ିଗଲେ ୩ ନାବାଳକ

୨ ମୃତ, ଜଣେ ଡାକ୍ତରଖାନାରେ ଭର୍ତ୍ତି

■ ବାଲିବନ୍ଧ/କେନ୍ଦୁଝର,୧୦।୧୦(ସମିସ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ମୁସଲିମ ବସ୍ତିର ଦୁଇ ଜଣ ନାବାଳକ ଛାତ୍ରଙ୍କ ମୃତ୍ୟୁ ନେଇ ଶନିବାର ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାରେ ସମ୍ପୃକ୍ତ ଆଉ ଜଣେ ନାବାଳକ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ନିକଟସ୍ଥ ଅରଡେଇ ନଦୀରେ ଗାଧୋଇବା ବେଳେ ଦୁଇ ନାବାଳକ ଭାଇ ସମେତ ଆଉ ଜଣଙ୍କୁ ମିଶାଇ ୩ ଜଣ ପାଣିରେ ବୁଡ଼ି ଯାଇଥିଲେ। ଦୁଇ ଭାଇଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଉଦ୍ଧାର ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଦୁଇଭାଇ ହେଲେ ୭ମ ଶ୍ରେଣୀ ଛାତ୍ର ମହମ୍ମଦ ଆନସାରୀ (୧୨) ଏବଂ ୯ମ ଶ୍ରେଣୀ ଛାତ୍ର ଅହମ୍ମଦ ଆନସାରୀ (୧୪)। ଗୁରୁତର ଭାବେ ଉଦ୍ଧାର କରାଯାଇଥିବା ନାବାଳକ ୯ମ ଶ୍ରେଣୀ ଛାତ୍ର ମୁସ୍ତାଫା ଆନସାରୀ (୧୪) ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ସମୟରେ ୬ ଜଣ ନାବାଳକ ଛାତ୍ର ସାଙ୍ଗ ହୋଇ ତେଲିଅର୍ଶଳା (ଜୁଆରିଗୋଡା) ନିକଟ ଅରଡେଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଥିମଧ୍ୟରୁ ୪ ଜଣ ସାଙ୍ଗ ନଦୀ କୂଳରେ ବସିଥିଲେ। ଦୁଇ ଭାଇ ଅହମ୍ମଦ ଏବଂ ମହମ୍ମଦ ଗାଧୋଇବା ପାଇଁ ନଦୀ ଭିତରକୁ ଯାଇଥିଲେ। ପ୍ରଥମେ ବଡ଼ ଭାଇ ଅହମ୍ମଦଙ୍କ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ପରେ ପରେ ସାନ ଭାଇ ମହମ୍ମଦ ସାଦ ମଧ୍ୟ ପାଣିରେ ବୁଡି ଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ▶ପୃଷ୍ଠା-୭

ଭୋଟର ହେବାକୁ ୩୩,୫୧୫ ଆବେଦନ

୩ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ରାଜ୍ୟବ୍ୟାପୀ ୨୬,୪୪୬ଟି ଶିବିର

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟରେ ଭୋଟର ତାଲିକାରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଗତ ୭, ୮ ଓ ୯ ତାରିଖରେ ଆୟୋଜିତ ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ସମାପ୍ତ ହୋଇଛି। ଏହି ଅଭିଯାନରେ ଭୋଟର ତାଲିକାରେ ସାମିଲ ହେବା ପାଇଁ ମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରଙ୍କ ସମେତ ନୂତନ ଓ ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ ହେବାର ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଏହି ତିନିଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୨୬,୪୪୬ଟି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରମାନଙ୍କଠାରୁ ୧,୪୪୮ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ ▶ପୃଷ୍ଠା-୭

ସାପ ସହ ରିଲ୍ସ ମହଙ୍ଗା ପଡ଼ିଲା

ନାଗ ଦଂଶନରେ ଯୁବକ ମୃତ

■ ପୁରୀ,୧୦।୧୦(ସମିସ): ସୋସିଆଲ ମିଡିଆରେ ରିଲ୍ସ କରିବାର ନିଶା ଶେଷରେ ଜଣେ ଯୁବକଙ୍କ ଜୀବନ ନେଇଛି । ପୁରୀ ସଦର ଥାନା ଅନ୍ତର୍ଗତ କଣ୍ଟପୁର ଗ୍ରାମରେ ବିଷଧର ସାପ ସହ ଭିଡିଓ କରୁଥିବାବେଳେ ସାପ କାମୁଡ଼ାରେ ତପନ କୁମାର ପ୍ରଧାନ (୨୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ତପନ ନିଜ ଘର ବାରଣ୍ଡାରେ ଏକ ନାଗସାପ ସହ ରିଲ୍ସ କରିବା ସହ ଫଟୋ ଉଠାଉଥିଲେ। ଏହି ସମୟରେ ସାପଟି ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ▶ପୃଷ୍ଠା-୭

ଓଲଟ ପାଲଟ

ଓଡିଶା କଂଗ୍ରେସ ବନ୍ଦ ଆନ୍ଦୋଳନ
କଳା ବାର ଘଣ୍ଟା ପାଇଁ,
ଜନ ସମର୍ଥନ ମହଙ୍ଗା ପଡ଼ିଲା
ମୁଣ୍ଡ ମାରି ନେଲା ଝାଇଁ।
ଆନ୍ଦୋଳନକାରୀ ଡାକ୍ତରଙ୍କୁ ଦେଖି
କହିଲେ କୁଆଡ଼େ ଯାଅ,
ରୋଗୀ ଦେଖା ଆଜି
ହୋଇପାରିବନି
ଦୟାକରି ଛୁଟି ନିଅ ।।

- ଯାଯାବର

କଲେଜ ଛାତ୍ର ସଂସଦ ନିର୍ବାଚନ

ଶାସକ-ବିରୋଧୀ ଛକାପଞ୍ଝା; କ୍ୟାମ୍ପସ୍ ଅଶାନ୍ତ

- ରେଭେନ୍ସା, ମାଣିକେଶ୍ୱରୀରେ ନାମ କାଟିଲେ, ବିରୋଧ ପରେ ପୁଣି ଯୋଡ଼ିଲେ କର୍ତ୍ତୃପକ୍ଷ
- ପଟ୍ଟାମୁଣ୍ଡାଇରେ ବିସିଜେଡି ସଭାପତି ପ୍ରାର୍ଥୀଙ୍କୁ ଆକ୍ରମଣ
- ବାଲେଶ୍ୱରରେ ବିଜେଡି ଜିଲ୍ଲା ଛାତ୍ର ସଭାପତି ଅଟକ
- ସିମୁଳିଆ କଲେଜରେ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ

ସରକାରୀ ଦଳର ଇଶାରାରେ ନାଚୁଛନ୍ତି ପୁଲିସ, କଲେଜ ପ୍ରଶାସନ: ବିରୋଧୀ ଛାତ୍ର ସଂଗଠନ

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟବ୍ୟାପୀ ବିଭିନ୍ନ ବିଶ୍ୱ ବିଜଦ୍ୟାଳୟ ଏବଂ ଡିଗ୍ରୀ କଲେଜରେ ବର୍ତ୍ତମାନ ଛାତ୍ର ସଂସଦ ନିର୍ବାଚ ପ୍ରକ୍ରିୟା ଜାରି ରହିଛି। ତେବେ ନିର୍ବାଚନକୁ ଜେନେତେନ ପ୍ରକାରରେ ନିଜ ସପକ୍ଷରେ ନେବା ପାଇଁ ଶାସକ ଦଳର ମନ୍ତ୍ରୀ, ବିଧାୟକ, ନେତାମାନେ ସବୁ ନିୟମ କାନୁନକୁ ଦଳିମକଚି ଦେଉଛନ୍ତି କ୍ଷୋଭ ପ୍ରକାଶ କରୁଛନ୍ତି ବିଭିନ୍ନ ଛାତ୍ର ସଂଗଠନ। ସରକାରୀ ଦଳର ଚାପରେ କଲେଜ ଅଧ୍ୟକ୍ଷମାନେ ବେଆଇନ୍ କାର୍ଯ୍ୟ କରିବାକୁ ପଛାଉନଥିବା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ସରକାର ଏପରି ହୀନ ଆଚରଣରୁ ବିରତ ନରହିଲେ, ରାଜ୍ୟବ୍ୟାପୀ ଏହାର ତୀବ୍ର ବିରୋଧ କରାଯିବ ବୋଲି ବିରୋଧୀ ଦଳ ସମେତ ଛାତ୍ର ସଂଗଠନଗୁଡ଼ିକ ଚରମବାଣୀ ଶୁଣାଇଛନ୍ତି। ▶ପୃଷ୍ଠା-୭



ପ୍ରକୃତିରାଣୀର କୋଳରେ କେନ୍ଦୁଝରର ଆକର୍ଷଣ



କେନ୍ଦୁଝର, ୧୦।୧୦(ସମିସ):

କେନ୍ଦୁଝରକୁ ପ୍ରକୃତି ଏବଂ ଜଳପ୍ରପାତ ରାଣୀ ବୋଲି କୁହାଯାଏ। ଏ ଜିଲ୍ଲାରେ ଅନେକ ସୌନ୍ଦର୍ଯ୍ୟମୟ ପର୍ଯ୍ୟଟନସ୍ଥଳୀ ରହିଛି। ଏଠାରେ ପ୍ରକୃତି ଭରିଦେଇଛି ଅପରୂପ ପ୍ରାକୃତିକ ପର୍ଯ୍ୟଟନସ୍ଥଳ। ଏଠାକାର ଅନେକଗୁଡିଏ ପର୍ଯ୍ୟଟନସ୍ଥଳର ବହୁବିଧ ବିକାଶ ହୋଇଛି। କେତେକ ପର୍ଯ୍ୟଟନସ୍ଥଳର ବିକାଶ କାର୍ଯ୍ୟ ଚାଲୁ ରହିଛି। ମାତ୍ର ଅନେକ ପର୍ଯ୍ୟଟନସ୍ଥଳୀ ଏବେବି ବିକାଶଠାରୁ ପଛରେ ପଡିଛି। ସେଗୁଡିକର ବିକାଶ କ୍ଷେତ୍ରରେ ପଛରେ ପଡ଼ିଥିଲେ ମଧ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା କମ ନୁହେଁ। ବର୍ଷତମାମ ଏହି ପର୍ଯ୍ୟଟନକ୍ଷେତ୍ରକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ।

ସେଭଳି ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଜନଜାତି ବହୁଳ ତେଲକୋଇ ବ୍ଲକର ଟେଣ୍ଟେଇନାଳୀ ଜଳପ୍ରପାତ ଅନ୍ୟତମ। ପ୍ରାକୃତିକ ପରିବେଶ ମଧ୍ୟରେ ପରିପୂର୍ଣ୍ଣ ଟେଣ୍ଟେଇ ନାଳୀକୁ ବର୍ଷସାରା ଆଗନ୍ତୁକଙ୍କ ସଂଖ୍ୟା କମ ନୁହେଁ। ଟେଣ୍ଟେଇନାଳୀ କେନ୍ଦୁଝର ମୁଖ୍ୟାଳୟଠାରୁ ୬୦ କିଲୋମିଟର ଦୂରରେ ଅବସ୍ଥିତ। ଜିଲ୍ଲା ମୁଖ୍ୟାଳୟଠାରୁ ତେଲକୋଇ ବ୍ଲକ ମୁଖ୍ୟାଳୟକୁ ଯୋଗାଯୋଗର କୌଣସି ଅସୁବିଧା ନଥିବାବେଳେ ବ୍ଲକ ମୁଖ୍ୟାଳୟଠାରୁ ଅଳ୍ପ ଦୂରରେ ଏହି ପର୍ଯ୍ୟଟନସ୍ଥଳୀ ରହିଛି। ମାତ୍ର ପ୍ରକୃତିଦତ୍ତ ଏହି କ୍ଷେତ୍ରଟିର ଆଖିଦୃଶିଆ ପ୍ରଗତି ପ୍ରଚାର ପ୍ରସାରର ଅଭାବରୁ ବାହାର ଜିଲ୍ଲା ତଥା ବାହାର ରାଜ୍ୟର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହା ସେତେ ସଫଳ ହୋଇନାହିଁ।

ସେହିଭଳି ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇ ବିକାଶର ଆଢୁଆଳରେ ରହିଯାଇଥିବା ଅନ୍ୟ ଏକ ପର୍ଯ୍ୟଟନସ୍ଥଳୀ ହେଲା ଗିରିଡ଼ିବନ୍ଧ ଜଳପ୍ରପାତ। ଏହି ଜଳପ୍ରପାତଟି ପଛୁଆ ତଥା ଆଦିମ ଜନଜାତି ଜନଜାତି ଭୂୟାଁ ଜୁଆଙ୍ଗ ବହୁଳ ବାଂଶପାଳ ବ୍ଲକରେ ଅବସ୍ଥିତ। କେନ୍ଦୁଝର ଜିଲ୍ଲା ମୁଖ୍ୟଳୟଠାରୁ ମାତ୍ର ୧୪ କିଲୋମିଟର ଦୂରରେ ଅବସ୍ଥିତ ଗିରିଡ଼ିବନ୍ଧ ଜଳପ୍ରପାତକୁ କେବଳ ପର୍ଯ୍ୟଟକ ଆସି ନଥାନ୍ତି ବିଦେଶଗତ ପକ୍ଷୀଙ୍କର ମଧ ଆଗମନ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ଶୀତ ଋତୁରେ ଏଠାକୁ ଶହଶହ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ। ପ୍ରକୃତିକ ପରିବେଶ ମଧ୍ୟରେ ପରିପୂର୍ଣ୍ଣ ଏହି ପର୍ଯ୍ୟଟନସ୍ଥଳୀରେ ପ୍ରକୃତିକୁ ଉପଭୋଗ କରିବାକୁ ଅନେକ କିଛି ରହିଛି। ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ଅଧ ଘଣ୍ଟାଏର ରାସ୍ତା ହୋଇଥିଲେ ମଧ୍ୟରେ ଗମନଗମନଠାରୁ ପର୍ଯ୍ୟଟନର ବିକାଶ ସେଭଳି ହୋଇପାରିନାହିଁ। ପଛରେ ପଡିଯାଇଛି ଏହି ପର୍ଯ୍ୟଟନସ୍ଥଳୀର ବିକାଶଧାରା।

ଉପରୋକ୍ତ ଦୁଇଟି ଜଳପ୍ରପାତ ଭଳି ଝୁମ୍ପୁରା ବ୍ଲକ ଅଞ୍ଚଳରେ ରହିଛି ଅନ୍ୟ ଏକ ସୁନ୍ଦର ଜଳପ୍ରପାତ। ଜଳପ୍ରପାତଟିର ନାମ କାଇଯୋଡ଼ା ଜଳପ୍ରପାତ। ଏହି ଜଳ ପ୍ରପାତଟିରେ ଖଣି ଅଞ୍ଚଳର ଶହ ଶହ ପର୍ଯ୍ୟଟକ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବାକୁ ଛୁଟି ଆସିଥାନ୍ତି। ଜିଲ୍ଲା ମୁଖ୍ୟାଳୟଠାରୁ ଏହା ୭୨ କିଲୋମିଟର ଦୂରରେ ଅବସ୍ଥିତ। ଝୁମ୍ପୁରାଭଳି ପଛୁଆ ବ୍ଲକରେ ରହିଥିବା କାଇଯୋଡ଼ା ଜଳପ୍ରପାତର ଗମନାଗମନଠାରୁ ଆବଶ୍ୟକ ସୁବିଧା ନଥାଇ ମଧ ସେଠାକୁ ଆଗନ୍ତୁକଙ୍କ ସଂଖ୍ୟା କମ ନୁହେଁ। ପ୍ରଶାସନର ଅବହେଳାର ଶିକାର ହୋଇଥିବା ଏହି ପର୍ଯ୍ୟଟନସ୍ଥଳୀର ଅଧିକ ବିକାଶ ହୋଇପାରିଲେ ଏହା ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନକ୍ଷେତ୍ର ଭାବେ ପରିଗଣିତ ହୋଇପାରିବ।

ଜିଲ୍ଲା ତଥା ରାଜ୍ୟର ସବୁଠାରୁ ପଛୁଆ ବ୍ଲକ ଭାବେ ପରିଗଣିତ ବାଂଶପାଳ ବ୍ଲକରେ ରହିଛି ଅନ୍ୟ ଏକ ପ୍ରାକୃତିକ

● ଆସୁଛି ପର୍ଯ୍ୟଟନ ଋତୁ, ହେଉନି ବିକାଶ
● ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମି ସୁଧୁରୁନି

ପ୍ରଦତ୍ତ ଜଳପ୍ରପାତ। ଏହି ଜଳପ୍ରପାତଟିର ନାମ କାଇଁଝର ଜଳପ୍ରପାତ। କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟଠାରୁ ୩୫ କିଲୋମିଟର ଦୂରରେ ଅବସ୍ଥିତ କାଇଁଝର ଜଳପ୍ରପାତ ବାଂଶପାଳ ବ୍ଲକର ଅନ୍ୟ ପ୍ରମୁଖ ଜଳପ୍ରପାତ ଏବଂ ପର୍ଯ୍ୟଟନସ୍ଥଳୀଠାରୁ କୌଣସି ଗୁଣରେ କମ ନାହିଁ। ପ୍ରାକୃତିକ ପରିବେଶ ମଧ୍ୟରେ ପରିବେଷ୍ଟିତ ଏହି ଜଳପ୍ରପାତକୁ ସବୁବେଳେ ପର୍ଯ୍ୟଟକ ଭୋଜିଭାତ କରିବାକୁ ଛୁଟି ଆସିଥାନ୍ତି। ଖରାବର୍ଷା ସବୁବେଳେ ପର୍ଯ୍ୟଟକଙ୍କ ଭିଡ଼ ଦେଖାଯାଏ। ମାତ୍ର ଶୀତ ଋତୁରେ ଏଠାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ଦେଖାଯାଏ। ଏହାର ଅଧିକରୁ ଅଧିକ ବିକାଶ ଆବଶ୍ୟକ। ଏପରି ହୋଇପାରିଲେ ପର୍ଯ୍ୟଟନ ମାନଚିତ୍ରରେ କାଇଁଝର ଜଳ ପ୍ରପାତ ଅନ୍ୟତମ ପ୍ରମୁଖ କ୍ଷେତ୍ରଭାବେ ଆଦୃତି ଲାଭ କରିପାରିବ।

ଜିଲ୍ଲାରେ ଅନେକ ଗୁଡିଏ ପ୍ରମୁଖ ଧାର୍ମିକ ସ୍ଥଳୀ ରହିଛି। ସେଥିମଧ୍ୟରୁ ପୁରାତନ ପ୍ରମୁଖ ଶୈବପୀଠ ଭାବେ ବାରହାଟିପୁରା ଅନ୍ୟତମ। ଘଟଗାଁ ବ୍ଲକର ବାରହାଟିପୁରା ପଞ୍ଚାୟତରେସ୍ଥିତ ଏହି ସ୍ଥଳଟିର ଅନେକ ମହାତ୍ମ୍ୟ ରହିଛି। ପୁରାତନ ଶୈବପୀଠ ଭାବେ ଜଣା ଏହି ସ୍ଥଳକୁ ପ୍ରତ୍ୟହ ଶହଶହ ପର୍ଯ୍ୟଟକ ଆସିଥାନ୍ତି। ବର୍ଷତମାମ ଏଠାରେ ଆଗନ୍ତୁକଙ୍କ ସଂଖ୍ୟା କମ ନଥାଏ। ଇଂରାଜୀ ନବବର୍ଷର ପ୍ରାରମ୍ଭରେ ପ୍ରତ୍ୟେକ ବର୍ଷ ଏଠାରେ ବିରାଟ ମକରମେଳାରେ ଆୟୋଜନ ହୋଇଥାଏ। ଲକ୍ଷାଧିକ ଲୋକ ମକରମେଳାରେ ଯୋଗଦେଇଥାନ୍ତି। ମେଳା ୧୫ ଦିନ ପର୍ଯ୍ୟନ୍ତ ଚାଲିଥାଏ। କେବଳ ମକର ମେଳା ନୁହେଁ ମହାଶିବରାତ୍ରି, ଶ୍ରାବଣରେ ବୋଲବମ ଭକ୍ତଙ୍କର ଏହା ପ୍ରମୁଖ ଉପାସନାର ପୀଠ ହୋଇଥାଏ। ଗମନାଗମନରେ ସୁଗମ ଥିବା ବାରହାଟିପୁରାର ଆହୁରି ବିକାଶ ବାକି ରହିଛି। ପ୍ରଶାସନ ଏଥିପ୍ରତି ଧ୍ୟାନଦେଇ କ୍ଷେତ୍ରଟିର ସର୍ବବିଧ ଉନ୍ନୟନ କଲେ ଏଠାକୁ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇପାରନ୍ତା। ଘଟଗାଁ ତାରିଣୀ ପୀଠକୁ ଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ମଧ ଏହା ଅଳ୍ପ ଦୂରରେ ରହିଥିବାରୁ ଆଗନ୍ତୁକ ଙ୍କ ସଂଖ୍ୟା ଆହୁରି ବୃଦ୍ଧି ହୋଇ ପର୍ଯ୍ୟଟକ କ୍ଷେତ୍ରକୁ ଜୀବିକାଭାବେ ଗ୍ରହଣ କରୁଥିବା ଲୋକଙ୍କ ପାଇଁ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରନ୍ତା।

ଜିଲ୍ଲାର ଆନନ୍ଦପୁର ଉପଖଣ୍ଡରେ ଅନେକ ବୃହତ୍ତ ପର୍ଯ୍ୟଟନସ୍ଥଳୀ ରହିଛି। ଆନେକଗୁଡିଏ ପର୍ଯ୍ୟଟନ କ୍ଷେତ୍ର ପ୍ରକୃତିକ ପରିବେଶରେ ଭରପୁର ଥିଲେ ମଧ ସେଗୁଡିକ ବିକାଶରେ ପଛରେ ପଡିଯାଇଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଅପହଞ୍ଚ ହୋଇଯାଉଛି। ଏଭଳି ଏକ ପର୍ଯ୍ୟଟନସ୍ଥଳୀର ନାମ ଦରଗୁଡ଼ିଶୀଳା ଅଟେ। କେନ୍ଦୁଝର ମୁଖ୍ୟାଳୟଠାରୁ ୭୫ କିଲୋମିଟରଦୂରରେଅବସ୍ଥିତ ଏହିସ୍ଥଳଟି ଆନନ୍ଦପୁର ବ୍ଲକର ଅନ୍ୟତମ ମନୋରମସ୍ଥଳୀ ଭାବେ ଜଣା। ବୃକ୍ଷଲତାର ସୌନ୍ଦର୍ଯ୍ୟ ମଧ୍ୟରେ ପ୍ରକୃତିରାଣୀ ଭରିଦେଇଛି ତାର ସମ୍ଭାର। ଏଭଳି ପର୍ଯ୍ୟଟନ କ୍ଷେତ୍ରର ସର୍ବବିଧ ଉନ୍ନୟନ ଜରୁରୀ।

ପାଟଣା ବ୍ଲକ ଅଞ୍ଚଳରେ ଥିବା ପର୍ଯ୍ୟଟନ କ୍ଷେତ୍ରଗୁଡିକ ମଧ୍ୟରୁ ଡାବରଚୁଆ ଡ୍ୟାମର ସ୍ୱତନ୍ତ୍ର ପରିଚୟ ରହିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୧୫ କିଲୋମିଟର ଦୂରରେ ଏହି ଡ୍ୟାମଟି ପାଟଣା ବ୍ଲକ ଅଞ୍ଚଳରେ ଅବସ୍ଥିତ। ପ୍ରତିବର୍ଷ ଶୀତ ଋତୁରେ ଏହି ଡ୍ୟାମକୁ ଭଳିକି ଭଳି ବିଦେଶଗତ ପକ୍ଷୀଙ୍କ ଆଗମନ ପର୍ଯ୍ୟଟକଙ୍କୁ ମତୁଆଲା କରିଥାଏ। ସବୁବେଳେ ଭୋଜି ଭାତର ଆସର ଜମୁଥିବା ଏହି ଡ୍ୟାମରେ ବୁଲାବୁଲି କରିବାକୁ ପର୍ଯ୍ୟଟକଙ୍କ ମନପସନ୍ଦର ସ୍ଥାନଟିଏ ଇଏ। ଗମନାଗମନର ସୁବିଧା ସାଙ୍ଗକୁ ପର୍ଯ୍ୟଟକଙ୍କ ନିମନ୍ତେ ଅନ୍ୟାନ୍ୟ ଅନୁସଙ୍ଗିକ ବ୍ୟବସ୍ଥାର ସୁଧାର ହୋଇପାରିଲେ ଏହି କ୍ଷେତ୍ରଟିକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ପର୍ଯ୍ୟଟକ ଆସିବାରେ ସୁବିଧା ହୋଇପାରନ୍ତା। ଉପରୋକ୍ତ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ଅଳ୍ପଦିନ ତଳେ ପର୍ଯ୍ୟଟନ ବିଭାଗର ମାନ୍ୟତା ମିଳିଛି ସତ କିନ୍ତୁ ଏଗୁଡିକର ସର୍ବବିଧ ଉନ୍ନତି ହୋଇପାରିଲେ ଜିଲ୍ଲାକୁ ଅଧିକରୁ ଅଧିକ ଦେଶୀ ବିଦେଶୀ ପର୍ଯ୍ୟଟକ ଆସନ୍ତେ। ପର୍ଯ୍ୟଟନ କ୍ଷେତ୍ରରେ ନିର୍ଭରଶୀଳ ପରିବାର କର୍ମସଂସ୍ଥାନ ପାଇବା ସାଙ୍ଗେ ସାଙ୍ଗେ ସରକାରଙ୍କର ମଧ ପର୍ଯ୍ୟଟନରୁ ଆୟ ବୃଦ୍ଧି ହୋଇ ଜିଲ୍ଲା ତଥା ରାଜ୍ୟର ବିକାଶ ହୋଇପାରନ୍ତା।

ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲୋଡୁଛି କୁଣ୍ଡପାଣି

ଆନନ୍ଦପୁର, ୧୦।୧୦ (ସମିସ): ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଆନନ୍ଦପୁର ବ୍ଲକ୍ କୋଲିମାଟି ପଞ୍ଚାୟତ ଅର୍ଜୁନବଣିଆ ଗ୍ରାମ ନିକଟସ୍ଥ 'କୁଣ୍ଡପାଣି' ଝରଣା ଏବେ ଧୀରେ ଧୀରେ ଲୋକଲୋଚନକୁ ଆସୁଛି। ପାହାଡ଼ ଓ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଗଡ଼ି ଆସୁଥିବା ନିର୍ମଳ ଜଳ ଏଠାରେ ଝରଣାର ରୂପ ନେଇଛି। ଝରଣା ନିକଟରେ ଥିବା ପ୍ରାକୃତିକ କୁଣ୍ଡ ଯୋଗୁଁ ଏହାର ନାମ 'କୁଣ୍ଡପାଣି' ହୋଇଥିବା ସ୍ଥାନୀୟ ବାସିନ୍ଦା ନିମାଇଁ ନାଏକ କହିଛନ୍ତି। ଘସିପୁରା ବସ୍ଷ୍ଟାଣ୍ଡରୁ ପ୍ରାୟ ୧୫ କିମି ଦୂରରେ କନ୍ତୋ ଛକ ପଡ଼ିଥାଏ। ସେଠାରୁ ବାମପାର୍ଶ୍ୱ ରାସ୍ତାରେ ପ୍ରାୟ ୩ କିମି ଯିବା ପରେ ଅର୍ଜୁନବଣିଆ ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଏହି ମନୋରମ ଝରଣା ଅବସ୍ଥିତ। ଝରଣାର ଶୀତଳ ଜଳରେ ସ୍ନାନ କରିବା ସହ ପ୍ରାକୃତିକ ପରିବେଶରେ ବଣଭୋଜି କରିବାର ମଜା ନେବାକୁ ସ୍ଥାନୀୟ ଲୋକଙ୍କ ସମେତ ଯୁବପିଢ଼ି ଓ ୟୁଟ୍ୟୁବରମାନେ ଏଠାକୁ ଆସୁଛନ୍ତି। ତେବେ ପ୍ରଚାରପ୍ରସାର ଅଭାବ ଓ ଯାତାୟାତ ସମସ୍ୟା ଯୋଗୁଁ ଏହି ସୁନ୍ଦର ସ୍ଥାନଟି ଏଯାଏ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଅର୍ଜୁନବଣିଆ ଗ୍ରାମରୁ ଜଙ୍ଗଲ ଓ ପାହାଡ଼ ମଧ୍ୟରେ ଝରଣା ନିକଟକୁ ଯିବା କଷ୍ଟକର ହୋଇଥିଲେ ମଧ ଏଠାକାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ବୋଲି ସ୍ଥାନୀୟ ଯୁବକମାନେ କହିଛନ୍ତି। ରବିବାର ବଣଭୋଜି ପାଇଁ ଆସିଥିବା କଇନିପୁରାର ସାଜନ କୁମାର ସାହୁ ଘସିପୁରାର ବିଶ୍ୱରଞ୍ଜନ

ବିକାଶ ହେଲେ ବଦଳିବ ଚିତ୍ର

ମହାରଣା ଓ ପ୍ରଭାତ ପାଣିଙ୍କ ମତରେ, ଏଠାରେ ବଣଭୋଜି ସହ ଝରଣାରେ ଗାଧୋଇବାର ଅନୁଭୂତି ନିଆରା। କନ୍ତୋ ଗ୍ରାମର ଜୀବନ କୁମାର ଧୀର କହିଛନ୍ତି, ଝରଣା ସମ୍ପର୍କରେ ସୂଚନା ଦେବାକୁ ସୂଚନାଫଳକ ଲଗାଯିବା ସହ ଯାତାୟାତ ପାଇଁ ରାସ୍ତା ନିର୍ମାଣ କରାଗଲେ ପର୍ଯ୍ୟଟନ ଋତୁରେ ଏଠାକୁ ଅଧିକ ପର୍ଯ୍ୟଟକ ଆସିପାରିବେ। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସୁରକ୍ଷିତ ରଖି 'କୁଣ୍ଡପାଣି' ଝରଣାର ବିକାଶ ଓ ପ୍ରଚାରପ୍ରସାର କରାଗଲେ ଏହା ଆନନ୍ଦପୁର ଅଞ୍ଚଳର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

ଜଳକଳଙ୍ଗ ଲକ୍ଷ୍ମୀପୂଜା ପାଇଁ ମାଟି ପୂଜନ

ହାଟଡ଼ିହୀ,୧୦।୧୦(ସମିସ): ପବିତ୍ର ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଆଜିର ପବିତ୍ର ମହାଳୟା ଅବସରରେ ହାଟଡ଼ିହୀସ୍ଥିତ ଜଳକଳଙ୍ଗଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଲକ୍ଷ୍ମୀପୂଜା ପାଇଁ ମାଟି ପୂଜନ ହୋଇଯାଇଛି। ପୂଜକ ଦାମୋଦର ତ୍ରିପାଠୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ କର୍ତ୍ତା ଭାବେ ଭଗବାନ ନାୟକ ସଂକଳ୍ପ କରିଥିଲେ। ଲକ୍ଷ୍ମୀପୂଜା କମିଟିର ସଦସ୍ୟଙ୍କ ମଧ୍ୟରେ ଶିବନାରାୟଣ ଦାସ, ସଦାଶିବ ଚକ୍ର, ବଟକୃଷ୍ଣ ଜେନା, ଗୋପ ମଲ୍ଲିକ, ମଦନ ଦାସ, କୋଦଣ୍ଡ ସେଠୀ, ଶଙ୍କର୍ଷଣ ନାୟକ, ରୁଦ୍ର ଜେନା, ଜଗନ୍ନାଥ ନାୟକ, ଗୋପାଳ ନାୟକ, ବାବାଜୀ ଜେନା, କାମପାଳ ନାୟକ, ସନ୍ତୋଷ ଚକ୍ର, ସନାତନ ଜେନା, ନଟବର ସା, କାହ୍ନୁଚରଣ ନାୟକ ପ୍ରମୁଖ ଏହି ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପୂଜକଙ୍କ ସହଯୋଗୀ ଭାବେ ଜଳଧର ବାରିକ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ।

ଯାନ୍ତ୍ରିକ ତ୍ରୁଟିରୁ ୨ ଦିନହେଲା ରାସ୍ତାକଡ଼ରେ ଅଟକିଛି ମୁଖ୍ୟମନ୍ତ୍ରୀ ବସ୍

ତୁରୁମୁଙ୍ଗା, ୧୦।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଅପହଞ୍ଚ ଉପାନ୍ତ ଅଞ୍ଚଳ ତୁମୁରିଆ, ପୋଲାଣଘାଟି, ଚିନାମାଳିପଶି ଏରେଣ୍ଡେଇ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ୨ ଦିନ ହେଲା ମୁଖ୍ୟମନ୍ତ୍ରୀ ବସ୍ ସେବା ବ୍ୟାହତ ହୋଇଛି। ପାଟଣା ମୁଖ୍ୟାଳୟଠାରୁ ୫ ନମ୍ବର ରୁଟ ଦେଇ ଉକ୍ତ ଅଞ୍ଚଳକୁ ବସ୍ ସେବା ଯୋଗାଉଥିବା ମୁଖ୍ୟମନ୍ତ୍ରୀ ବସ୍‌ର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ତୋଣ୍ଡ ନିକଟ ରାସ୍ତା କଡରେ ଛିଡା ହୋଇ ରହିଛି। ଶୁକ୍ରବାର ସକାଳ ଅପରାହ୍ନରେ ଏହି ବସ୍‌ଟି ତୋଣ୍ଡ ଜଙ୍ଗଲ ନିକଟରେ ଖରାପ ହେବା ପରେ ବସ୍‌କୁ ଟଣାଯାଇ ଆଣି ରାସ୍ତା କଡରେ ଛିଡା କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ପରିଚାଳନା କରୁଥିବା ସୁପରଭାଇଜର ନିରକାର ମହାନ୍ତ ଗାଡିର ପମ୍ପ ଖରାପ ଥିବା କହିଛନ୍ତି। ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି। ମରାମତି ପରେ ପୁଣି ଆଗ ଭଳି ଉକ୍ତ ରୁଟ୍‌ରେ ବସ୍ ଚଳାଚଳ ସ୍ୱାଭାବିକ ହେବ ବୋଲି କହିଛନ୍ତି।

● ଫକୀରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା
ରୋଗୀଙ୍କ ଚିକିତ୍ସା ପାଇଁ ନାହିଁ ଥର୍ମୋମିଟର

ଆନନ୍ଦପୁର, ୧୦।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେତେବେଳେ ଡାକ୍ତରେ ନାହାନ୍ତି ଠିକ ସମୟରେ ଡାକ୍ତର ଆସୁନାହାନ୍ତି ଭଳି ସମସ୍ୟା ଯୋଗୁଁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଆଜି ଏକ ନୂଆ ସମସ୍ୟାକୁ ନେଇ ସାମୟିକ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଫକୀରପୁର ଗ୍ରାମର ସନ୍ଧ୍ୟାରାଣୀ ଦାଶ ଚିକିତ୍ସା ପାଇଁ ଆସିଥିବା ବେଳେ ଥର୍ମୋମିଟର ନଥିବାରୁ ପରୀକ୍ଷା ହୋଇପାରି ନଥିଲା। ଶେଷରେ ରୋଗୀ ସମ୍ପର୍କୀୟ ଥର୍ମୋମିଟର କିଣିଆଣିବା ପରେ ରୋଗୀଙ୍କୁ ପରୀକ୍ଷା କରାଯିବା ଘଟଣା ପରିତାପର ବିଷୟ ଏହି ଚିକିତ୍ସା କେନ୍ଦ୍ର ଉପରେ ଆଖପାଖ ପ୍ରାୟ ୧୦ଟି ପଞ୍ଚାୟତ ଓ ଆନନ୍ଦପୁର ପୌରପରିଷଦର ୪ଟି ୱାର୍ଡ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ୬ଟି ଡାକ୍ତରପଦବୀ ଥିବା ଏହି କେନ୍ଦ୍ରରେ ୪ ଜଣ ଡାକ୍ତର ଥିଲେ ମଧ ନିୟମିତ ଠିକ ସମୟରେ ଡାକ୍ତରମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନଥିବାରୁ

ରୋଗୀମାନେ ଦୈନନ୍ଦିନ ହତାଶ ହୋଇ ଫେରିବା ଓ ଦୀର୍ଘ ୧୦ କିମି ଦୂର ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯାଉଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆବଶକୀୟ ସରକାରୀ କ୍ୱାର୍ଟର ଥିଲେ ମଧ ଜଣେ ହେଲେ ଡାକ୍ତର ସରକାରୀ କ୍ୱାର୍ଟରରେ ରହୁନଥିବା ଓ ଦୈନନ୍ଦିନ ନିଜ ନିଜ ଅଞ୍ଚଳରୁ ଆସି ଫେରିଯାଉଥିବାରୁ ଜରୁରିକାଳୀନ ପରିସ୍ଥିତିରେ ରୋଗୀମାନେ ଚିକିତ୍ସା ସେବା ପାଇପାରନ୍ତି ନାହିଁ। ଡାକ୍ତରମାନଙ୍କ ଏପରି କାର୍ଯ୍ୟକଳାପରୁ ଅନ୍ୟାନ୍ୟ କର୍ମଚାରୀ, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ, ଷ୍ଟାଫନର୍ସ ଓ ସେବିକାମାନେ ବହୁ ବିଳମ୍ବରେ ଡାକ୍ତରଖାନାକୁ ଆସୁଥିବା ବହୁବାର ଅଭିଯୋଗ ହୋଇଛି। ଏଣୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ ହେବ ବୋଲି କେତେକ ସଚେତନ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଧରଣୀଧର ଟାଉନ ହଲ୍‌ରେ ବିଦାୟୀ ଉପଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

ଚମ୍ପୁଆ, ୧୦।୧୦(ସମିସ): ଚମ୍ପୁଆରୁ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ବଦଳିକୁ ନେଇ ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଧରଣୀଧର ଟାଉନ ହଲ୍‌ଠାରେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଶ୍ରୀ ପରିଡ଼ାଙ୍କ କାର୍ଯ୍ୟଧାରା, କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ରହିଥିବା ଅବଦାନକୁ ମନେ ପକାଇଥିଲେ ଉପସ୍ଥିତ ଅତିଥି ଓ କଳାକାରମାନେ। ପରିଷଦର ପରିଚାଳକ ଧରଣୀଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପରିଷଦର ସଂଯୋଜକ ତରୁଣ ସାହୁ, ସମ୍ପାଦକ ଭକ୍ତବନ୍ଧୁ ପ୍ରଧାନ, ସହକାରୀ ଜିଲ୍ଲାପାଳ ଚନ୍ଦନ ମଣ୍ଡଳ, ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ, ସୌମେନ୍ଦ୍ର ଦାଶ, ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର କୁଣ୍ଡୁ ଏବଂ ଉପସ୍ଥାପକ ଦାଶରଥୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନିକ ଦାୟିତ୍ୱ ନିର୍ବାହ ସହ କଳା, ସାହିତ୍ୟ, ସଂସ୍କୃତି ଓ ପ୍ରକୃତି ପ୍ରତି ତାଙ୍କର ଆଗ୍ରହ ଏବଂ ସହଯୋଗୀ ମନୋଭାବ ତାଙ୍କୁ ଅନ୍ୟମାନଙ୍କଠାରୁ ନିଆରା କରିପାରିଥିବା ମତ ପ୍ରକାଶ ପାଇଥିଲା। ଅତିଥିମାନେ ତାଙ୍କର

ନୂତନ କର୍ମସ୍ଥଳୀରେ ସଫଳତା କାମନା କରିବା ସହ ଭବିଷ୍ୟତରେ ମଧ ଲୋକସେବା ଓ କଳା-ସଂସ୍କୃତି କ୍ଷେତ୍ରରେ ତାଙ୍କର ଅବଦାନ ଅବ୍ୟାହତ ରହୁ ବୋଲି ଶୁଭେଚ୍ଛା ଜଣାଇଥିଲେ। ସହକାରୀ ଜିଲ୍ଲାପାଳ ସୌମେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ସମାରୋହ

ତୁରୁମୁଙ୍ଗା, ୧୦।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋପବନ୍ଧୁ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଗୋପୀନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ପରିବେଶବିତ୍ ଡ. କିଶୋରଚନ୍ଦ୍ର ଦାସ ମୁଖ୍ୟଅତିଥି ଏବଂ ଝାଡ଼ବେଲଦାସ୍ଥିତ ସନ୍ତୋଷୀ ମା' ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପିକା ସ୍ମୃତି ବାନାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିଳ୍ପପତି ପ୍ରତାପଚନ୍ଦ୍ର ସାହୁ, ମଧୁସ୍ମିତା ଦାସ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଏହି ସମାରୋହରେ ଯୋଗ ଦେଇଥିଲେ। ସମାରୋହରେ ସମାଜସେବା, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। 'ରକ୍ତବୀର ସମ୍ମାନ'ରେ କେନ୍ଦୁଝରର ସତ୍ୟନାରାୟଣ ସାହୁ, 'ଉତ୍ତମ ସ୍ୱାସ୍ଥ୍ୟସେବା ସମ୍ମାନ'ରେ ରାଜନଗର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆଖମଣ ଗ୍ରାମର ଆଶାକର୍ମୀ ଯଶୋଦା ମହାନ୍ତ ଏବଂ 'ଆଦର୍ଶ କୃଷକ ସମ୍ମାନ'ରେ ଚେମଣା ଗ୍ରାମର ବେଣୁଧର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି 'ସେବା ସମ୍ମାନ'ରେ ବୁଢ଼ିକାପୁଡ଼ି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ, ଶିକ୍ଷାବିତ୍ ଓ ସମାଜସେବୀ ଯଦୁମଣି ନାଏକ, ପୁଟୁଙ୍ଗା ଗ୍ରାମର ସାହେବ ମୁଣ୍ଡା ଏବଂ ତୁରୁମୁଙ୍ଗାର ତ୍ରିବିନ୍ଧା ଗ୍ରାମର ପ୍ରଭାକର ନାଏକଙ୍କୁ ସମ୍ମାନିତ କରାଯାଇଥିଲା। 'ବିଦ୍ୟା ପ୍ରତିଭା ସମ୍ମାନ'ରେ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର କାବ୍ୟେଶ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବରିଷ୍ଠ ନାଗରିକ, ଶିକ୍ଷାବିତ୍ ଓ ସମାଜସେବୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ତଥା ଶିକ୍ଷକ ରମେଶ ଚନ୍ଦ୍ର ନାୟକ ସମ୍ପାଦକୀୟ ଅଭିଭାଷଣ ଓ ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ବଳଭଦ୍ର ନାଏକଙ୍କ ସମେତ ଅନିଲ ଚାଉଡ଼ା, ଅଜୟ ସାହୁ, ଭକ୍ତବନ୍ଧୁ ବେହେରା, ସଞ୍ଜୟ ସାହୁ, ହିମାଂଶୁ ଶେଖର ପାତ୍ର, ବିନାୟକ ସାହୁ, କୁନ୍ତଳା ମହାନ୍ତ, ସଂଘମିତ୍ରା ସାହୁ, ସନ୍ତୋଷ କୁମାର ବାରିକ, ଜନାର୍ଦ୍ଦନ ପୃଷ୍ଟି, ରଷିନାଥ ମହାନ୍ତ, ସୁମନ୍ତ ମହାନ୍ତ, ପ୍ରଦୀପ୍ତ ସାହୁ ଓ ବନମାଳି ମହାନ୍ତ ସହଯୋଗ କରିଥିଲେ। କେଦାରନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନରେ ହାଇଭୋଲ୍‌ଟେଜ୍ ଲଢେଇ
ସମ୍ପାଦକ ପଦ ପାଇଁ ସୁଶାନ୍ତ ଓ ରବିଙ୍କ ମଧ୍ୟରେ କଡ଼ା ଟକ୍କର

ଚମ୍ପୁଆ/ଯୋଡ଼ା, ୧୦।୧୦(ସମିସ):

ଯୋଡ଼ା ଟ୍ରକ୍ ମାଲିକ ସଂଘର ନିର୍ବାଚନକୁ ନେଇ ଉତ୍ସାହ ଓ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ସଂଘର ବିଭିନ୍ନ ପଦ ପାଇଁ ପ୍ରାର୍ଥୀମାନେ ନିଜ ନିଜ ସମର୍ଥନ ଜୁଟାଇବାରେ ବ୍ୟସ୍ତ ଥିବାବେଳେ ସମ୍ପାଦକ ପଦକୁ ନେଇ ନିର୍ବାଚନୀ ମାହୋଲ ବେଶ୍ ସରଗରମ ହୋଇପଡ଼ିଛି। ଏହି ପଦ ପାଇଁ ସୁଶାନ୍ତ ବାରିକ ଓ ରବିନାରାୟଣ ଦାସଙ୍କ ମଧ୍ୟରେ ହେବାକୁ ଥିବା କଡ଼ା ମୁକାବିଲା ଏବେ ନିର୍ବାଚନର ମୁଖ୍ୟ ଚର୍ଚ୍ଚା ପାଲଟିଛି। ସମ୍ପାଦକ ପଦ ହାତେଇବା ପାଇଁ ଉଭୟ ପ୍ରାର୍ଥୀ ନିଜ ନିଜ ସ୍ତରରେ ଉଦ୍ୟମ ଚଳାଇଛନ୍ତି। ଟ୍ରକ୍ ମାଲିକଙ୍କ ସମର୍ଥନ ହାସଲ କରିବା ସହ ଭୋଟରଙ୍କ ଆସ୍ଥା ଜିତିବା ଉଭୟଙ୍କ ପାଇଁ ଆହ୍ୱାନ ପାଲଟିଛି। କାହା ସପକ୍ଷରେ ଅଧିକ ମତଦାନ ହେବ, ତାହାକୁ ନେଇ ସଂଘର ସଦସ୍ୟଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ମଧ ଉତ୍ସାହ ବଢ଼ିଛି। ତେବେ ଶେଷ ମୁହୂର୍ତ୍ତରେ ଭୋଟରଙ୍କ ମତ କେଉଁ ଦିଗକୁ ଯିବ, ତାହା ହିଁ ଉଭୟ ପ୍ରାର୍ଥୀଙ୍କ ବିଜୟର ଭାଗ୍ୟ ନିର୍ଣ୍ଣୟ କରିବ। ଆସନ୍ତା ୧୨ ତାରିଖରେ ମତଦାନ ହେବା ସହ ସେହିଦିନ ସନ୍ଧ୍ୟାରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା କରାଯିବ। ତେଣୁ ସୁଶାନ୍ତ ବାରିକ ନା ରବିନାରାୟଣ ଦାସ, କିଏ ସମ୍ପାଦକ ପଦ ଅଳଙ୍କୃତ କରିବେ, ତାହା ଜାଣିବାକୁ ସଂଘର ସଦସ୍ୟଙ୍କ ସମେତ ଟ୍ରକ୍ ମାଲିକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଏବେ ସମସ୍ତଙ୍କ ନଜର ୧୨ ତାରିଖର ମତଦାନ ଓ ସନ୍ଧ୍ୟାର ଫଳାଫଳ ଉପରେ।

ଶତାଧିକ ଅଙ୍ଗନବାଡ଼ିକୁ ମିଳୁନି ଗ୍ୟାସ୍; କଳାବଜାର ହେଉଛି ସିଲିଣ୍ଡର

ବାଲେଶ୍ୱର, ୧୦।୧୦ (ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ୨୪୯ଟି ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳମତି ଶିଶୁଙ୍କ ପାଇଁ ରୋଷେଇ କରି ଖାଦ୍ୟ ପରସିବା ଏବେ ଅତ୍ୟନ୍ତ ଜଟିଳ ରୂପ ନେଇଛି। କୋମଳମତି ଶିଶୁଙ୍କୁ କାଠ ଜାଳର ଧୂଆଁରୁ ରକ୍ଷା କରିବା ଏବଂ ସ୍ୱାସ୍ଥ୍ୟକର ପରିବେଶରେ ଆହାର ଯୋଗାଇଦେବା ଲକ୍ଷ୍ୟରେ ସରକାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଗ୍ୟାସ ଚୁଲା, ସିଲିଣ୍ଡର ଓ ସଂଯୋଗ ଯୋଗାଇ ଦେଇଥିଲେ। ହେଲେ ଗ୍ୟାସ ଏଜେନ୍ସିର ଚରମ ମନମାନୀ, ଖୋଲା କଳାବଜାର ଓ ବିଭାଗୀୟ ଅବହେଳା ଯୋଗୁଁ ଆଜି ଏହି କଲ୍ୟାଣକାରୀ ଯୋଜନା ବାଟବଣା ହୋଇପଡ଼ିଛି।

ବାହାନଗା ବ୍ଲକରେ ଗ୍ୟାସ ଏଜେନ୍ସି ଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସୋରବ୍ଲକ ଅଇଁରୀସ୍ଥିତ "ମୁକ୍ତେଶ୍ୱର ଇଣ୍ଡେନ ଗ୍ୟାସ ଗ୍ରାମୀଣ ବିତରକ ଏଜେନ୍ସି' ନିକଟରେ ବାହାନଗାର ଶତାଧିକ ଅଙ୍ଗନବାଡ଼ି କେନ୍ଦ୍ରକୁ ପଞ୍ଜିକୃତ କରାଯାଇଛି। ଏହାର ସୁଯୋଗ ନେଇ ଏହି ବିତରକ ଏଜେନ୍ସି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ନିୟମିତ ଗ୍ୟାସ ସିଲିଣ୍ଡର ଯୋଗାଉ ନ ଥିବାର ଅଭିଯୋଗ ହୋଇଛି। ଫଳରେ ସରକାର ଦେଇଥିବା ଗ୍ୟାସ ଚୁଲା ଓ ସିଲିଣ୍ଡର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଖତଖାଉଛି। ବାଧ ହୋଇ ଅଙ୍ଗନବାଡ଼ି ସାହାଯ୍ୟିକାମାନେ ପୂର୍ବପରି କାଠ ଜାଳି ଚୁଲିରେ ରୋଷେଇ କରୁଛନ୍ତି। ଚୁଲିର ପ୍ରଖର ଧୂଆଁ ଗୃହ ମଧ୍ୟରେ ଭରି ରହୁଥିବାରୁ କୋମଳମତି ଶିଶୁମାନେ ବସି ପାଠ ପଢ଼ିବା ଏବଂ ଖାଇବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ, ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଉଦ୍ଦିଷ୍ଟ ସରକାରୀ ସବସିଡିପ୍ରାପ୍ତ ୯୮୪ ଟଙ୍କାର ଘରୋଇ ଗ୍ୟାସ ସିଲିଣ୍ଡରକୁ କେନ୍ଦ୍ରଗୁଡ଼ିକୁ ନ ଯୋଗାଇ, ସେଗୁଡ଼ିକୁ ବେଆଇନ ଭାବେ ବିଭିନ୍ନ ହୋଟେଲ, ଢ଼ାବା ଓ ବ୍ୟବସାୟିକ ଅନୁଷ୍ଠାନକୁ ୧୪୦୦ରୁ ୧୬୦୦ ଟଙ୍କାରେ ବିକ୍ରି କରାଯାଉଥିବାର ସ୍ପଷ୍ଟ ପ୍ରମାଣ ମିଳିଛି। ପ୍ରତିଦିନ ଶହ ଶହ ସିଲିଣ୍ଡର କଳାବଜାରୀ କରି ଏଜେନ୍ସି ମାଲାମାଲ ହେଉଥିବା ବେଳେ କେତେକ ଅଙ୍ଗନବାଡ଼ି କର୍ମୀ ନିରୁପାୟ ହୋଇ ୧୩୦୦ ରୁ ୧୫୦୦ ଟଙ୍କା ଦେଇ କଳାବଜାରୀ କରୁଥିବା ଦଲାଲଙ୍କଠାରୁ ଗ୍ୟାସ କିଣିବାକୁ ବାଧ ହେଉଛନ୍ତି। ଏହି ସଙ୍ଗୀନ ଦୁର୍ନୀତି ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀମାନେ ବାରମ୍ବାର ସିଡିପିଓଙ୍କ ମାଧ୍ୟମରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଲିଖିତ ଓ ମୌଖିକ ଭାବେ ଅବଗତ କରାଇଛନ୍ତି। ମାତ୍ର ଯୋଗାଣ ବିଭାଗ ଓ ସ୍ଥାନୀୟ ପ୍ରଶାସନ କୌଣସି ତଦନ୍ତ ନକରି ପୂରା ଘଟଣାରେ ଜଳକା ସାଜିଛି। ସରକାରୀ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିଲେ ହେଁ ଅସାଧୁ ଗ୍ୟାସ ଏଜେନ୍ସି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ବିଭାଗୀୟ ଅଧିକାରୀଙ୍କ ସଂପୃକ୍ତି ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଅଙ୍ଗନବାଡ଼ି କର୍ମୀ କହନ୍ତି, ଆମକୁ ନିୟମ ମୁତାବକ ଏଜେନ୍ସି ଗ୍ୟାସ ଯୋଗାଉ ନାହିଁ, ଗ୍ୟାସ କନେକ୍ସନ ସମୟରେ ଆମ ମୋବାଇଲ ନମ୍ବର ବଦଳରେ ଏଜେନ୍ସି ଅନ୍ୟ ନମ୍ବର ଦେଇ ଗ୍ୟାସ ବୁକିଂ କରି ବାହାରେ ବିଭିନ୍ନ ଦଲାଲ ମାଧ୍ୟମରେ ଆମ ଗ୍ୟାସକୁ ଅଧିକ ଦରରେ କଳାବଜାର କରି ବିକ୍ରି କରୁଛି। ବାରମ୍ବାର ଅଭିଯୋଗ ପରେ ବି କୌଣସି ସମାଧାନ ନ ହେବାରୁ ଆମେ ବାଧ ହୋଇ ଗ୍ୟାସ ସରିଲେ ଚୁଲିରେ ରୋଷେଇ କରୁଛୁ, ନଚେତ ଅନେକ ସମୟରେ ବିଭିନ୍ନ ଦଲାଲଙ୍କ ଠାରୁ ୧୩୦୦ ରୁ ୧୫୦୦ ଟଙ୍କାରେ ଗ୍ୟାସ କିଣି ପିଲାଙ୍କୁ ରୋଷେଇ କରି ଦେଉଛୁ। ଅନ୍ୟପଟେ ମୁକ୍ତେଶ୍ୱର ଇଣ୍ଡେନ ଗ୍ୟାସ ଗ୍ରାମୀଣ ବିତରକ ଏଜେନ୍ସି କର୍ତ୍ତୃପକ୍ଷ କହିଛନ୍ତି ଆମେ ସବୁ ଅଙ୍ଗନବାଡି କେନ୍ଦ୍ରକୁ ଆବଶ୍ୟକ ସମୟରେ ତାଙ୍କ କେନ୍ଦ୍ରକୁ ଯାଇ ଗ୍ୟାସ ଯୋଗାଇବା ସମ୍ଭବ ନୁହଁ, ଆମେ ତାଙ୍କ ନାମରେ ଆଗୁଆ ଗ୍ୟାସ ବୁକିଂ କରି ଡେଲିଭରି ଦେଖାଉଛୁ। ତାଙ୍କର ଆବଶ୍ୟକ ସମୟରେ ସେ ସ୍ଥାନୀୟ ଲୋକ (ମିଡ଼ିଲ ମ୍ୟାନ)ଙ୍କ ନିକଟରୁ ଗ୍ୟାସ ସିଲିଣ୍ଡର ନେଇପାରିବେ। ଆମେ କଳାବଜାର କରୁଛୁ ଯଦି ବିଭାଗ ହୋଟେଲ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେଉ। ଆମକୁ ଗାଁର ଦଲାଲ ଗ୍ରାହକଙ୍କ ନାମରେ ଗ୍ୟାସ ବୁକିଂ କରାଇ ଆମ ନିକଟରୁ ୩୦୦ ଟଙ୍କା ନେଇ ଡ଼ିଏସି ଦେଉଛନ୍ତି। ଆମେ ସେହି ଗ୍ୟାସକୁ ଅଧିକରେ କିଣୁଛୁ, ସେହି ଅନୁସାରେ ସିଲିଣ୍ଡରକୁ ଅଧିକ ଦାମରେ ହୋଟେଲରେ ବିକ୍ରି କରୁଛୁ।

ଆଇଓସିଏଲ (ଗ୍ୟାସ) ସେଲସ ଅଫିସର ବିଜୟ ଦାସ କହିଛନ୍ତି। ଅଙ୍ଗନବାଡି କେନ୍ଦ୍ରକୁ ଗ୍ୟାସ ସିଲିଣ୍ଡର ନ ଯୋଗାଯିବା ଏବଂ ତାଙ୍କ ନାମରେ ଗ୍ୟାସ ବୁକିଂ କରି କଳାବଜାର କରାଯିବା ନେଇ ମୋ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଖୋଲା ବଜାରରେ ବିଭିନ୍ନ ବ୍ୟବସାୟୀକ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ ବ୍ୟବହାର ଉପରେ ଜିଲ୍ଲା ଯୋଗାଣ ବିଭାଗର କର୍ତ୍ତୃତ୍ୱ ରହିଛି, ସେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ମୋ ନିକଟକୁ ଅଭିଯୋଗ ଆସିଲେ ସମ୍ପୃକ୍ତ ଏଜେନ୍ସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଛାତ୍ର ସଂସଦ ନିର୍ବାଚନ ନାମାଙ୍କନକୁ ନେଇ ଉତ୍ତେଜନା

ବାଲେଶ୍ୱର(ଉତ୍ତର), ୧୦।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱରପୁରସ୍ଥିତ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଛାତ୍ର ସଂସଦ ନାମାଙ୍କନ ପତ୍ର ଦାଖଲକୁ ନେଇ ଉତ୍ତେଜନା ଦେଖାଦେଇଛି। ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାର ନିର୍ଦ୍ଧାରିତ ସମୟ ଶେଷ ହେବା ପରେ କିଛି ଛାତ୍ର କଲେଜ ଭିତରକୁ ପ୍ରବେଶ କରିବାକୁ ନେଇ ଗେଟ୍ ସମ୍ମୁଖରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ ଉକ୍ତ ମହାବିଦ୍ୟାଳୟରେ ହେଉଥିବା ଛାତ୍ର ସଂସଦ ନିର୍ବାଚନର ନାମାଙ୍କନ ଦାଖଲର ସମୟ ସୀମା ଅପରାହ୍ନ ୧ ଟା ପର୍ଯ୍ୟନ୍ତ ରଖା ଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ତଦନୁଯାୟୀ ଅପରାହ୍ନ ୧ ଟା ପରେ କଲେଜର ଗେଟ ବନ୍ଦ କରାଯାଇଥିଲା। ମାତ୍ର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ର କିଛି ଛାତ୍ର ଗେଟ ଦେଇ କଲେଜ ଭିତରକୁ ଯିବାକୁ ଉଦ୍ୟମ କରିଥିଲେ। ଏପରିକି ଗେଟ୍ ଖୋଲି ଧସେଇ ପଶିବାକୁ ଉଦ୍ୟମ ହେଉଥିବାରୁ ଅନ୍ୟ ଗୋଷ୍ଠୀର ଛାତ୍ର ମାନେ ଏହାକୁ ପ୍ରତିରୋଧ କରିବାରୁ ସେଠାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଖବର ପାଇ ଭୋଗରାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ତେବେ ନିର୍ଦ୍ଧାରିତ ସମୟ ପରେ ନାମାଙ୍କନ ଦାଖଲକୁ ନେଇ ଏହି ପରିସ୍ଥିତି ସୃଷ୍ଟି ହେବା ପଛରେ କ'ଣ କାରଣ ରହିଛି, ସେନେଇ ଅଧିକ ତଥ୍ୟ ମିଳିପାରିନାହିଁ।

ଟ୍ରକ୍‌କୁ ପିଟିଲା ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ସୋର,୧୦।୧୦(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ପଛରୁ ବସ୍ ଧକା ଦେଇଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଗତକାଲି ରାତିରେ ପାଣିକୋଚ ନାମକ ଏକ ଘରୋଇ ବସ କଲିକତାରୁ ଯାତ୍ରୀଙ୍କୁ ନେଇ କଟକ ଅଭିମୁଖେ ଯାଉଥିଲା। ଏହି ସମୟରେ ୧୬ନମ୍ବର ଜାତୀୟ ରାଜପଥ ଅଲିପୁର ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ବସର ସାମ୍ନାପଟ ଭାଙ୍ଗି ଚୁରମାର ହୋଇଥିବା ବେଳେ ଏଥିରେ ଥିବା ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଜାମ ହଟାଇଥିବା ଜଣାପଡିଛି।

ବେଆଇନ ଶାଗୁଆନ ବୋଝେଇ ପିକ୍‌ଅପ୍ ଜବତ

ଜଳେଶ୍ୱର ବ୍ଲକ, ୧୦।୧୦ (ସମିସ): ଜଳେଶ୍ୱର ରେଞ୍ଜ ଅଧିନ ବରଡିହା ବନଖଣ୍ଡ ଅଧିନସ୍ଥ ଖୁଆଡ଼ ଗ୍ରାମ ପଂଚାୟତ ମଞ୍ଚପୁର ଗ୍ରାମଦେଇ ପଡ଼ୋଶୀ ପଶ୍ଚିମବଙ୍ଗକୁ ବେଆଇନ ଶାଗୁଆନ ପିକଅପ ଗାଡି ଯିବା ସମୟରେ ଜଳେଶ୍ୱର ରେଞ୍ଜ ଅଫିସର ଶିଶିର କୁମାର ବେହେରା ନେତୃତ୍ୱରେ ବରଡ଼ିହା ବନ ଖଣ୍ଡର ଫରେଷ୍ଟ ଗାର୍ଡ ସୁଲୋଚନା ବେହେରା, ସ୍କ୍ୱାଡ୍ ସୁଶୀଲ ମହାନ୍ତ, ଶିବ ମହାନ୍ତି, ରାଜା ସୋରେନ, ଉଜ୍ୱଳ ଦାସ, ହରେକୃଷ୍ଣ ବେହେରା, ପଞ୍ଚାନନ ବେରା ପ୍ରମୁଖ ବନ କର୍ମଚାରୀ ମାନେ ଗାଡି ଜବତ କରି ବରଡ଼ିହା ବନପାଳଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ଉକ୍ତ ଗାଡ଼ିର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ। ଏ ନେଇ ଏକ ମାମଲା ରୁଜୁ କରି ବନ ବିଭାଗ ଅଧିକ ତଦନ୍ତ ଚଳାଇଛି।

କାନ୍ଥ ପଡ଼ି ଜଣେ ଶ୍ରମିକ ମୃତ; ଜଣେ ଗୁରୁତର

ସୋର, ୧୦।୧୦(ସମିସ): ଅନନ୍ତପୁର ଥାନା ଅଞ୍ଜି ଗ୍ରାମରେ ଆଜି ଅପରାହ୍ନରେ ଏକ ପୁରୁଣା ମାଟି ଘରକୁ ଭାଙ୍ଗୁଥିବା ବେଳେ କାନ୍ଥ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଅଞ୍ଜି ଗ୍ରାମର ନାରାୟଣ ନାୟକଙ୍କ ପୁରୁଣା ମାଟି ଘରକୁ ଭାଙ୍ଗିବା ପାଇଁ ଦାସସାହି ଗ୍ରାମର ନୀଳାମ୍ବର ଦାସ (୫୫) ଏବଂ ଉମାକାନ୍ତ ପାଳ ଅନ୍ୟ ଶ୍ରମିକଙ୍କ ସହିତ କାମ କରୁଥିଲେ। ଅପରାହ୍ନରେ କାନ୍ଥ ଭାଙ୍ଗୁଥିବା ବେଳେ ଅସାବଧାନତା ବଶତ ମାଟି କାନ୍ଥ ନୀଳାମ୍ବର ଏବଂ ଉମାକାନ୍ତଙ୍କ ଉପରେ ପଡି ଉଭୟ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ଶ୍ରମିକ ଏବଂ ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଗୋପାଳପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ପରିବାର ଲୋକେ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ଡାକ୍ତର ନୀଳାମ୍ବରକୁ ମୃତ ଘୋଷଣା କରିଥିଲେ। ଉମାକାନ୍ତଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

ଅବସରପ୍ରାପ୍ତ ସିରସ୍ତଦାର ଜଳଧର ମହାପାତ୍ରଙ୍କ ପରଲୋକ

ବାଲେଶ୍ୱର,୧୦।୧୦(ସମିସ): ଅବସରପ୍ରାପ୍ତ ବନ୍ଦୋବସ୍ତ ବିଭାଗର ସିରସ୍ତଦାର ଜଳଧର ମହାପାତ୍ର (୯୪) ଏକ ଘରୋଇ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ବାଲେଶ୍ୱରବାସୀ ଜଣେ ନିଷ୍ଠାବାନ ବ୍ୟକ୍ତିଙ୍କୁ ହରାଇଲେ। ସେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶିଷ୍ୟ ଥିଲେ। ସଦର ବ୍ଲକ ଅନ୍ତର୍ଗତ ଉଇଟିକିରି ତାଙ୍କ ମୂଳ ଘର। ପରେ ସେ ବେଣାପୁରା ଗ୍ରାମ ଓ ବାଲେଶ୍ୱର ଚୁନଭାଟିରେ ଘର କରି ରହୁଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ତିନି ପୁତ୍ର, ପୁତ୍ରବଧୂ, ନାତି-ନାତୁଣୀ, ଦୁଇ କନ୍ୟା ଓ ଜ୍ୱାଇଁ ଏବଂ ଅନେକ ସତସଙ୍ଗୀ ଉପସ୍ଥିତ ଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି।

ଏଡ୍‌ସ ସଚେତନତା କର୍ମଶାଳା

ବାଲେଶ୍ୱର,୧୦।୧୦(ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍‌ର ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଏକ ଏଡ୍‌ସ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ଯୁବ ରେଡକ୍ରସ୍ ସଂଯୋଜିକା ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଡ. ଅଞ୍ଜନା ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ବିଶେଷଜ୍ଞ ଡାକ୍ତର ସୁଧାଂଶୁ ପରିଡ଼ା ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ସୁଜିତ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଯୁବ ରେଡକ୍ରସ୍‌ର ସଂଯୋଜକ ଲକ୍ଷ୍ମୀନାରାୟଣ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି ଏଡ୍‌ସ ପ୍ରତିରୋଧ ଓ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ରେଡକ୍ରସ୍ କାଉନସେଲର୍ ପ୍ରଦୀପ କୁମାର ଗଙ୍ଗାଇ, ରାଜେଶ ଦେ, ମିତାଲି ରାଉତରାୟ, ଜ୍ଞାନରଞ୍ଜନ ବେହେରା, ବନିତା ମାଝୀ, ପିତାମ୍ବର ବେହେରା, ଛୋଟରାୟ ହାଁସଦା, କୁଞ୍ଜ ବିହାରୀ ମହାନ୍ତି, ଶୁଭଶ୍ରୀ ସ୍ୱାଇଁ, ଅସ୍ମିତା ଗୁରିଆଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

ଉଧାର ଟଙ୍କା ମାଗିବାରୁ ଜ୍ୱାଇଁଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

ଚନ୍ଦନେଶ୍ୱର, ୧୦।୧୦ (ସମିସ): ଉଧାର ଦେଇଥିବା ଟଙ୍କା ମାଗିବାରୁ ଜ୍ୱାଇଁଙ୍କୁ ମାଡ଼ ମାରି ଲହୁ ଲୁହାଣ କରି ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମାତ୍ର ପୁଲିସ ଉକ୍ତ ଅଭିଯୋଗ ଉପରେ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିରବ ରହିଛି। ଏପଟେ ଅଭିଯୋଗକାରୀ ନ୍ୟାୟ ଓ ସୁରକ୍ଷା ପାଇଁ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇ ନିରାଶ ହୋଇ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସାରି ସାମୁଦ୍ରିକ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ, ତାଳସାରି ସାମୁଦ୍ରିକ ଥାନା ଅଧୀନ ସାହାବାଜିପୁର ଗାଁର କୁମାର ଗୌର ବେହେରା(୨୯)ଙ୍କ ଠାରୁ ତାଙ୍କର ମାଉସୀ ଶାଶୂ ସିଂଲା ଥାନା ଅଧୀନ ଆଲୁ ମେଦା ଗ୍ରାମର ମୀନା ମଲ୍ଲିକ ଘର ଛାତ ପକାଇବା ପାଇଁ ୧୦ହଜାର ଓ ଝିଅକୁ ଡାକ୍ତର ଦେଖାଇବା ପାଇଁ ୧୫ଶହ ଟଙ୍କା ଝିଆରୀ ଜ୍ୱାଇଁ କୁମାର ଗୌରଙ୍କଠାରୁ ଉଧାର ନେଇ ଟଙ୍କା ଦେଉ ନ ଥିଲେ। ଗତ ମଙ୍ଗଳବାର ମୀନା ମଲ୍ଲିକ ସାହାବାଜିପୁର ଗାଁର କୁମାର ଗୌରଙ୍କ ଶାଶୂ ତଥା ତାଙ୍କ ଭଉଣୀ ଗାନ୍ଧାରୀ ପଟ୍ଟାୟତଙ୍କ ଘରକୁ ଆସି ସାହାବାଜିପୁର ବୋଡର୍‌ରରେ ତାଙ୍କ ଭଉଣୀଙ୍କ ପରିବାର ଲୋକଙ୍କ ସାଥିରେ ବୁଲୁଥିଲା ବେଳେ କୁମାର ଗୌର ମୀନାକୁ ଦେଖି ଉଧାର ଦେଇଥିବା ମୋଟ ୧୧ହଜାର ୫ଶହ ଟଙ୍କା ମାଗି ଥିଲେ। ଏ ନେଇ କୁମାର ଗୌରଙ୍କ ସ୍ତ୍ରୀ ଚୁମକି ବେହେରା ଟଙ୍କା ସବୁ ପୁଅ ପଛରେ ଖର୍ଚ୍ଚ ହୋଇ ଯାଇଛି ବୋଲି କହିବା ପରେ ପୁଅର କଣ ହୋଇଛି ପୁଅ କାହିଁ ବୋଲି ପଚାରିବାରୁ ଗାନ୍ଧାରୀ ପଟ୍ଟାୟତ ହଠାତ ଅତର୍କିତ ଭାବରେ ଜ୍ୱାଇଁକୁ ଆକ୍ରମଣ କରିଥିଲେ। ଜ୍ୱାଇଁ ଚିତ୍କାର କରିବାରୁ ଅନ୍ୟ କେତେଜଣ ମିଶି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ବ୍ୟବସାୟୀ ଓ ପଥଚାରୀ ଓ ବୋଡର୍‌ର କ୍ୟାମ୍ପ ରେ ଥିବା ପୋଲିସ ଏଭଳି ଘଟଣା ଦେଖି କୁମାର ଗୌରଙ୍କୁ ଉଦ୍ଧାର କରିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ କୁମାର ଗୌରଙ୍କ ଭାଇ ଜଳେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ମଧ ସେମାନେ କାମୁଡ଼ି ଦେଇଥିଲେ। ପରେ ତାଙ୍କ ବଡ଼ ଭାଇ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇ ଲହୁଲୁହାଣ ହୋଇଥିବା ଦେଖି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ପରେ ବୁଧବାର ସକାଳୁ ତାଳସାରି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ୪ଦିନ ବିତିଯିବା ପରେ ମଧ ଉକ୍ତ ଅଭିଯୋଗ ମୂଳେ କୌଣସି ମାମଲା ରୁଜୁ କରି ନଥିବା ଜଣା ପଡ଼ିଛି। ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ନ୍ୟାୟ ଓ ସୁରକ୍ଷା ପାଇଁ କୁମାର ଗୌର ବାଲେଶ୍ୱର ଏସପିଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଥାନା ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

କାନ୍ଥଭଉଁରୀ ଅନାଦି ଏକାଡେମୀରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଅନାବରଣ

ଚନ୍ଦନେଶ୍ୱର, ୧୦।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀସ୍ଥିତ ଅନାଦି ଏକାଡେମୀ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୫୦ତମ ଜୟନ୍ତୀ ପାଳନ ସହ ତାଙ୍କର ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଶ୍ରଦ୍ଧା, ସମ୍ମାନ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁଙ୍କ ମହାନ ଜୀବନାଦର୍ଶ, ତ୍ୟାଗ, ସେବା ଓ ସମାଜ ସଂସ୍କାରମୂଳକ କାର୍ଯ୍ୟକୁ ସ୍ମରଣ କରାଯାଇଥିଲା। ବିଦ୍ୟାଳୟର ପଦ୍ମଭୂଷଣ ମନୋଜ ଦାସ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ବିଦ୍ୟାଳୟ ପରିସରରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ପଣ୍ଡିତ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ସେ ଯେଉଁ ଆଦର୍ଶ ସୃଷ୍ଟି କରିଯାଇଛନ୍ତି, ତାହା ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ତାଙ୍କୁ ସ୍ୱତନ୍ତ୍ର ସ୍ଥାନ ଦେଇଛି। ମୁଖ୍ୟବକ୍ତା ଭାବେ କୁଶୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ରୋଟାରିଆନ୍ ଲକ୍ଷ୍ମୀନାରାୟଣ ଶତପଥୀ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଓ କର୍ମମୟ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିମୂର୍ତ୍ତି ଜଳେଶ୍ୱର ରୋଟାରି କ୍ଲବ ପକ୍ଷରୁ ପ୍ରଦାନ କରାଯାଇଥିବାରୁ ଉତ୍ସବରେ କ୍ଲବର ଅବଦାନକୁ ସ୍ୱାଗତ କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ଗୋପବନ୍ଧୁଙ୍କ ଜୀବନର ବିଭିନ୍ନ ଅନାଲୋଚିତ ପ୍ରସଙ୍ଗ ଉପସ୍ଥାପନ କରିବା ସହ ତାଙ୍କର ଆଦର୍ଶକୁ ଛାତ୍ରଛାତ୍ରୀଙ୍କ ଜୀବନରେ ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଶ୍ରୀନିବାସ ଚନ୍ଦ୍ର ପ୍ରଧାନ, ସୁଶାନ୍ତ କୁମାର ନାୟକ, ଶ୍ରୀକୁମାର ଘୋଷ, ସରପଞ୍ଚ ପ୍ରତିନିଧି ଶ୍ରୀହରି ଚରଣ ଜେନା, ସଦସ୍ୟ ପ୍ରଦୀପ କୁମାର ଦାସ, ଅନାଦି ସାମଲ, ରୋଟାରିଆନ୍ ସୁବାସ ଚାନ୍ଦ, ସମ୍ବିତ କୁମାର ପ୍ରଧାନ, ସମବାୟବିତ୍ ଗୁଣାକର ମାଝୀ, ସଭାପତି ସୁଦର୍ଶନ ଜେନା ଓ ପ୍ରଧାନଶିକ୍ଷକ ଅତୋନୁ ହୋତା ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ଜୀବନାଦର୍ଶ ଓ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଶାଶ୍ୱତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ହରିପ୍ରିୟା ବେହେରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାମ୍ବାଦିକ ଅଂଶୁମାନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ଅଣଶିକ୍ଷକ ପର୍ଶୁରାମ ପାଳଙ୍କ ପରଲୋକ



କମର୍ଦ୍ଦା, ୧୦।୧୦(ସମିସ) : ଭୋଗରାଇ ବ୍ଲକ ଆରୁହାବୃତ୍ତି -୧ ପଞ୍ଚାୟତ ବାରବାଟିଆ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଅଣଶିକ୍ଷକ ପର୍ଶୁରାମ ପାଳଙ୍କ ଅଶୀ ବର୍ଷ ବୟସରେ ଆଜି ସକାଳ ପାଞ୍ଚ ଘଟିକାରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଦିବଂଗତ ପାଳ ସ୍ଥାନୀୟ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାଳୟରେ କିରାଣୀ ଭାବେ ଚାକିରୀ ଜୀବନ ଆରମ୍ଭ କରି ୨୦୦୫ ମସିହାରେ ଅବସର ଗ୍ରହଣ କରିଥିଲେ। ଅନେକ ସମୟରେ ସେ ମଧ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିଲେ। ଜଣେ ଅମାୟିକ ବ୍ୟକ୍ତି ଭାବେ ସେ ସମସ୍ତଙ୍କର ଆଦରଣୀୟ ଥିଲେ। ତାଙ୍କ ମୃତ୍ୟୁରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ବ୍ଲକ ବିଜେଡି ସଭାପତି ଗଣପତି ଗିରି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆଇନଜୀବୀ ରାଜକିଶୋର ଜେନା, ଗ୍ରାମ ସଭାପତି ଶିକ୍ଷକ ଦେବବ୍ରତ ଦେ, ସରପଞ୍ଚ ଗୀତାରାଣୀ ଜେନା ଦେ, ସମାଜସେବୀ ଯୋଗେନ୍ଦ୍ର ନାଥ ପାଳ, ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ଜେନା, ସମାଜସେବୀ ସୁବ୍ରତ କୁମାର ସାହୁ, ଶିକ୍ଷକ ପ୍ରକାଶ ଚନ୍ଦ, ଇଞ୍ଜିନିଅର ପ୍ରମଥ କୁମାର ଦେ, ପୂର୍ବତନ ସରପଞ୍ଚ ଶ୍ରୀପତି ଜେନା, ଗ୍ରାମ ଉପ ସଭାପତି ବଂଶୀଧର ପାଳ, ରତନ ଜେନା ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାରବାଟିଆ ସ୍ଥିତ ବାସଭବନ ରେ ଉପସ୍ଥିତ ରହି ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ, ଝିଅ ଜ୍ୱାଇଁ ମାନେ ଉପସ୍ଥିତ ଥିଲେ । ଗ୍ରାମ ମଶାଣିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି।

ସ୍ମୋକ୍ ଆର୍ଟ ମାଧ୍ୟମରେ କଳାକୃତି ପ୍ରସ୍ତୁତ କରି ନାନା ପାଟେକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଯୁବ ଚିତ୍ରଶିଳ୍ପୀ ସମରେନ୍ଦ୍ର ବେହେରା

ଏଫ୍‌ଏମ୍ କଲେଜ କ୍ୟାମ୍ପସରୁ ବିସିଜେଡି ନେତାଙ୍କୁ ଉଠାଇନେଲା ପୁଲିସ

ଟାଉନ ଥାନାରେ ଶତାଧିକ ଛାତ୍ର-ଯୁବ ନେତାଙ୍କ ବିକ୍ଷୋଭ

ବାଲେଶ୍ୱର, ୧୦।୧୦ (ସମିସ)

ଛାତ୍ର ସଂସଦ ନିର୍ବାଚନକୁ ନେଇ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ କ୍ୟାମ୍ପସରେ ରାଜନୈତିକ ଉତ୍ତେଜନା ତୀବ୍ର ହୋଇଛି। ନିର୍ବାଚନ ପ୍ରଚାର ଚାଲିଥିବା ବେଳେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ବାଲେଶ୍ୱର ଜିଲ୍ଲା ସଭାପତି ତଥା ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କୁ ପୁଲିସ କଲେଜ ହଷ୍ଟେଲ କ୍ୟାମ୍ପସରୁ ଉଠାଇ ଟାଉନ ଥାନାକୁ ନେବା ଘଟଣାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ହଙ୍ଗାମା ସୃଷ୍ଟି ହୋଇଛି। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ପକ୍ଷପାତିତା ଓ ରାଜନୈତିକ ଚାପର ଫଳ ବୋଲି ଅଭିଯୋଗ କରି ଛାତ୍ର ବିଜେଡି, ଯୁବ ବିଜେଡି ଏବଂ ଦଳର ବହୁ ନେତା ଟାଉନ ଥାନା ପରିସରରେ ବିକ୍ଷୋଭ ଓ ଧାରଣା ଦେଇଥିଲେ। ଦୀର୍ଘ ସମୟର ଉତ୍ତେଜନା ଓ ଆଲୋଚନା ପରେ ରାତି ୯ଟା ୫୦ ମିନିଟରେ ହରେକୃଷ୍ଣଙ୍କୁ ପୁଲିସ ଛାଡ଼ିଥିବା ଜଣାପଡ଼ିଛି। ଫକୀର ମୋହନ ମହାବିଦ୍ୟାଳୟରେ ଆସନ୍ତା ଛାତ୍ର ସଂସଦ ନିର୍ବାଚନକୁ ନେଇ ଗତକାଲି ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଥିଲା। ବିସିଜେଡି, ଏନ୍‌ଏସ୍‌ୟୁଆଇ ଏବଂ ଏବିଭିପି ସମର୍ଥିତ ପ୍ରାର୍ଥୀମାନେ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ କେତେକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ବେଳେ ଅନ୍ୟ କେତେକଙ୍କ ପ୍ରାର୍ଥିପତ୍ର କାଏମ ରହିଥିଲା। ଏହାପରେ ତିନି ଛାତ୍ର ସଂଗଠନ ପକ୍ଷରୁ ନିଜ ନିଜ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ ହୋଇଥିଲା। ଶୁକ୍ରବାର ହଷ୍ଟେଲ ପରିସରରେ ଛାତ୍ରନେତା ଓ ପ୍ରାର୍ଥୀମାନେ ପ୍ରଚାରରେ ବ୍ୟସ୍ତ ଥିବା ବେଳେ ଏହି ଘଟଣା ଘଟିଥିଲା। ବିସିଜେଡିର ଜିଲ୍ଲା ସଭାପତି ହରେକୃଷ୍ଣ ପ୍ରଧାନ ନିଜ ସଂଗଠନର ସମର୍ଥିତ ପ୍ରାର୍ଥୀଙ୍କ ସହ ହଷ୍ଟେଲ ପରିସରରେ ପ୍ରଚାର କରୁଥିଲେ। ଏହି ସମୟରେ ଏବିଭିପି ସମର୍ଥିତ ପ୍ରାର୍ଥୀ ଓ ସେମାନଙ୍କ ଛାତ୍ରନେତାମାନେ ମଧ କ୍ୟାମ୍ପସରେ ପ୍ରଚାର କରୁଥିଲେ। ହଠାତ୍ ଟାଉନ ଥାନା ପୁଲିସ ସେଠାରେ ପହଞ୍ଚି ହରେକୃଷ୍ଣଙ୍କୁ ଅଣଛାତ୍ର ଦର୍ଶାଇ ତାଙ୍କୁ ସେଠାରୁ ନେବାକୁ ଉଦ୍ୟମ କରିଥିଲା। ପୁଲିସ ତାଙ୍କ ସହ ଦୁର୍ବ୍ୟବହାର କରିବା ସହ ଧକ୍କା ମାରି ଭ୍ୟାନରେ ବସାଇ ଥାନାକୁ ନେଇଥିବା ବିସିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ହରେକୃଷ୍ଣଙ୍କୁ ଥାନାକୁ ନିଆଯିବା ଖବର ପ୍ରଚାର ହେବା ପରେ ଟାଉନ ଥାନା ପରିସରରେ ବିସିଜେଡି ଓ ଯୁବ ବିଜେଡିର ନେତା ଓ କର୍ମୀଙ୍କ ଭିଡ଼ ଜମିଥିଲା। ଦଳର ଶତାଧିକ ଛାତ୍ର ଓ ଯୁବନେତାଙ୍କ ସହ ପୂର୍ବତନ ବିଧାୟକ ଏବଂ ରାଜ୍ୟସ୍ତରୀୟ ଯୁବନେତାମାନେ ଥାନାରେ ପହଞ୍ଚି ପୁଲିସ ବିରୋଧରେ ନାରାବାଜି କରିଥିଲେ। ଅଟକ ଛାତ୍ରନେତାଙ୍କୁ ନିଃସର୍ତ୍ତରେ ଛାଡ଼ିବା ଦାବିରେ ସେମାନେ ଥାନା ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସି ରହିଥିଲେ। ଫଳରେ ଥାନା ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନାମୟ ପରିସ୍ଥିତି ଲାଗି ରହିଥିଲା। ପୁଲିସ ପ୍ରତିବାଦକାରୀ ନେତାମାନଙ୍କ ସହ ଆଲୋଚନା କରିବା ପରେ ରାତି ପ୍ରାୟ ୯ଟା ୫୦ ମିନିଟରେ ହରେକୃଷ୍ଣଙ୍କୁ ଥାନାରୁ ଛାଡ଼ି ଦିଆଯାଇଥିଲା। ଥାନାରୁ ବାହାରିବା ପରେ ବିସିଜେଡି ଓ ଯୁବ ବିଜେଡିର କର୍ମୀମାନେ ହରେକୃଷ୍ଣଙ୍କୁ ମିଠା ଖୁଆଇ ସ୍ୱାଗତ କରିଥିଲେ। ଏହାପରେ ନାରାବାଜି ସହ ଏକ ଶୋଭାଯାତ୍ରା କରାଯାଇଥିବା ଜଣାପଡ଼ିଛି।

ଅପରିଚିତା

ଛନ୍ଦା ମିଶ୍ର

"ସାର୍, କିଛି ନ ଭାବିବେ ଯଦି, ମତେ ତିନି ଶହ ଟଙ୍କା ଧାର୍ ଦେବେ କି?" ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁଲି ଝିଅଟିକୁ। ଚିହ୍ନା ନାହିଁ ଜଣା ନାହିଁ, ଜଣେ ଏମିତି ହଠାତ୍ କାହାକୁ କ'ଣ ମୁହଁ ଖୋଲି ଟଙ୍କା ମାଗି ଦେଇ ପାରେ!

ମୁଁ ଟିକେ ଦୋଦୋପାଞ୍ଚ ହୋଇ କହିଲି, "ଟଙ୍କା...କିନ୍ତୁ...ମୁଁ ତୁମକୁ..."

"ନାଇଁ, ଆପଣ ମତେ ଜାଣି ନାହାଁନ୍ତି, ସତ କହିଲେ ମୁଁ ବି ଆପଣଙ୍କୁ ଭଲ କରି ଜାଣିନି। କିନ୍ତୁ ଆଜି ମୋର ଅଫିସ୍‌ରେ ପ୍ରଥମ ଦିନ ଆଉ ମୁଁ ଜଏନ୍ କରିବାର ସମୟ ଗଡ଼ି ଯାଉଛି, ତେଣୁ ବସ୍‌କୁ ଅପେକ୍ଷା ନ କରି କ୍ୟାବ୍‌ଟିଏ ଭଡ଼ା କରି ଚାଲିଯିବି ବୋଲି ଭାବିଲା ବେଳକୁ, କ'ଣ ହୋଇଛି କେଜାଣି ମୋ' ଫୋନ୍-ପେ ବି କାମ କରୁନାହିଁ। ଆଉ ମୋ' ପାଖରେ ଏତେ ସମୟ ବି ନାହିଁ ଯେ ଘର କୁ ଯାଇ ପଇସା ଆଣିବି। ତେଣୁ..."

ମୁଁ କିଛି ଭାବିବା ପୂର୍ବରୁ ମୋ' ହାତ ଆପେ ପ୍ୟାଣ୍ଟ ପଛ ପକେଟରେ ଥିବା ପର୍ସଟିକୁ କାଢ଼ି ସାରିଥିଲା। ତିନି ଶହ ଟଙ୍କା କାଢ଼ି ଝିଅଟିର ହାତରେ ଧରାଇ ଦେଲି। ସେ ଧନ୍ୟବାଦ ଦେଇ ଚାଲିଗଲା। ହେଲେ ପାଖରେ ଛିଡ଼ା ହୋଇ ମୋ' ପରି ବସ୍‌କୁ ଅପେକ୍ଷା କରିଥିବା ମହାନ୍ତି ବାବୁ, ଆରମ୍ଭ କଲେ, "ବୁଝିଲେ ଆଜ୍ଞା, ଆପଣଙ୍କୁ ଚୂନ ଲଗାଇ ଦେଲା। ଦିନ ବେଳଟାରେ ତିନି ଶହ ଟଙ୍କା ଠକି ନେଲା। ଆପଣ ଏପରି ଭୋଳା ଲୋକ ବୋଲି ମୁଁ ଜାଣି ନଥିଲି।"

"ନାଇଁ ମ, ଠକିବ କାହିଁକି! ପ୍ରକୃତରେ ଦରକାର ପଡ଼ିଥିବ ତାକୁ, ନହେଲେ କିଏ କ'ଣ କାହାକୁ ଏମିତି ହାତ ପତେଇ ଦେଇ ପାରେ! ଅବଶ୍ୟ ମୁଁ ଏ ଅଞ୍ଚଳରେ ନୂଆ, ଆପଣ ମୋଠାରୁ ଅଧିକ ଜାଣିଥିବେ, କିନ୍ତୁ ଏଇ କିଛି ଦିନ ଏଇ ଛକରୁ ବସ୍ ଧରିବା ଭିତରେ, କେତେ ଥର ମୁଁ ଏ ଝିଅଟିକୁ ଦେଖିଛି। ଏଇ ପାଖରେ ବୋଧେ କୋଉଠି ରହୁଛି..."

ମୋ ପାଟିରୁ କଥା ଛଡ଼ାଇ ନେଇ ମହାନ୍ତି ବାବୁ କହିଲେ, "ହଁ ମ...ସେଇ ବୁଢ଼ା ବରଗଛ ପାଖ ଗଳିରେ, ତା' ବାପା ଗୋଟେ ପାନ ଦୋକାନ କରିଛି। ଏଇ ଛୋଟ ଲୋକଗୁଡ଼ାକଙ୍କର ଏଇ ହେଉଛି ଖୋଇ। ଅଭାବେ ସ୍ୱଭାବ ନଷ୍ଟ ବୋଲି କ'ଣ ଖାଲିଟାରେ କୁହାଯାଇଛି! ଚିହ୍ନା ନାହିଁ ଜଣା ନାହିଁ, ତୁ ଝିଅ ଛୁଆଟା, ଏମିତି ଆସି ତିନି ଶହ ଟଙ୍କା ମାଗି ନେଲୁ! ଦେଖିବେ ସେ ଆଉ ଟଙ୍କା ଫେରାଇବ ନାହିଁ।"

"ଆପଣ ସେମିତି କାହିଁକି ଭାବୁ ଛନ୍ତି ଯେ..."

ବସ୍ ଆସିଗଲା। କଥା ସେଇଠି ରଖି ଆମେ ବସ୍‌ରେ ଚଢ଼ିଲୁ।

ତେବେ ପରଦିନ ପରଦିନ କରି ତିନି ଦିନ ଧରି ସେ ଝିଅଟିର ଦେଖା ମିଳିଲା ନାହିଁ। କିନ୍ତୁ କାହିଁକି କେଜାଣି ମତେ ଲାଗୁଥିଲା, ଝିଅଟି ନିଶ୍ଚୟ ଆସିବ, ଟଙ୍କା ଫେରାଇବାକୁ। ହେଲେ ପାଞ୍ଚ ଦିନ ହେଇଗଲା ଯେତେବେଳେ, ମୁଁ ଆଶ୍ଚର୍ଯ୍ୟ ହେଲି, ବୋଧେ ମହାନ୍ତି ବାବୁଙ୍କ କଥା ସତ ହେବାକୁ ଯାଉଛି ପରି ମତେ ଲାଗିଲା । ନିଜେ ହିଁ ତ ବାହାଦୁରି ଦେଖାଇ ଟଙ୍କା ବଢ଼େଇ ଦେଇଚି, କହିବି କାହାକୁ! ମହାନ୍ତି ବାବୁଙ୍କୁ ଦେଖି ନ ଦେଖିବା ପରି ରହିବାରୁ ସେ ହିଁ ପାଖକୁ ଆସି କଥା ଆରମ୍ଭ କଲେ, "କ'ଣ ଆପଣଙ୍କୁ ଟଙ୍କା ମିଳିଲା?"

କହିଲି, "ନା ବୋଧେ ଆପଣଙ୍କ କଥା ସତ ହେବ କି କ'ଣ!"

"ନିହାତି ହେବ। ଖାଲିଟାରେ ଏ ମୁଣ୍ଡ ଉପରେ ବାଳ ଧଳା ହୋଇନି ମ ଆଜ୍ଞା। ଲୋକକୁ ଦେଖି ତା'ର ପ୍ରକୃତି କିପରି ତା' ମୁଁ କହି ଦେଇପାରେ। ଆଉ ରହିଲା ପଇସା ଦେବା କଥା, ଏ ଦୁନିଆ ଖୁବ୍ ଅଦ୍ଭୁତ ଆଜ୍ଞା। ଏଠି ପଇସା ଦେବାକୁ, କାମ କରିବାକୁ ଆଉ ମରିବାକୁ କେହି ଭଲ ପାଆନ୍ତି ନାହିଁ। ଏଠି ଆଜ୍ଞା ଧାର୍ ମାଗିବାକୁ ସମସ୍ତେ ଆଗଭର ମାତ୍ର ଧାର ଶୁଝିବାକୁ କେହି ଆସିବେ ନାହିଁ, ଓଲଟି ଆପଣଙ୍କ ନିଜ ଟଙ୍କା ଆପଣ ନିଜେ ମାଗିଲେ ଅପଦସ୍ତ ହେବାଟା ସାର। ପ୍ରଥମ ଲୋକ ଦେଖିଲି ଆପଣ ଯିଏ ମୁହଁରୁ ବାହାରୁ ବାହାରୁ ଟଙ୍କା କାଢ଼ି ଧରେଇ ଦେଲେ।"

"ମୁଁ ଭାବିଲି, ମୋ ଝିଅ ବୟସର ଝିଅଟା, ଅସୁବିଧାରେ ପଡ଼ି ମାଗୁଛି ଯେତେବେଳେ..."

ମୋ କଥା ସରିନାହିଁ, ଆଉ ଶୁଭିଲା, "ସାର୍!" ବୁଲି ଚାହିଁଲି। ସେ ଝିଅଟି ତରବର ହୋଇ ପାଖକୁ ଆସି, ଧଇଁସଇଁ ହୋଇ କହିଲା, "କ୍ଷମା ଚାହୁଁଚି ସାର୍, ଟିକେ ଡେରି ହୋଇଗଲା। ଏଇ ନିଅନ୍ତୁ ଆପଣଙ୍କ ଟଙ୍କା। ସେଦିନ ମୁଁ ଅଫିସ୍ ଯାଇ ଫେରିଲା ପରେ ବାପାଙ୍କର ହଠାତ୍ ଦେହ ଖରାପ ହେବାରୁ ତାଙ୍କୁ ନେଇ ଡାକ୍ତରଖାନା ଯିବାକୁ ପଡ଼ିଲା। ସେଠି ତିନିଦିନ ରହିବାକୁ ହେଲା, ଯେଉଁଥିପାଇଁ ମୁଁ ଚାହିଁ କରି ବି ଆପଣଙ୍କ ପାଖକୁ ଆସି ପାରିଲି ନାହିଁ। ସରି ସାର୍..."

ପଚାରିଲି, "ଏବେ ବାପା କେମିତି ଅଛନ୍ତି?"

"ଏବେ ଟିକେ ଭଲ ଅଛନ୍ତି ସାର୍।" ଉଭୟେ ଉଭୟଙ୍କୁ ଚାହିଁ ହସିଲୁ।

ବସ୍ ଆସିଗଲା, ଆମେ ବସ୍‌ରେ ଚଢ଼ିଲୁ। କିଛି ସମୟ ପୂର୍ବରୁ ଖୁବ୍ ଲମ୍ବା ଭାଷଣ ଦେଇଥିବା ମହାନ୍ତି ବାବୁ ଚୁପ୍ ଚାପ୍ ନିଜ ମୋବାଇଲ୍ ଦେଖୁଥିଲେ। ଆଉ ବାହାରକୁ ଚାହିଁ ମୁଁ ଭାବୁଥିଲି, ସମସ୍ତଙ୍କୁ ସମାନ ମାପ କାଠିରେ ମାପି ଆମେ କେତେ ଭ୍ରମରେ ରହେ ସତେ! ତେବେ ଝିଅଟି ଆଉ ମୋର ଅପରିଚିତା ନଥିଲା, ମୋ ପରିଚିତ ଭଲ ଲୋକଙ୍କ ତାଲିକାରେ ମୁଁ ତା'ର ନାଁ ଚଢ଼େଇ ସାରିଥିଲି। ସବୁଠାରୁ ଅଧିକ ସାନ୍ତ୍ୱନା ମତେ ମିଳିଥିଲା ଏୟା ଭାବି ଯେ, ଏତେ ଲୋକ ଥାଉ ଥାଉ ଝିଅଟି ମତେ ନ ଚିହ୍ନି ବି ଟଙ୍କା ମାଗିବା ପାଇଁ ଭରସା କରି ପାରିଥିଲା। ■

ମୋ: ୯୪୩୭୪୫୩୬୧୦

ପୁସ୍ତକ ପରିଚୟ

ସର୍ବନାମ

ବଂଶୀଧର ଷଡ଼ଙ୍ଗୀ



ଟାଇମ୍ ପାସ୍
ନୀଳକଣ୍ଠେଶ୍ୱର ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୧୯୫ ଟଙ୍କା ମାତ୍ର

"ବେଳେବେଳେ ମିଛଟିଏ ମଧ୍ୟ/ ସତରେ ପରିଣତ ହୋଇ ଯାଇପାରେ।/ ତେଣୁ ମିଛ ସତର/ ସୀମା ନିର୍ଦ୍ଧାରଣ କରିବା ସହଜ ନୁହେଁ।/ ଆପଣ ମିଛ ନା ସତ; ନା ଉଭୟ?" (ପୃଷ୍ଠା:୫୪) ଏହା ହିଁ ଜୀବନର ବାସ୍ତବତା। ଏ ବିଶ୍ୱ ବ୍ରହ୍ମାଣ୍ଡରେ କାହାର ସ୍ଥିତିକୁ ଅସ୍ୱୀକାର କରାଯାଇପରେ ନାହିଁ। ଏଭଳି ବାସ୍ତବ ଜୀବନ ଓ ଆଧ୍ୟାତ୍ମିକ ଉତ୍ତରଣର ଚିତ୍ର ପ୍ରତିଫଳିତ ହୋଇଛି କବି ବଂଶୀଧର ଷଡ଼ଙ୍ଗୀଙ୍କ 'ସର୍ବନାମ' ପୁସ୍ତକର ଅନେକ କବିତାରେ। ଏହି ପୁସ୍ତକର 'ଚିତ୍ର', 'ମାୟା', 'ଚଲାବାଟ', 'ଚିତ୍ର ପ୍ରତିମା', 'କିଏ କହିବ', 'ତୁମକୁ ଅପେକ୍ଷା', 'ଏଣୁତେଣୁ', 'କବାଟ', 'କାହାକୁ ଜଣା', 'ତୁମକୁ ଅପେକ୍ଷା', 'ନଈ', 'ପାରୁଛ ଯଦି' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଅନେକ କବିତା ଏକ ସ୍ଥୂଳ ଜଗତରୁ ସୂକ୍ଷ୍ମ ସତ୍ତା ଆଡ଼କୁ ପାଠକକୁ ଉତ୍ତୋଳିତ କରିନିଏ। ଜୀବନର ସତ୍ୟ ଓ ଅସ୍ତିତ୍ୱକୁ ନିବିଡ଼ ଭାବରେ ଅନୁଭବ କରିହୁଏ କବିଙ୍କ କାବ୍ୟ ଚେତନାରେ। ଚିତ୍ରକଳ୍ପ, ପ୍ରତୀକ, ବିମ୍ବ ଆଦିର ପ୍ରୟୋଗ ଯୋଗୁଁ ଏହି ପୁସ୍ତକର କବିତାଗୁଡ଼ିକ ଅଧିକ ପ୍ରାଣସ୍ପର୍ଶୀ ହୋଇଛି। 'ସର୍ବନାମ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

କିସ ପୁଣି ଦେଖା ନ ଯାଏ

ପୀତବାସ ରାଉତରାୟ

ଜଗନ୍ନାଥ ରଥ
ବିନୋଦ ବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୩୧୦ ଟଙ୍କା ମାତ୍ର

ହାସ୍ୟ-ବ୍ୟଙ୍ଗ ରଚନା ଭିତରେ ପ୍ରତିଫଳିତ ହୋଇଥାଏ ଏକ ସାମାଜିକ ସଚେତନତାର ବାର୍ତ୍ତା। ନିକଟରେ ପ୍ରକାଶ ପାଇଛି ପୀତବାସ ରାଉତରାୟଙ୍କ ହାସ୍ୟବ୍ୟଙ୍ଗ ଗଳ୍ପଗୁଚ୍ଛ 'କିସ ପୁଣି ଦେଖା ନ ଯାଏ'। ଏହି ପୁସ୍ତକରେ ସାମାଜିକ, ପାରିବାରିକ, ଆଧ୍ୟାତ୍ମିକ, ସାହିତ୍ୟିକ, ରାଜନୈତିକ ବ୍ୟଙ୍ଗ ଗଳ୍ପଗୁଡ଼ିକ ସଂକଳିତ ହୋଇଛି। ପ୍ରତିଦିନ ସମାଜରେ ଘଟୁଥିବା ବିଭିନ୍ନ ଘଟଣା, ପ୍ରସଙ୍ଗକୁ ନେଇ ଅତି ଚମତ୍କାର ଭାବେ ତେରଛା ଦୃଷ୍ଟିକୋଣ ନେଇ ଲେଖକ ହାସ୍ୟବ୍ୟଙ୍ଗର କାହାଣୀ ଗଢ଼ିଛନ୍ତି । 'ଗରଳେ କଲୁ ଅଧିକାରୀ', 'ଓଡ଼ିଆ ଅସ୍ମିତା ଓ ପେଟପୂଜା ଡଟ୍ କମ୍', 'କିସ ପୁଣି ଦେଖା ନ ଯାଏ', 'ମୋ ପତ୍ନୀ ଅଭିଯାନ', 'ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ', 'ଜୀବନ ଧନ ମୋର ପଖାଳ କଂସା', 'ବନ୍ଦେ ଉତ୍କଳଟ ଜନନୀ', 'ଅକ୍ଷରେ ଅକ୍ଷରେ ରାଜନୀତି' ପ୍ରଭୃତି ଗଳ୍ପଗୁଡ଼ିକ ହସର ଖୋରାକ ଯୋଗାଇବା ସହିତ ସାଂପ୍ରତିକ ସମାଜର ବାସ୍ତବତା ସଂପର୍କରେ ଚିନ୍ତା କରିବା ପାଇଁ ସୁଯୋଗ ସୃଷ୍ଟି କରିବ। ପ୍ରତି ଗଳ୍ପରେ ହାସ୍ୟ ସହିତ ସମାଜ ସଂସ୍କାର ଓ ସଚେତନତାଧର୍ମୀ ମହତ ବାର୍ତ୍ତା ରହିଛି। 'କିସ ପୁଣି ଦେଖା ନ ଯାଏ'ର ବ୍ୟଙ୍ଗ ଗପଗୁଡ଼ିକ ପାଠକଙ୍କ ମନକୁ ଛୁଇଁ ପାରିବ ବୋଲି କରାଯାଏ। ■

ଲୋକଥାରେ ଲୋକଦେବତା

ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛି



କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍‌ରୋଡ୍
ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୩୫୦ ଟଙ୍କା ମାତ୍ର

ବିଭିନ୍ନ ଦେବଦେବୀଙ୍କୁ ନେଇ ରହିଛି ଅନେକ ଲୋକକଥା, କାହାଣୀ, କିମ୍ବଦନ୍ତୀ। ଯାହା ଶୁଣିଲେ ମଣିଷ ମନ ଭିତରେ ଦେବଦେବୀଙ୍କ ପ୍ରତି ଗଭୀର ଭକ୍ତି ଭାବ ସୃଷ୍ଟି ହୋଇଥାଏ। ସେଭଳି କିଛି ଦେବଦେବୀଙ୍କ ଅଲୌକିକ କାହାଣୀକୁ ନେଇ ପ୍ରକାଶ ପାଇଛି ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛିଙ୍କ 'ଲୋକକଥାରେ ଲୋକଦେବତା' ପୁସ୍ତକର ପ୍ରଥମ ଭାଗ। ଏହି ପୁସ୍ତକର 'ଅଧାଗଢ଼ା ମୂର୍ତ୍ତି', 'ସୁଭଦ୍ରାଙ୍କ ବ୍ରହ୍ମାସ୍ୱରୂପ ଦର୍ଶନ, 'ସିଂହଦ୍ୱାର ଗୁମୁଟର ପତିତପାବନ', 'ବାଇଶି ପାହାଚରେ କାଶୀ ବିଶ୍ୱନାଥ', 'ଶ୍ରୀକ୍ଷେତ୍ରେ କପାଳମୋଚନ', 'ଶ୍ରୀକ୍ଷେତ୍ରେ ଶ୍ରୀଲୋକନାଥ', 'ମନ୍ଦିର ବେଢ଼ାରେ ଭଣ୍ଡ ଗଣେଶ', 'ଶ୍ରୀକ୍ଷେତ୍ରେ ଶ୍ରୀହନୁମାନ ବିଜେ, 'ଶ୍ରୀମନ୍ଦିର ପରିସରରେ ଭୁବନେଶ୍ୱରୀ', 'ଭିତର ବେଢ଼ାରେ ସାକ୍ଷୀଗୋପାଳ' ଆଦି ଆଲେଖ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର ଭିତର ବେଢ଼ା ଦେବଦେବୀଙ୍କ ମହାତ୍ମ୍ୟ, ବିଭିନ୍ନ ଲୋକକଥାକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି। ଦେବଦେବୀଙ୍କ ସଂପର୍କରେ ତଥ୍ୟ ଭିତ୍ତିକ ଲେଖା, କିମ୍ବଦନ୍ତୀ, ଆଧ୍ୟାତ୍ମିକ ଭାବନା ପାଠକମାନଙ୍କ ଭିତରେ ଭକ୍ତିଭାବ ସୃଷ୍ଟି କରିବ ନିଶ୍ଚୟ। 'ଲୋକକଥାରେ ଲୋକଦେବତା' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

ପଡ଼ିଛି ପଥର ହୋଇ

ସତ୍ୟନାରାୟଣ ଗନ୍ତାୟତ

ତୁଠରେ ବତୁରେ
ଆତୁର ହୋଇ
ଅଳତା ମଖା ପାଦର
ମାଜଣା ଟିକିଏ ପାଇଁ
ମନ୍ଦିର ଗାତ୍ରରେ
ଅଧୀର ହୋଇ
ଜୀବନ ସଙ୍ଗୀତ
ମନେ ମନେ ଯାଏ ଗାଇ !

ପଡ଼ିଛି ଏମିତି
ଏଠି ମୁଁ ପଥର ହୋଇ
ତୁମରି ଦୁଃଖରେ
ମୋ ଲୁହର ସୁଅ
ଛାତି ଫାଟି ଯାଏ ବୋହି ! ■

'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା : ୭୬୫୦୦୧
ମୋ: ୯୪୩୭୯୦୯୭୭୫

ପାପ ପୁଣ୍ୟ

ସୁଶୀଲ କୁମାର ପାଣିଗ୍ରାହୀ

ମାଂସ ଦୋକାନରେ
ଗୋଟିଏ ଗୋଟିଏ ଚିତ୍କାର
ଗୋଟିଏ ଗୋଟିଏ ପ୍ରାର୍ଥନା

ପହଞ୍ଚି ପାରେନି କେଉଁଠି

ଧୂପକାଠିର ସୁଗନ୍ଧ
ବିସରିତ ସବୁ କୋଣ
ସବୁ କ୍ଷଣ
କଟା ମାଂସ ଓ ରକ୍ତର
ଗନ୍ଧ ଭିତରେ
ଘୋଳି ହେଇଯାଏ

ଧୂପର ସୁଗନ୍ଧରେ
ଲୁଚି ଯାଏନି
କଟା ମାଂସ ଓ ରକ୍ତର ଗନ୍ଧ

ଯେତେ ଗାଢ଼ ହେଉ
ସୁଗନ୍ଧ
ଲୁଚାଇ ପାରେନି...

ଜୀବନ ଖାତାରେ
ହିସାବ ଜଳ ଜଳ। ■

କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ୍ -୨୦୩
ସମ୍ବଲପୁର-୨
ମୋ: ୯୪୩୭୮୦୫୯୬୧

ସୁନ୍ଦର ତୃପ୍ତିର ଅବସାଦ ନାହିଁ...

ଅକ୍ଷୟ କୁମାର ରାଉତ

ସୁଖଦୁଃଖର ମିଳିତ ସମାହାର ଏ ମଣିଷ ଜୀବନ। କେଉଁଠି ହାହାକାର ତ କେଉଁଠି ସୁଖ ଆନନ୍ଦର ଜୁଆର। କାହା ଜୀବନ ରଙ୍ଗମଞ୍ଚରେ ଭୂକମ୍ପ ତ, କାହାର ଜୀବନରେ ଆନନ୍ଦର ବନ୍ୟା। ଦୁଃଖ, ବିଷାଦ, ନିରାନନ୍ଦ, ବେଦନା, ଅବସାଦକୁ କବିବର ରାଧାନାଥ ରାୟ ନିଜ ଜୀବନରେ ଭୋଗ କରିଛନ୍ତି। ତଥାପି ସେ ନିଜ କାବ୍ୟଗୁଡ଼ିକରେ ସୌନ୍ଦର୍ଯ୍ୟର ବର୍ଣ୍ଣନା ଅତି ଚମତ୍କାର ଭାବରେ କରିଛନ୍ତି। 'ଚିଲିକା' ହେଉଛି କବିବର ରାଧାନାଥ ରାୟଙ୍କ ଏକ ହୃଦୟସ୍ପର୍ଶୀ ଖଣ୍ଡକାବ୍ୟ। କବିବର ଥିଲେ ସୌନ୍ଦର୍ଯ୍ୟର ମୁଗ୍ଧ ଉପାସକ। ମନୋରମ ଚିଲିକାର ଅପୂର୍ବ ଶୋଭା ବର୍ଣ୍ଣନାରେ କବିଙ୍କ ଲେଖନୀ ଚଳଚଞ୍ଚଳ ହୋଇଉଠିଛି। ସୌନ୍ଦର୍ଯ୍ୟର ପୂଜାରୀ କବି ରାଧାନାଥ 'ଚିଲିକା'କୁ ଯେଉଁ ମଧୁମୟ ରମ୍ୟଶୋଭାର ଗନ୍ତାଘର ଭାବରେ ଅନୁଭବ କରିଛନ୍ତି ତା'ର ପଟାନ୍ତର ନାହିଁ। କବିଙ୍କ ଭାଷାରେ ଚିଲିକା ହେଉଛି ଉତ୍କଳର ସକଳ ସୌନ୍ଦର୍ଯ୍ୟର ଗନ୍ତାଘର।

ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ ନୀଳାମ୍ବୁ ଚିଲିକା।

ଚିଲିକାର ନୀଳ ନିର୍ମଳ ତରଙ୍ଗାୟିତ ଜଳରାଶି, ନାନାଜାତିର ବିହଙ୍ଗମାନଙ୍କ କଳରବ, ପାହାଡ଼ ପର୍ବତର ମନୋରମ ଦୃଶ୍ୟ। ମହିମାମଣ୍ଡିତ ଉତ୍କଳର ଶୋଭାଭଣ୍ଡାର ଚିଲିକା ପ୍ରତି କବିଙ୍କର ଆକର୍ଷଣ ଅନନ୍ୟ। ଚିଲିକାର ପ୍ରାକୃତିକ ସୁଷମା ରାଜିରେ କବି ଅଭିଭୂତ ହୋଇଛନ୍ତି। ଦିନେ ଯେଉଁ ପ୍ରକୃତି ଅପହଞ୍ଚ ଥିଲା, କବିଙ୍କ ଦୃଷ୍ଟିରେ ତାହା ନିକଟତର ହେଲା। ନିଶ୍ଚଳ ପ୍ରକୃତି ରାଧାନାଥଙ୍କ ସାହିତ୍ୟରେ ଚଳଚଞ୍ଚଳ ଓ ସୁଷମାରାଜିରେ ଚମତ୍କାର ହୋଇଉଠିଲା। ଚିଲିକାର ରମଣୀୟ ଛବି ରାଧାନାଥଙ୍କ ମନରେ ଯେଉଁ ଅମୃତର ପ୍ଲାବନ ଭରିଦେଲା, ତାହାର ରୂପରେ ମୁଗ୍ଧ ହୋଇ କବି ଗାଇ ଉଠିଲେ-

ଚାରୁଛବି ତୋର ସେହି ବିଭୀଷିକା
ତଡ଼ିଦେଲା ମନୁ ନିମିଷେ ଚିଲିକା।

ସାରା ଭାରତବର୍ଷର ପ୍ରାକୃତିକ ଶୋଭାର ଦିବ୍ୟ ଅନୁଭୂତି ସାଂସାରିକ ଜୀବନର ସୁଖ-ଦୁଃଖର ଦାର୍ଶନିକ ତତ୍ତ୍ୱକୁ ନେଇ ଯେଉଁ ଅମୃତମୟ ପଦ ପଙ୍କ୍ତି କବି ପ୍ରକାଶ କରିଛନ୍ତି, ତାହାର ପ୍ରାକୃତିକ ସୌନ୍ଦର୍ଯ୍ୟ କବିଙ୍କ ମନ ମନ୍ଦିରରେ ଘର କରି ରହିଅଛି। ଏତେ ଦୁଃଖ ଭିତରେ କବି ସମସ୍ତ ସମ୍ପଦରେ ପରିପୂର୍ଣ୍ଣ ଉତ୍କଳର ଆଗାମୀ ଭବିଷ୍ୟତ ଦେଖି ପାରୁଛନ୍ତି। ସେ ଆଶାବାଦୀ ହୋଇ ଚିଲିକାର ରମ୍ୟଶୋଭାର ଯୋଗ୍ୟସ୍ଥଳ ମନେ କରି ଗାଇଛନ୍ତି-

ପାହିଲାଣି ଘୋର ତାମସୀ ଯାମିନୀ
ଫୁଟିବ ଉତ୍କଳ ଭାଷା କମଳିନୀ

X X X X

ବାଣୀ ଆବିର୍ଭାବ ଯୋଗ୍ୟସ୍ଥଳ ଜାଣି
ଆଶ୍ରିବେ ତୋ ତୀର ବୁଧ, କବି, ଜ୍ଞାନୀ।

ପ୍ରକୃତିର ଉପାସକ କବିବର ଚିଲିକା କାବ୍ୟରେ ଯେଉଁ ଜୀବନ ଦର୍ଶନ ଅତି ଚମତ୍କାର ଭାବରେ ପ୍ରକାଶ କରିଛନ୍ତି, ଏଥିରେ ଆନନ୍ଦ-ବିଷାଦ, ଆଶା-ନୈରାଶ୍ୟର ଭାବକୁ ବୁଝିପାରି କବି ଏକ ଜାତିର ସମୃଦ୍ଧି ଭବିଷ୍ୟତ ଦେଖି ପାରିଛନ୍ତି। ସୌନ୍ଦର୍ଯ୍ୟ ମାଧ୍ୟମରେ ଜୀବନ ଜଗତର କଳାତ୍ମକ ଅନୁଭୂତିର ଅବର୍ଣ୍ଣନୀୟ ସତ୍ୟକୁ କବି ଗ୍ରହଣ କରି ମୁଗ୍ଧ ହୋଇଛନ୍ତି। ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାକୁ ସ୍ଥୂଳ ଦୃଷ୍ଟିରେ ନ ଦେଖି ସୂକ୍ଷ୍ମଦୃଷ୍ଟିରେ ଦେଖିଛନ୍ତି। କବିଙ୍କ ଦୃଷ୍ଟିରେ ଏକ ଅସାଧାରଣ ସ୍ୱାତନ୍ତ୍ର୍ୟ 'ଚିଲିକା' କାବ୍ୟରେ ପ୍ରତିଫଳିତ ହୋଇଛି। ଚିଲିକାର ନୀଳ ଜଳରାଶି, ସବୁଜ ପର୍ବତମାଳା, ବୃକ୍ଷଲତା, କୁରଙ୍ଗ, କୁରଙ୍ଗୀ, ରଙ୍ଗ ବେରଙ୍ଗର ପକ୍ଷୀ, ଛୋଟ ଛୋଟ ପାହାଡ଼ର ଦ୍ୱୀପମାଳା କବି କଳ୍ପନାରେ, ପ୍ରକୃତି ତା'ର ସମସ୍ତ ସୌନ୍ଦର୍ଯ୍ୟକୁ ଏହିଠାରେ ଠୁଳ କରିଛି। ସୁଶୋଭିତ ଚିଲିକାର ସୌନ୍ଦର୍ଯ୍ୟକୁ କବି ବା ଭାବୁକଟିଏ ଯେତେ ଦେଖିଲେ ବି ତାକୁ ପୁଣି ଦେଖିବାକୁ ଇଚ୍ଛା ହୁଏ। ନୂଆ ରୂପରେ, ନୂଆ ଢଙ୍ଗରେ ଖଣ୍ଡାହଣା ପର୍ବତ, ଗଉଣିଆ ପର୍ବତ, ମୈନାକ ଶିଖରୀ ଆଦି ପର୍ବତଗୁଡ଼ିକ ଚିଲିକାର ପରିବେଶକୁ ବେଶ୍ ସୌନ୍ଦର୍ଯ୍ୟମୟ କରିଛି। ଚିଲିକାର ସୌନ୍ଦର୍ଯ୍ୟ କବିଙ୍କ କଳ୍ପନାର ବାହାରେ। ସେଥିପାଇଁ କବି ଭାବପୂର୍ଣ୍ଣ ଆବେଗରେ ଗାଇଛନ୍ତି:-

ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ନୂଆ ଦିଶୁଥାଇ।

ସ୍ୱଭାବେ ଉତ୍କଳ ସୁନ୍ଦର। ଆହୁରି ସୁନ୍ଦର କରିଛି ଚିଲିକା, ତା'ର ଶୁଭ୍ରତା, ସୌନ୍ଦର୍ଯ୍ୟ, ପବିତ୍ରତାର ଶ୍ୟାମଳ ତୀର। ଅସ୍ତକାଳୀନ ସୂର୍ଯ୍ୟର ଅଙ୍ଗଶୋଭା ଚନ୍ଦ୍ରିକା ଚର୍ଚ୍ଚିତ ଆକାଶର ପ୍ରତିବିମ୍ବ ରୂପ ଚିଲିକାର ଜଳ ରାଶି କବିଙ୍କୁ କରିଛି ଆନମନା। ସେଥିପାଇଁ ରାଧାନାଥଙ୍କ ଦୃଷ୍ଟିରେ ଚିଲିକା ହେଉଛି ସତ୍ୟ-ଶିବ-ସୁନ୍ଦରର ପ୍ରତୀକ। କବି ତାଙ୍କ କୁଶଳତା ଦ୍ୱାରା ଚିଲିକାର ଯେଉଁ ଜୀବନ୍ତ ସୌନ୍ଦର୍ଯ୍ୟ ପ୍ରଦାନ କରିଛନ୍ତି ତାହା ଅନନ୍ୟ-ଅସାଧାରଣ। ଏହି କାରଣରୁ ଚିଲିକା ହୋଇପାରିଛି ଉତ୍କଳର ଚାରୁ ଅଳଙ୍କାର, ଯାହାର ଶୋଭା ଭାବୁକମାନଙ୍କୁ କରିଛି ମୋହିତ। ଚିଲିକାର ମଧୁର ରୂପ ମଣିଷ ମନରୁ ସଂକୀର୍ଣ୍ଣତା ଦୂର କରି ଏକ ପ୍ରାକୃତିକ ଚେତନାରେ ଅଭିଭୂତ କରିଛି। ପ୍ରକୃତି ରୂପୀ ଚିଲିକା ତା'ର ମଧୁର ସୌନ୍ଦର୍ଯ୍ୟରେ ଉତ୍କଳୀୟମାନଙ୍କୁ ଯେଉଁ ସୁନ୍ଦର ଉପଭୋଗ ଦେଇଛି ତାହା ଅବର୍ଣ୍ଣନୀୟ। ଏହି ସୌନ୍ଦର୍ଯ୍ୟର ସ୍ୱରୂପ ଆକଳନ ଅସମ୍ଭବକୁ କବି ଅବେଗପୂର୍ଣ୍ଣ ଭାବରେ ତାଙ୍କ କାବ୍ୟରେ ସମଗ୍ର ଉତ୍କଳୀୟ ମଧ୍ୟରେ ପରିବେଷଣ କରିଛନ୍ତି। ■



ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ: ୯୯୩୭୬୯୧୪୭୫

ବିଜେଡିର ଅଭିଯୋଗ: ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରୁଛି

ଭୁବନେଶ୍ୱର,୧୦।୧୦(ସମିସ): ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ କରିବାକୁ ବିଜେପି ହୀନ ପ୍ରୟାସ ଜାରି ରଖିଛି। ନିର୍ବାଚନ ପାଇଁ ଥିବା ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବିଜେପି ସରକାର ହାଇଜାକ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଥିବା ଅଭିଯୋଗ କରି କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ବ୍ୟୋମକେଶ ରାୟ, ବିଧାୟକ ସାରଦା ପ୍ରସନ୍ନ ଜେନା ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଛନ୍ତି।

ଡ. ବ୍ୟୋମକେଶ ରାୟ କହିଥିଲେ ଯେ ବିଜେଡି ପକ୍ଷରୁ ଯାହା ସନ୍ଦେହ କରାଯାଉଥିଲା ତାହା ସତ୍ୟ ହୋଇଛି। ଛାତ୍ର ସଂସଦ ନିର୍ବାଚନକୁ ବିଜେପି ସପକ୍ଷରେ କରିବା ପାଇଁ ରାଜ୍ୟ ସରକାର ନିର୍ବାଚନ ନୀତି ନିୟମର ଧଜିଆ ଉଡାଇ ଦେଇଛନ୍ତି। କିପରି ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହେବ, ସେନେଇ ବିଜେପି କାର୍ଯ୍ୟ କରୁଛି। ଲିଙ୍ଗଡୋ କମିଶନ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ ହେଉଛି। ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ କଲେଜରେ ବିଜେଡି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ଥିବାବେଳେ ସେଠାରେ ରାଜ୍ୟ ସରକାର ନିର୍ବାଚନ ବାତିଲ କରିବା ସହ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିଦେଇଛନ୍ତି। ନୟାଗଡ଼ କଲେଜ ମଧ୍ୟକୁ ବାହାର ପିଲା ଅନଧିକୃତ ଭାବେ ପ୍ରବେଶ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାତି ଅଧିଆ ଅନଧିକୃତ ଭାବେ ପ୍ରବେଶ କରି ଦାଣ୍ଡିଆ ନାଇଟ ପାଳନ କରିଥିଲେ। ବିଜେଡି ପ୍ରାର୍ଥୀମାନଙ୍କୁ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପାଇଁ ବିଜେପିର ମନ୍ତ୍ରୀ ଓ ବିଧାୟକ ଚାପ ପକାଉଛନ୍ତି। ବିଜେଡି ଶାସନ କାଳରେ ଏମିତି କେବେ ହୋଇନଥିଲା। ସରକାରୀ କଳର ଅପବ୍ୟବହାର କରି ନିର୍ବାଚନ ଜିତିବାକୁ ବିଜେପି ପ୍ରୟାସ କରୁଛି। ରାଜନୀତିର ପଶା ପାଲିରେ ଛାତ୍ରଛାତ୍ରୀଙ୍କ

ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରୁଛି ବିଜେପି। ବିଜେପି ସରକାରକୁ ଜେନ ଜି ଭୟ ଘାରିଛି। ବିଜେପିର ଏହି ଅରାଜକତାକୁ ରୋକିବା ପାଇଁ ବିଜେଡି ଲଢେଇ ଜୋରଦାର କରିବ।

ସାରଦା ପ୍ରସନ୍ନ ଜେନା କହିଥିଲେ ଯେ ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାର ପକ୍ଷପାତିତା କରୁଛନ୍ତି। ଯେଣତେଣ ପ୍ରକାରେ ନିଜ ସପକ୍ଷରେ ନିର୍ବାଚନ ଫଳାଫଳ କରିବା ପାଇଁ ବିଜେପି ଉଦ୍ୟମ କରୁଛି। ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ନାହିଁ, ସେଠାରେ ଉଦ୍ଦେଶ୍ୟମୂଳକ ଭାବେ ନିର୍ବାଚନ ବାତିଲ କରାଯାଉଛି। ରାଜ୍ୟର ୨୦୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବାତିଲ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ବିଜେପିର ମନ୍ତ୍ରୀ ଓ ବିଧାୟକ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହେଉଥିବା ବେଳେ ନିର୍ବାଚନ ନିରପେକ୍ଷତା ନେଇ

- **ଲିଙ୍ଗଡୋ କମିଶନ ନିୟମର ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି ରାଜ୍ୟ ସରକାର**
- **ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଛି**
- **ବିଜେଡି ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତ୍ୟାହାର ପାଇଁ ଚାପ ପକାଉଛନ୍ତି ବିଜେପି ମନ୍ତ୍ରୀ ଓ ବିଧାୟକ**

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚନ ଫଳାଫଳ ନିଜ ସପକ୍ଷରେ କରିବା ପାଇଁ ରାଜ୍ୟ ସରକାର ତଞ୍ଚକତା କରି ତରବରିଆ ଭାବେ ନିର୍ବାଚନ ଘୋଷଣା କରିଛନ୍ତି। ସରକାରୀ କଳ ବଳ ଲଗାଇ ନିର୍ବାଚନ ଜିତିବାକୁ ଲାଗି ପଡିଛନ୍ତି। ଜେନ ଜି ମାନଙ୍କ ଭବିଷ୍ୟତ ସହ ସରକାର ଖେଳୁଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ଇପ୍ସିତା ସାହୁ କହିଥିଲେ ଯେ ବିସିଜେଡି ପିଲା ଶାନ୍ତି ଶୃଙ୍ଖଳା ମଧ୍ୟରେ ନିର୍ବାଚନ କରିବାରେ ଲାଗିଛନ୍ତି। ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ କ୍ୟାମ୍ପସରେ ବିସିଜେଡି ପ୍ରାର୍ଥୀ ମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ମନ୍ତ୍ରୀଙ୍କ ଚାପ ସତ୍ତ୍ୱେ ଅନେକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ବିସିଜେଡି ପ୍ରାର୍ଥୀ ପ୍ୟାନେଲ ସହ ବିଜୟ ହୋଇଛନ୍ତି। ଏମିତି କି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ ବିସିଜେଡିର ୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଯେଉଁଠି ଏବିଭିପି ହାରିବା ଭୟ ରହିଛି ସେଠାରେ ବିଜେପି ସରକାର ନିର୍ବାଚନକୁ ବାତିଲ କରାଉଛନ୍ତି। ନୟାଗଡ଼ କଲେଜରେ ବିସିଜେଡି ପ୍ୟାନେଲ ସହ ବିଜୟ ହେବାର ସମ୍ଭାବନା ଥିବାରୁ ସେଠାରେ ସରକାର ନିର୍ବାଚନ ବାତିଲ କରିଦେଲେ। ବିଜେପି ସରକାରକୁ ଛାତ୍ର ସଂସଦ ନିର୍ବାଚନ ହାରିବାର ଭୟ ଘାରିଛି। ନାମାଙ୍କନ ପତ୍ର ଯାଞ୍ଚ ପରେ ସନ୍ଧ୍ୟା ୫ଟା ପରେ ତାଲିକ ପ୍ରକାଶ ପାଇବାର ଥିଲା, କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଜାଣି ଶୁଣି ରାତି ୯ଟା ପରେ ତାଲିକା ପ୍ରକାଶ ପାଇଥିଲା। ଏବିଭିପି ପ୍ରାର୍ଥୀ ମାନଙ୍କ ଉପସ୍ଥାନ କମ୍ ଥିବାରୁ ସେମାନେ ପ୍ରାର୍ଥୀପତ୍ର ନାକଚ ହୋଇଥାନ୍ତା, କିନ୍ତୁ ତାହାକୁ ସଠିକ୍ କରିବା ପାଇଁ ମନ୍ତ୍ରୀ ଫୋନ କରିଥିଲେ। ଯାହାକୁ ନେଇ ତାଲିକା ପ୍ରକାଶ ପାଇବାରେ ବିଳମ୍ବ ହୋଇଥିଲା। ବିଜେପିର ହୀନ ପ୍ରୟାସ କେବେ ସଫଳ ହେବ ନାହିଁ। ସାରା ରାଜ୍ୟରେ ବିସିଜେଡି ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅବଶିଷ୍ଟାଂଶ...

ଅଦମନୀୟ କକ୍ରୋଚ୍...

ଖବର ମିଳିଛି। କେଜ୍ରିୱାଲଙ୍କ ଭାଷାରେ ରାଜଧାନୀରେ ଏମରଜେନ୍ସି ଠାରୁ ବି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆନ୍ଦୋଳନକୁ ଦମନ କରିବା ଲାଗି ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳ ଷ୍ଟେସନ ସହିତ ୪୫ଟି ମେଟ୍ରୋ ଷ୍ଟେସନକୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀରେ ୩୦ ହଜାର ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ବାରିକେଡରେ ଭର୍ତ୍ତି ହୋଇଯାଇଛି ରାଜଧାନୀ। ବ୍ୟାପକ ପୁଲିସ ଫୋର୍ସର ଉପସ୍ଥିତି ଏବଂ କଠୋର କଟକଣା ଯୋଗୁଁ ଅଶନିଶ୍ୱାସୀ ହୋଇପଡ଼ିଥିବା ଦିଲ୍ଲୀରେ ଏଭଳି ପରିସ୍ଥିତି ନିକଟରେ କେବେ ଦେଖିବାକୁ ମିଳିନଥିଲା। ସୁପ୍ରିମକୋର୍ଟ ସାମନାରେ ବିକ୍ଷୋଭ ବେଳେ ୬୦ ଜଣ ଆଇନଜୀବୀଙ୍କୁ ପୁଲିସ ଉଠାଇନେଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ ମୁକ୍ତ କରିଦେଇଛି।

ଦିଲ୍ଲୀ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଇବା ଲାଗି କେନ୍ଦ୍ର ଗୃହ ବିଭାଗ ଗତକାଲି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନି।ର୍ଦ୍ଦେଶ ଦେଇଥିଲେ। ଏହାପରେ ସମସ୍ତ ରାଜ୍ୟ ସରକାର ତତ୍ପର ହୋଇ ଉଠିଥିଲେ। ଦିଲ୍ଲୀ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଇବା ଆରମ୍ଭ କରିଥିଲେ। ବସ ଓ ଟ୍ରେନ ଭିତରେ ପଶି ଆନ୍ଦୋଳନକାରୀଙ୍କୁ ଟାଣି ବାହାର କରାଯାଇଥିଲା। କକ୍ରୋଚ ପାର୍ଟି ଦାବି କରିଛି ଯେ ଗତକାଲି ସନ୍ଧ୍ୟା ସୁଦ୍ଧା ଏଭଳି ୧୦ ହଜାରରୁ ଅଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିଲା।

ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଏଭଳି ଦମନଲୀଳାକୁ ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ଘୋର ନିନ୍ଦା କରିଛନ୍ତି। ଅଟକ ଆନ୍ଦୋଳନକାରୀଙ୍କୁ ତୁରନ୍ତ ଖଲାସ ନକଲେ ଆମରଣ ଅନଶନ କରିବାକୁ ଧମକ ଦେଇଛନ୍ତି ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷାବିତ ସୋନମ ୱାଙ୍ଗଚୁକ୍। ବିରୋଧୀ ଦଳଙ୍କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ମଧ୍ୟ ଆସନ୍ତା ସୋମବାର ଦିନ ଦିଲ୍ଲୀରେ ବଡ଼ ଧରଣର ପ୍ରତିବାଦ ଆନ୍ଦୋଳନ କରିବାକୁ ଘୋଷଣା କରିଛି। ଡିଏମ୍‌କେ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ବେଳେ ସଂଜୟ ମଞ୍ଜରେକରଙ୍କ ଭଳି କ୍ରିଡାବିତ ଓ ଇମ୍ରାନ ଖାନଙ୍କ ଭଳି ଅନେକ ସିନେମା କଳାକାର ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ନକରିବାକୁ ସତର୍କ କରାଇଛନ୍ତି। ତେବେ ଏଭଳି ଦମନଲୀଳା ସତ୍ତ୍ୱେ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କକ୍ରୋଚ ପାର୍ଟି ଘୋଷଣା କରିଛି।

ଆଜି ପ୍ରଥମ ନାଟକୀୟ ଘଟଣା ଦେଖିବାକୁ ମିଳିଥିଲା ଦିଲ୍ଲୀ ବିମାନବନ୍ଦରରେ। ଏୟାର ଇଣ୍ଡିଆ ବିମାନ ଯୋଗେ ଦୀପକେ ଓ ତାଙ୍କର ଦୁଇ ସହଯୋଗୀ ସୌରଭ ଏବଂ ଆଶୁତୋଷ ଯନ୍ତରମନ୍ତରଠାରେ ପ୍ରସ୍ତାବିତ ଆନ୍ଦୋଳନରେ ଯୋଗଦେବା ଲାଗି ଆସିଥିଲେ। ବିମାନ ଓହ୍ଲାଇବା ମାତ୍ରେ ବିମାନ ଭିତରକୁ ମହିଳା ପୁଲିସ ଲଗାଇ ସେମାନଙ୍କୁ ଉଠାଇ ନେଇଥିଲା ଦିଲ୍ଲୀ ପୁଲିସ। ବିମାନ ଭିତରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା। ଏହାପରେ ସେମାନଙ୍କୁ ପୃଥକ ଭାବେ ଅଜ୍ଞାତ ସ୍ଥାନକୁ ନିଆଯାଇଥିଲା।

ଦିଲ୍ଲୀରେ ସନ୍ଧ୍ୟା ସୁଦ୍ଧା ୪ ହଜାର ଲୋକଙ୍କୁ ଅଟକ ରଖାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଥିବା ବେଳେ ଏହି ସଂଖ୍ୟା ୧୦ ହଜାରରୁ ଅଧିକ ହେବ ବୋଲି ବିରାଧୀ ଦାବି କରିଛନ୍ତି। ସେହିଭଳି ବିଭିନ୍ନ ରାଜ୍ୟରେ ହଜାର ହଜାର ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିବା ବେଳେ ଏସଂପର୍କରେ ରାଜ୍ୟ ପୁଲିସ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଉନାହିଁ। ଏହି ସଂଖ୍ୟା ୩୦/୪୦ ହଜାର ବୋଲି ବରୋଧୀ କହୁଛନ୍ତି। ଏହାକୁ ନେଇ ଦିଲ୍ଲୀରେ ଅଶାନ୍ତ ପରିବେଶ ଲାଗି ରହିଥିବା ବେଳେ କକ୍ରୋଚ୍ ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଦାବି କରିଛନ୍ତି। ଏଥିପାଇଁ ସରକାରଙ୍କୁ ୨୪ ଘଣ୍ଟା ମହଲତ ଦେଇ ସେ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସେମାନେ ମୁକ୍ତ ନହେଲେ ପଦଯାତ୍ରା ସହିତ ସେ ଅନଶନ କରିବେ। ଏହାକୁ ନେଇ ଦିଲ୍ଲୀରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ସିଜେପି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ୧୨ ତାରିଖ ସୋମବାର ଦିନ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଧରଣର ପ୍ରତିବାଦ ଆନ୍ଦୋଳନ କରାଯିବ। ଦିଲ୍ଲୀରେ ୫୦ ହଜାର ପୁଲିସ ମୁତୟନ ହେଲେ ମଧ୍ୟ ସେମାନଙ୍କୁ କେହି ଅଟକାଇପାରିବ ନାହିଁ। ସାହାସ ଥିଲେ ସରକାର ସମସ୍ତ ନେତା ଓ ଯୁବ ଆନ୍ଦୋଳନକାରୀଙ୍କୁ ଗିରଫ କରନ୍ତୁ ବୋଲି ସେ ଆହ୍ୱାନ ଜଣାଇଛନ୍ତି।

ଆମ ନେତାଙ୍କୁ ଅପହରଣ...

ଦମନଲୀଳା ଆମକୁ ଅଟକାଇ ପାରିବ ନାହିଁ। ସମସ୍ତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆସନ୍ତାକାଲି ରବିବାର ପୁଣି ଯନ୍ତରମନ୍ତର କୁ ମାର୍ଚ୍ଚ କରାଯିବ ବୋଲି ସେ ଘୋଷଣା କରିଛନ୍ତି। କ୍ଷମତା ଚାଲିଯିବା ଭୟରେ ସରକାର ଆମର ଆନ୍ଦୋଳନକୁ ଦମନ କରୁଛନ୍ତି। କିନ୍ତୁ ଏଥିରେ ପ୍ରଧାନମନ୍ତ୍ରୀଙ୍କୁ ସଫଳ ମିଳିବ ନାହିଁ ବୋଲି ସେ କହିଛନ୍ତି।

ସରକାରୀ କଳର...

ଲୋକମାନେ କାହିଁକି ପ୍ରବେଶ କରୁଛନ୍ତି? ମହିଳା କଲେଜର ଗେଟ୍ ଭାଙ୍ଗି ଗୁଣ୍ଡାମାନେ ଭିତରକୁ କେମିତି ପଶିଲେ? ଆମ ଛାତ୍ରମାନଙ୍କୁ କାହିଁକି ଧମକ ଦିଆଯାଉଛି, ପୁଲିସ ବିଜୁ ଛାତ୍ର ଜନତା ଦଳକୁ କାହିଁକି ଡରାଉଛି? କଲେଜ ପ୍ରଶାସନ ବିଜୁ ଛାତ୍ର ଜନତା ଦଳର ଛାତ୍ରନେତାମାନଙ୍କୁ କାହିଁକି ଧମକ ଦେଉଛନ୍ତି? ସୁଜାତା ଏହାକୁ ଦୃଢ଼ଭାବେ ନିନ୍ଦା କରିବା ସହ କ୍ଷୋଭକ୍ତି ପ୍ରକାଶ କରି କହିଛନ୍ତି ଯେ ଏଥିରେ ଆମ କଲେଜ କ୍ୟାମ୍ପସ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷାନୁକୂଳ ପରିବେଶକୁ ନଷ୍ଟ କରି ଦିଆଯାଉଛି। ଧମକଚମକ ଓ ଗୁଣ୍ଡାଗର୍ଦ୍ଦି କରି ଆମ ଛାତ୍ର ସମାଜକୁ କେଉଁ ବାର୍ତ୍ତା ଦିଆଯାଉଛି ଏବଂ ଆମର ଭବିଷ୍ୟତ ପିଢ଼ିକୁ କ'ଣ ଶିକ୍ଷା ଦେଉଛନ୍ତି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଆମ କଲେଜ କ୍ୟାମ୍ପସ୍‌ରେ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତକୁ କରିବା ଏବଂ ଯେପରି ଆମ ପିଲାମାନେ ଭୟମୁକ୍ତ ହୋଇ ଶିକ୍ଷା ଗ୍ରହଣ କରିପାରିବେ, ତାହା ହିଁ ହେଉଛି ବିଜେପି ସରକାରର ପ୍ରଥମ ଦାୟିତ୍ୱ। କିନ୍ତୁ କଲେଜ କ୍ୟାମ୍ପସ୍‌ର ପରିବେଶ ନଷ୍ଟ କରି ଆମ ପିଲାମାନଙ୍କ ଭବିଷ୍ୟତ ସହିତ ଖେଳିବାର ଉଦ୍ୟମକୁ ବିଜେଡି କଦାପି ବରଦାସ୍ତ କରିବ ନାହିଁ ବୋଲି ସୁଜାତା ଚେତାଇ ଦେବା ସହ ସୁସ୍ଥ ଓ ଗଣତାନ୍ତ୍ରିକ ଧାରାରେ ଛାତ୍ର ରାଜନୀତି ହେଉ ଏବଂ କ୍ୟାମ୍ପସରେ ଶାନ୍ତି ବଜାୟ ରହୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ଆଉ ୩...

ଅଫିସର୍ ବନଲତା ମହାନ୍ତି ଓ ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକ ସମେତ ମୋଟ୍ ୬ଜଣଙ୍କ ଗିରଫ କରିଥିଲା। ଶନିବାର ଆଉ ୩ଜଣଙ୍କୁ ଗିରଫ କରାଯିବା ପରେ ଏହି ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ନଅକୁ ଛୁଇଁଛି।

ଭିଜିଲାନ୍ସ ସୂଚନା ମୁତାବକ, ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକ ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ୧୧ଟି ପର୍ଯ୍ୟାୟରେ ୩,୯୦,୦୦୦ ଟଙ୍କା ପଠାଇଛି। ନକଲି ତଥା ଜାଲ ଦସ୍ତାବିଜ ଗୁଡ଼ିକୁ ପ୍ରଶ୍ନ ନଉଠାଇ ସିଧାସଳଖ ପାସ୍ କରାଇବା ବଦଳରେ ଏହି ଟଙ୍କା ଦିଆଯାଇଥିଲା। ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣଚନ୍ଦ୍ର ମଧ୍ୟ ଠିକ୍ ସେଭଳି କାମ କରିଥିଲେ। ସେହିପରି ପୁରୀର ସିନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ଦାସ ହଡ଼ପ ଟଙ୍କା ହାତେଇବାକୁ ନିଜର ବ୍ୟାଙ୍କ ଆକାଉଣ୍ଟ ସମେତ, ନିଜ ମା' ଏବଂ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବ୍ୟବହାର କରିଥିଲେ। ସେ ତାଙ୍କ ମା' ନୟନା ଦାଶଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ୫୦ଲକ୍ଷ ଟଙ୍କା, ସମ୍ପର୍କୀୟ କାହ୍ନୁ ଚରଣ ବେହେରାଙ୍କ ଆକାଉଣ୍ଟରେ ୧୫ଲକ୍ଷ ଏବଂ ନିଜ ଆକାଉଣ୍ଟକୁ ୩୭ ଲକ୍ଷ ଟଙ୍କା ପ୍ରାପ୍ତ କରିଥିବା ଜଣାପଡ଼ିଛି। ଟଙ୍କା ପାଇବା ପରେ ବିଶ୍ୱନାଥ ଦୁଇ ମାଷ୍ଟରମାଇଣ୍ଡଙ୍କୁ ଫୋନ୍ ପେ ଜରୀଆରେ ଟଙ୍କା ଦେଇଥିବା ଭିଜିଲାନ୍ସକୁ ପ୍ରମାଣ ମିଳିଛି। ସେହିପରି ପିୟୋନ୍ ତାର ସମ୍ପର୍କୀୟଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଜରିଆରେ ୧୧ଲକ୍ଷ ଟଙ୍କା ପାଇବା ପରେ ଦୁଇ ମାଷ୍ଟରମାଇଣ୍ଡଙ୍କୁ ଟଙ୍କା ପ୍ରଦାନ କରିଛି।

ଢୋଲ ଭିତରେ ମୂଷା ଭଳି ପୂର୍ତ୍ତ ବିଭାଗରେ କାମ କରୁଥିବା କିଛି କର୍ମଚାରୀ ବିଭାଗର ଟଙ୍କାକୁ ଚୁପ୍ ଚାପ୍ ହରିଲୁଟ୍ କରି ଚାଲିଥିଲେ। ହରିଲୁଟ୍ କରୁଥିବା ଏହି ସିଣ୍ଡିକେଟ୍ ଗୁମର ଏବେ ଖୋଲିବାରେ ଲାଗିଛି। ଏହି ସିଣ୍ଡିକେଟ୍‌ରେ ଏକାଧିକ ବିଭାଗୀୟ କର୍ମଚାରୀ ସାମିଲ ଥିଲା ତେବେ ତଦନ୍ତ ହେବାରୁ ଜଣଙ୍କ ପରେ ଜଣଙ୍କ ନାମ ସାମ୍ନାକୁ ଆସିବାରେ ଲାଗିଛି। ପୂର୍ତ୍ତ ବିଭାଗ ଭିତରେ ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ ୪ବର୍ଷ ହେବ ଏହି ସିଣ୍ଡିକେଟ୍ ଅପରେଟ୍ କରୁଥିଲା। ବିଭାଗୀୟ ବଡ଼ ଅଧିକାରୀଙ୍କ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ହାତ ନଥିଲେ ଏଭଳି ସିଣ୍ଡିକେଟ୍ ଅପରେଟ୍ କରିବା କଷ୍ଟ। ହେଲେ ଭିଜିଲାନ୍ସ ଜାଲରେ କେବଳ କେରାଣ୍ଡି ପଡ଼ିଲା ଭଳି ଛୋଟ କର୍ମଚାରୀ ପଡ଼ିଛନ୍ତି। ମୋଟ ୪୮ ଜଣ ବ୍ୟକ୍ତିଙ୍କ ୭୭ଟି ବ୍ୟାଙ୍କ ଆକାଉଣ୍ଟ ବ୍ୟବହୃତ ହୋଇଥିଲା। ଭିଜିଲାନ୍ସ ୩.୯୬ କୋଟି ଟଙ୍କା ଜବତ କରିଥିଲା।

୨ ମୃତ, ଜଣେ...

ଯାଇ ମୁସ୍ତାଫା ପାଣି ଭିତରକୁ ଡେଇଁ ପଡିଥିଲେ। ଦୁଇ ଭାଇଙ୍କୁ ଉଦ୍ଧାର କରିବାକୁ ଯାଇ ମୁସ୍ତଫା ମଧ୍ୟ ପାଣିରେ ଧିରେ ଧିରେ ବୁଡି ଯାଉଥିବା ବେଳେ ଚିତ୍କାର ମଧ୍ୟ କରୁଥିଲେ। ଦୂରରେ ନଦୀରେ ଗାଧୋଉଥିବା ସ୍ଥାନୀୟ କିଛି ଲୋକେ ଦୌଡ଼ି ଆସି ମୁସ୍ତଫା ଏବଂ ମହମ୍ମଦ ସାଦକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ପରିବାର ବର୍ଗ ଘଟଣାସ୍ଥଳରେ ପହଞ୍ଚି ମୁସ୍ତଫା ଏବଂ ସାଦକୁ ସଙ୍ଗେ ସଙ୍ଗେ ଝୁମ୍ପୁରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଯାଞ୍ଚ ପରେ ଡାକ୍ତର ସାନଭାଇ ମହମ୍ମଦ ସାଦକୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମୁସ୍ତଫାଙ୍କୁ କେନ୍ଦୁଝରର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ନଦୀରେ ବୁଡିଯାଇ ନିଖୋଜ ଥିବା ବଡଭାଇ ଅହମ୍ମଦଙ୍କୁ ଉଦ୍ଧାର କରିବା ପାଇଁ ଝୁମ୍ପୁରା ଅଗ୍ନିଶମ ବାହିନୀ ଏବଂ ପୁଲିସକୁ ଖବର ଦିଆଯାଇଥିଲା। ନିଖୋଜ ନାବାଳକକୁ ଉଦ୍ଧାର ନିମନ୍ତେ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଥିଲା। ବହୁ ଖୋଜାଖୋଜି ପରେ ପ୍ରାୟ ୮ ଘଣ୍ଟା ପରେ ମୃତ ଅବସ୍ଥାରେ ଅହମ୍ମଦଙ୍କ ମୃତଦେହ ନଦୀରୁ ଉଦ୍ଧାର ହୋଇଛି। ଘଟଣାସ୍ଥଳରେ ଝୁମ୍ପୁରା ପୁଲିସ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିବା ପୁଲିସ ସୂଚନା ଦେଇଛି। ଘଟଣାଟି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ଭୋଟର ହେବାକୁ...

କରାଯାଇଥିବାବେଳେ ନୂତନ ଓ ଯୁବ ଭୋଟରମାନଙ୍କଠାରୁ ୩୨,୦୬୭ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଅର୍ଥାତ୍ ସର୍ବମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କାର୍ଯ୍ୟ ଜାରି ରହିବ। ଏହି ଅବଧି ମଧ୍ୟରେ ବିଏଲଓମାନେ ଘରକୁ ଘର ଯାଇ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ସାମିଲ ଏବଂ ଆବଶ୍ୟକ ସଂଶୋଧନ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିବେ। ବିଶେଷକରି ଏସଆଇଆର ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀମାନଙ୍କୁ ଫର୍ମ-୬ ମାଧ୍ୟମରେ ଆବେଦନ କରିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ।

ନାଗ ଦଂଶନରେ...

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ତପନ ପୂର୍ବରୁ ଅନେକ ସାପ ଧରିଥିବାବେଳେ ଅଞ୍ଚଳରେ ଘରେ ପଶିଥିବା ସାପକୁ ଉଦ୍ଧାର କରିବା ପାଇଁ ତାଙ୍କୁ ଡକାଯାଉଥିଲା। ସୋସିଆଲ ମିଡିଆରେ ମଧ୍ୟ ସାପ ସମ୍ବନ୍ଧୀୟ ଭିଡିଓ ପୋଷ୍ଟ କରୁଥିଲେ। ତେବେ ଏହି ଘଟଣା ତାଙ୍କ ପାଇଁ ଶେଷ ହୋଇଛି। ଘଟଣାକୁ ନେଇ ପୁରୀ ସଦର ଥାନା ପୁଲିସ ତଦନ୍ତ ଜାରି ରଖିଛି। ସାପ ପରି ବିଷଧର ଜୀବ ସହ ଅସାବଧାନତାରେ ଭିଡିଓ କରିବା କେତେ ବିପଜ୍ଜନକ, ଏହି ଘଟଣା ତାହା ମନେ ପକାଇ ଦେଇଛି।

ଶାସକ-ବିରୋଧୀ...

ଛାତ୍ର ସଂସଦ ନିର୍ବାଚନ ନେଇ ତାରିଖ ଘୋଷଣା ହେବା ପରଠାରୁ ପ୍ରତ୍ୟେକ ଦିନ ସରକାରୀ ଦଳର ବିଧାୟକ, ମନ୍ତ୍ରୀ, ନେତାଙ୍କ ବିରୋଧରେ ମାଳମାଳ ଅଭିଯୋଗ ଆସୁଛି। ଶନିବାର ମଧ୍ୟ ରାଜ୍ୟର ବିଭିନ୍ନ କଲେଜରୁ ବିରୋଧୀ ଦଳ ଛାତ୍ରଙ୍କ ବିରୋଧରେ କଲେଜ, ପୁଲିସ ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଏକାଧିକ ଅଭିଯୋଗ ହସ୍ତଗତ ହୋଇଛି। ରାଜ୍ୟର ଅନ୍ୟତମ ନାମୀ ବିଶ୍ୱ ବିଦ୍ୟାଳୟରେ ସଭାପତି ପଦବୀ ପାଇଁ ମୈଦାନକୁ ଓହ୍ଲାଇଥିବା ଜଣେ ଛାତ୍ରୀଙ୍କ ନାମ କାଟିବାକୁ ଯେପରି ଷଡ଼ଯନ୍ତ୍ର ହୋଇଥିଲା, ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବୁଦ୍ଧିଜୀବି ମହଲ। ସୂଚନା ଅନୁଯାୟୀ ନାମାଙ୍କନ ପରେ ଗତ ୯ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ସେଥିରୁ ଜାଣିଶୁଣି ସଭାପତି ପ୍ରାର୍ଥୀ ସ୍ୱପ୍ନାରାଣୀ ପ୍ରଧାନଙ୍କ ନାମ କାଟି ଦିଆଯାଇଥିଲା। ତେବେ ତାଙ୍କ ସମର୍ଥନକମାନେ ଏପରି ଅଗଣାନ୍ତ୍ରିକ ନିଷ୍ପତ୍ତିର ଦୃଢ଼ ପ୍ରତିବାଦ କରିବା ପରେ ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ପୁନଃ ସାମିଲ କରିବାକୁ ବାଧ ହୋଇଛନ୍ତି। ସାରା କଟକ ସହରରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସେହିପରି ବିଜେଡିର ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁକେ ମହାବୀର ମହାବିଦ୍ୟାଳୟର ବିସିଜେଡି ପ୍ରାର୍ଥୀଙ୍କୁ ରାଜନଗରର ବିଜେପି ବିଧାୟକ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଜୋରଜବରଦସ୍ତି ଅପହରଣ କରି ନେଇ ନାମାଙ୍କନ ପ୍ରତ୍ୟାହାର କରିବାକୁ ବାଧ କରିଥିଲେ। ଏପରିକି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କଥା ଏଇଠି ସରିନାହିଁ। ହସ୍ପିଟାଲ ପରିସରରେ ମଧ୍ୟ ଶାସକ ଦଳର ସମର୍ଥକମାନେ ବିଜେଡି ସମର୍ଥକଙ୍କ ସହ ପାଟିତୁଣ୍ଡ କରିଥିବା ସୂଚନା ପ୍ରାପ୍ତ ହୋଇଛି। ସେହିପରି ବାଲେଶ୍ୱରରେ ବେଆଇନ ଭାବରେ ବିସିଜେଡି ଜିଲ୍ଲା ସଭାପତି ହରେକୃଷ୍ଣ ପ୍ରଧାନଙ୍କୁ ପୁଲିସ ଅଟକ ରଖିଥିବା ବେଳେ ଏହାକୁ ନେଇ ଦଳ ପକ୍ଷରୁ ଧାରଣା ଦିଆଯାଇଛି। ସିମୁଳିଆ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ ଦିଆଯିବା କାରଣରୁ ଶନିବାର ସେଠାରେ ଛାତ୍ର ସଂସଦ ନିର୍ବାଚନ ବାତିଲ୍ ହୋଇଛି। କଳାହାଣ୍ଡି କେସିଙ୍ଗା କଲେଜରେ ବିସିଜେଡି ସଭାପତି ପ୍ରାର୍ଥୀଙ୍କ ନାମରେ ନାମାଙ୍କନ ପତ୍ରର ଦାଖଲ ପୂର୍ବରୁ ଜାଣିଶୁଣି ମାମଲା ରୁଜୁ କରାଯାଇ, ତାଙ୍କ ପ୍ରାର୍ଥୀପତ୍ର ନାକଚ କରାଯାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। କଳାହାଣ୍ଡି ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ବିସିଜେଡି ସମର୍ଥିକ କେତେକ ପ୍ରାର୍ଥୀଙ୍କ ନାମ ଉଦ୍ଦେଶ୍ୟମୂଳକ ଭାବେ କଲେଜ କର୍ତ୍ତୃପକ୍ଷ କାଟି ଦେଇଥିଲେ। ତେବେ ଏନେଇ ସଂଗଠନ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସେମାନଙ୍କ ନାମ ତାଲିକାରେ ପୁନଃ ଯୋଡ଼ା ଯାଇଛି। କେବଳ ଏତିକି ନୁହେଁ ରାଜ୍ୟର ବହୁ କଲେଜରେ ଶାସକ ଦଳ ଆସନ୍ନ ପରାଜୟ ଆଶଙ୍କାରେ କଲେଜ କର୍ତ୍ତୃପକ୍ଷଙ୍କୁ ହାତ କରି ନିର୍ବାଚନ ବାତିଲ କରି ଦେଇଥିବା ନେଇ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ପ୍ରକାଶ ପାଇଛି। ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ନାହିଁ, ସେଠାରେ ବିଜେପି ସରକାର ନିର୍ବାଚନ ବାତିଲ କରୁଛନ୍ତି। ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଜିତିବାକୁ ସରକାର ଲାଗି ପଡିଛନ୍ତି। ଆଗାମୀ ଦିନରେ ସରକାରଙ୍କୁ ଜେନ-ଜି ଉଚିତ୍ ଜବାବ ଦେବେ ବୋଲି ବିରୋଧୀ ଦଳ ସମର୍ଥିତ ଛାତ୍ର ସଂଗଠନମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

■ ଛାତ୍ର ସଂସଦ ନିର୍ବାଚନକୁ ନେଇ ଡିଜିପିଙ୍କ ଆଭାସୀ ବୈଠକ

ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ

ଭୁବନେଶ୍ୱର,୧୦।୧୦(ସମିସ): ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜ ନିର୍ବାଚନ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି ଓ ଡିଆଇଜିଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନରେ କଲେଜ ପରିସରରେ ହିଂସା ରୋକିବା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା, ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। କଲେଜରେ କୌଣସି ହିଂସାତ୍ମକ ଘଟଣା ଘଟିବା ପରେ ପଦକ୍ଷେପ ନେବା ଅପେକ୍ଷା ଆଗୁଆ ସତର୍କତା ଅବଲମ୍ବନ କରି ହିଂସାକୁ ରୋକିବା ଉପରେ ପୁଲିସ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡିଜିପି କହିଥିଲେ। ଏଥିପାଇଁ ପୁଲିସ ଅଧିକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗ ରଖିବା ସହ ଉତ୍ତେଜନାର ସମ୍ଭାବନା ଥିବା ସ୍ଥାନ ଓ ପରିସ୍ଥିତି ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗୁରୁତ୍ୱ ଦେଇଥିଲେ। ଆବଶ୍ୟକସ୍ଥଳେ ତୁରନ୍ତ ହସ୍ତକ୍ଷେପ କରି ହିଂସା ରୋକିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କଲେଜ ନିର୍ବାଚନ ସମୟରେ ସମ୍ବେଦନଶୀଳ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ଅନୁଯାୟୀ ପୁଲିସ ଫୋର୍ସ ମୁତୟନ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ବୈଠକରେ, ନିର୍ଦ୍ଦେଶକ(ଗୁଇନ୍ଦା) ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ପ୍ରମୁଖ ଯୋଗଦେଇଥିଲେ।

କନ୍ୟା ଦିବସ ଅବସରରେ ଆକାଶ ବାଣୀ କଟକ କେନ୍ଦ୍ରର ନାଟକ

ଭୁବନେଶ୍ୱର,୧୦।୧୦(ସମିସ): ୧୧ଅକ୍ଟୋବର ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଆକାଶ ବାଣୀ କଟକ କେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର ନାଟକ ' ମୋତେ ବଞ୍ଚିବାକୁ ଦିଅ ' ପ୍ରସ୍ତୁତ କରାଯାଇଛି। ନାଟକ ଟିକୁ ରଚନା କରିଛନ୍ତି ସୁପ୍ରଭା ଦାଶ। ପ୍ରଯୋଜନା କରିଛନ୍ତି ବିନୟ କୁମାର ସାମନ୍ତରାୟ ଏବଂ ସହଯୋଗିତା କରିଛନ୍ତି ମୃତ୍ୟୁଞ୍ଜୟ ବିଶ୍ୱାଳ। ବ୍ରଜ ମୋହନ ସାହୁ, ସୋନାଲି ମାଦେଳି, ସୁରେନ୍ଦ୍ରନାଥ ସାମଲ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ନାଟକ ଟି ୧୧ ଅକ୍ଟୋବର ଅପରାହ୍ନ ଘ ୩.୩୦ ମିନିଟ୍ ରେ ୩୦୮.୬ ମିଟର ତଥା ୯୭୨ କିଲୋହର୍ଜ୍ ଯୋଗେ ପ୍ରସାରିତ ହେବ।

କଟକ ଉନ୍ନୟନ କର୍ତ୍ତୃପକ୍ଷ
KDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/2140/2627
ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ୍ ନଂ-13-3E/1107 ଟିକୁ ଶ୍ରୀ ହରିହର ବେହେରା, ପିତା-v ବୀରବର ବେହେରା, ସା-କଣ୍ଠପଡା, ପୋ-ଦୁବାଇପୁର, ଥା-ପୁରୀ ସଦର, ଜିଲ୍ଲା-ପୁରୀ, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ହରିହର ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ପୁତ୍ର ହିତେଶ କୁମାର ବେହେରା, ପିତା- ହରିହର ବେହେରା, ସା-ସାମନ୍ତ ସାହି, ନିଉ କଲୋନୀ, ପୋ-ବକ୍ସି ବଜାର, ଥା-ପୁରୀଘାଟ, ଜିଲ୍ଲା-କଟକ, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR- 13001/13037/1/26-27/0120 **ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

25001/1284/2627
e-mail ID: rw_sambalpur@yahoo.co.in
Phone No. 0663-2401850

GOVERNMENT OF ODISHA
e-Procurement Notice

No. 6193 — Bid Identification No. TENDER ONLINE SBPR- 11 OF 2026-27 — Date 3.10.26

1.	Name of the work	:	Building Works as per DTCN available in the website. (www.tendersorissa.gov.in)
2.	Total No. of Work	:	08 (Eight) Nos.
3.	Estimated Cost	:	Rs. 54.61 lakhs to 54.62 lakhs
4.	Period of Completion	:	09 (Nine) calendar months
5.	Period and time of availability of bid document in the portal for bidding	:	13.10.2026 at 11.00 A.M. to 02.11.2026 up to 5.00 P.M.
6.	Date and time of opening of Tender	:	a) Technical Bid dt. 03.11.2026 at 11.00 A.M. b) Financial Bid will be intimated later.
7.	Name and address of the officer inviting bid	:	S.E., R.W. Divn., Sambalpur

(1) Other details can be seen from detailed notice inviting tenders, available in website www.tendersorissa.gov.in
(2) Corrigendum if any shall only be published in the above website.

OIPR-25001/25076/1/26-27/0012
Sd/- Superintending Engineer, Rural Works Division, Sambalpur

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-Deep-Clean-26-27-16
କାର୍ଯ୍ୟର ନାମ : 18 (ଅଠର) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଳବାଇ BG କୋଚ୍‌ଗୁଡ଼ିକର ଗହନ ସଫେଇ (Deep Cleaning)।
ବିଜ୍ଞାପିତ ମୂଲ୍ୟ : ₹ 44,99,149.00, EMD : ₹ 90,000/-, ଶେଷ ହେବା ଅବଧି : 18 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.10.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2026ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II), CRW/ମଞ୍ଚେଶ୍ୱର
PR-489/R/26-27

AFFIDAVIT

By virtue of an affidavit in the court of Executive Magistrate, Jharsuguda, I **Vidhi Sakunia** W/o: Subham Kedia, residing at Marwadipada, PO/PS/Dist.: Jharsuguda, Odisha, Adhaar No.: 503371099794, declare that, Both Vidhi Sakunia Kedia and **Vidhi Sakunia** are one and same person.

AFFIDAVIT

I, **Chhayakanta Meher**, S/o- Dasaratha Meher, R/o/Vill/ Po- Sukha, Ps- Dunguripali Dist- Subarnapur, Odisha Aadhaar No- 7938 5146 1555 declare by this affidavit No. 210 dtd.- 23/09/2025 that my name wrongly mention as **Ghanashyam Das** in my Aadhaar card. No- 7938 5146 1555, now onwards I shall be known as **Chhayakanta Meher,** S/o- Dasaratha Meher, R/o/Vill/ Po- Sukha, Ps- Dunguripali Dist- Subarnapur, Odisha Aadhaar No- 7938 5146 1555 for all future purposes.

AFFIDAVIT

I, Anjali Martha, W/o Nityananda Pradhan, resident of Madhyakhanda, P.S. Dashapalla, District Nayagarh, do hereby declare that:My correct name is Anjali Martha. However, in my Anganwadi Helper Appointment Order dated 20.08.2019, my name has been wrongly mentioned as "Anjali Pradhan".I declare that Anjali Martha and Anjali Pradhan, W/o Nityananda Pradhan, are one and the same person. I therefore request the competent authority to correct my name as Anjali Martha in the appointment order and official records.
Deponent: Anjali Martha

AFFIDAVIT

By virtue of an affidavit before the Executive Magistrate, Sinapali, dtd. 30.09.2026, I, CHERU MEHER, S/o- Khedanga Meher, At/Po-Sinapali, Dist.-Nuapada, Odisha, hereby declare that my minor son's former name MAYA MEHER has been changed to JAYA MEHER. Henceforth, he shall be known as JAYA MEHER for all purposes. Maya Meher and Jaya Meher are one and the same person.
Sd/- Cheru Meher

AFFIDAVIT

By virtue of an affidavit no 10465 sworn before the executive Magistrate Jajpur on dtd 27/10/2025. I Chintamani Dikshit, aged - 41years, S/o-Damodar Dikshit, permanent resident of Vill-Sribachhapur, Po-Rambag, P.s/Dist-Jajpur, Odisha, Pin-755014 declared that I have changed my minor son's name from SAI SAMARTHA DIKSHIT(Old Name) to SAI PRATIK DIKSHIT (New Name) Henceforth he shall be known as **SAI PRATIK DIKSHIT** for all future purposes.
SD/-Chintamani Dikshit

AFFIDAVIT

By virtue of an affidavit before the Notary Public, Sambalpur, dtd. 05.08.2026, I, HEMLATA PATEL, Wo- Jogesh Patel, At- Farm Road, P.O. Modipara, P.S. Khetrajpur, Dist. Sambalpur hereby declare that my correct name is Hemlata Patel. In Birth Certificate of my son Darshil Patel, bearing Registration No. 6597, dated 14.10.2011, issued by SMC, Sambalpur, my name has been wrongly mentioned as Heena Patel. I hereby declare that Hemlata Patel and Heena Patel are one and the same person, i.e. myself.
Hemlata Patel

ସକାଳ
THE SAKALA

ଏଫ୍.ଏମ୍ କଲେଜ ଛାତ୍ର ସଂସଦ ନିର୍ବାଚନ

୧୮ ଜଣ କ୍ଲାସ ରିପ୍ରେଜେଣ୍ଟେଟିଭ ନିର୍ଦ୍ୱନ୍ଦ୍ୱରେ ବିଜୟୀ

ବାଲେଶ୍ୱର,୧୦।୧୦(ସମିସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ୨୦୨୬-୨୭ ପାଇଁ ନାମାଙ୍କନ ଦାଖଲ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଯାହା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ନମ୍ବର-୧୧ ଜାରି କରାଯାଇଛି। ନାମାଙ୍କନରେ ୮୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ସମୟରେ ଗୋଟିଏ ବି ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ହୋଇନାହିଁ ବୋଲି କଲେଜ ୟୁନିଅନ ଆଡଭାଇଜର୍ ଅଭିଜିତ ଦାସ ସୂଚନା ଦେଇଛନ୍ତି। ସେ ଆହୁରି ସୂଚନା ଦେଇ କହିଛନ୍ତି ଯେ, କ୍ଲାସ ରିପ୍ରେସେଣ୍ଟେଟିଭ ପାଇଁ ଥିବା ୧୮ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ, ୨୦୨୬-୨୭ ଛାତ୍ର ନିର୍ବାଚନ ପାଇଁ ବାଲେଶ୍ୱର ସହରର ଦୁଇ ପ୍ରମୁଖ କଲେଜ ଯଥା କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସରଗରମ ରହିଛି। ଏହାରି ଭିତରେ ନାମାଙ୍କନ ଦାଖଲ ପରେ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟରେ ନିର୍ବାଚନ ହେବ ନାହିଁ ଏବଂ ସେଠାରେ ୯ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏବେ ନଜର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପରେ ରହିଛି। ତେବେ ଶୁକ୍ରବାର ଦିନ ତିନି ପ୍ରମୁଖ ଛାତ୍ର ସଂଗଠନ ପକ୍ଷରୁ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲ କରିଥିଲେ। ସମୁଦାୟ ୮୯ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। କାହାରି ନାମାଙ୍କନ ଦାଖଲ ଖାରଜ ହୋଇନାହିଁ। ଏଥିମଧ୍ୟରୁ କ୍ଲାସ ରିପ୍ରେସେଣ୍ଟେଟିଭ ପଦ ପାଇଁ ଥିବା ୧୮ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ତେବେ ସମୁଦାୟ ୨୦ ଟି ପୋଷ୍ଟ ହେବ ଭୋଟିଂ। ପ୍ରକାଶ ପାଇଥିବା ଚୂଡାନ୍ତ ବୈଧ ପ୍ରାର୍ଥୀ ତାଲିକାରେ ସଭାପତି ପଦ ପାଇଁ ୪ ଜଣ ଜଗଦୀଶ ଜେନା, ସତ୍ୟଜିତ୍ ଓଝା, ଶୁଭମ୍ ଦାସ ଓ ଉମେଶ ପରିଡା, ଉପ-ସଭାପତି ପାଇଁ ୪ ଜଣ ଆୟୁଷ ମହାନ୍ତି, ଆୟୁଷ ପ୍ରଧାନ, ଫୟାଜ ଖାନ୍ କାଦ୍ରୀ ଓ ପ୍ରୀତିଶ କୁମାର ପରିଡା, ସାଧାରଣ ସମ୍ପାଦକ ପାଇଁ ୪ ଜଣ ଅନୁରାଗ ଦାସ, ଲିପୁନ ମଣ୍ଡଳ, ମନୋରଞ୍ଜନ ପଣ୍ଡା ଓ ଉଜ୍ଜ୍ୱଳ କୁମାର ଦାସ। ସେହିପରି ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରୀ, ଆଥଲେଟିକ୍ କ୍ଲବ, ଡ୍ରାମାଟିକ୍ ସୋସାଇଟି, ବଏଜ୍ କମନ ରୁମ୍, ଗାର୍ଲସ କମନ ରୁମ୍, ଡେ ସ୍କଲାର୍ସ ଆସୋସିଏସନ୍, ହ୍ୟୁମାନିଟିଜ୍ ଆସୋସିଏସନ୍, ସାଇନ୍ସ ସୋସାଇଟି, କମର୍ସ ଆସୋସିଏସନ୍ ଓ ସୋସିଆଲ ସର୍ଭିସ ଗିଲ୍ଡ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ଘୋଷଣା କରାଯାଇଛି।

ଛାତ୍ର ସଂସଦ ନିର୍ବାଚନରୁ ୩ ପ୍ରାର୍ଥୀ ଓହରିଲେ

ବାଲେଶ୍ୱର,୧୦।୧୦(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଆସନ୍ନ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ୩ ଜଣ ପ୍ରାର୍ଥୀ ନିଜ ନାମାଙ୍କନ ପ୍ରତ୍ୟାହାର କରିନେଇଛନ୍ତି। ଏ ନେଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ନୋଟିସ୍ ନମ୍ବର ୪୬୨୦ ଜାରି କରାଯାଇଛି। ସେମାନେ ଆଜି ସକାଳ ୧୦ଟାରୁ ଦିନ ୧ଟା ମଧ୍ୟରେ ନିଜ ଇଚ୍ଛାରେ ନାମାଙ୍କନ ପ୍ରତ୍ୟାହାର କରିଥିବା ନୋଟିସରେ ଉଲ୍ଲେଖ କରାଯାଇଛି। ପ୍ରତ୍ୟାହାର କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଡ୍ରାମାଟିକ୍ ସୋସାଇଟି ସମ୍ପାଦିକା ପଦ ପାଇଁ ନାମାଙ୍କନ କରିଥିବା ତିନି ଜଣଙ୍କ ମଧ୍ୟରୁ ତୃତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଦେବସ୍ମିତା ନାୟକ ପିତାମାତାଙ୍କ ଅନିଚ୍ଛା ଯୋଗୁଁ ପ୍ରତ୍ୟାହାର କରିଛନ୍ତି। ଗାର୍ଲସ କମନ ରୁମ୍ ସମ୍ପାଦିକା ପଦ ପାଇଁ ଥିବା ଚାରି ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ତୃତୀୟ ବର୍ଷ କଳା ଛାତ୍ରୀ ଦିବ୍ୟାଶ୍ରୀତା ସିଂ ପରିସ୍ଥିତି ଦେଖିବା ଏବଂ ସାହସର ଅଭାବ କାରଣ ଦର୍ଶାଇ ଏବଂ ହ୍ୟୁମାନିଟିଜ୍ ଆସୋସିଏସନ ସମ୍ପାଦକ ପଦ ପାଇଁ ଥିବା ପାଞ୍ଚ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ରାଜନୀତି ବିଜ୍ଞାନ ବିଭାଗର ତୃତୀୟ ବର୍ଷ ଛାତ୍ର ଆଶିଷ କୁମାର ବିଶାଳ ବ୍ୟକ୍ତିଗତ କାରଣ ଦର୍ଶାଇ ନିର୍ବାଚନ ମଇଦାନରୁ ଓହରି ଯାଇଛନ୍ତି। ପ୍ରକାଶ ଥାଉ ଯେ, ନାମାଙ୍କନ ଦାଖଲ କରିଥିବା ୮୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୮ ଜଣ କ୍ଲାସ ରିପ୍ରେଜେଣ୍ଟେଟିଭ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏବେ ୭୧ ଜଣ ମଧ୍ୟରୁ ଆଜି ୩ ଜଣ ପ୍ରତ୍ୟାହାର କରିବା ପରେ ସମୁଦାୟ ୬୮ ଜଣ ପ୍ରାର୍ଥୀ ସେକ୍ରେଟାରୀ ଏବଂ ଆସିଷ୍ଟାଣ୍ଟ ସେକ୍ରେଟାରୀ ପଦକୁ ମିଶାଇ ସମୁଦାୟ ୨୦ଟି ପଦ ପାଇଁ ନିର୍ବାଚନ ଲଢ଼ିବେ ବୋଲି କଲେଜ ୟୁନିଅନ ଆଡଭାଇଜର ଅଭିଜିତ ଦାସ ସୂଚନା ଦେଇଛନ୍ତି।

ଦୀନକୃଷ୍ଣ କଲେଜ ସମ୍ମୁଖରେ ବିଜେଡି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ଜଳେଶ୍ୱର,୧୦।୧୦(ସମିସ) : ଦୀନକୃଷ୍ଣ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରକୁ ନେଇ ଫାଟକ ସମ୍ମୁଖରେ ବିଜେଡି ଯୁବ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ଘଟଣା ଅନୁସାରେ ବିସିଜେଡିର ଜନୈକ ପ୍ରାର୍ଥୀନୀ ଉପସଭାପତି ପଦ ଲାଗି ଗତକାଲି ନାମାଙ୍କନ ଭରିଥିବା ବେଳେ ଶନିବାର ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପାଇଁ କଲେଜରେ ପହଞ୍ଚିଥିଲେ। ଫଳରେ ବିସିଜେଡି ପକ୍ଷରୁ ଆଶ୍ଚର୍ଯ୍ୟ ପ୍ରକାଶ କରି ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଦଳୀୟ ସହଯୋଗୀ ମାନେ ବୁଝାଉଥିଲେ। କିନ୍ତୁ କେତେକ ଅଜ୍ଞାତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି କରିବା ସହିତ କଲେଜ ଭିତରକୁ ପ୍ରବେଶ କରି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ବିସିଜେଡି ଅଭିଯୋଗ କରିଥିଲେ। ଯାହାଫଳରେ ବିସିଜେଡି ପକ୍ଷର ସହଯୋଗ କରୁଥିବା ଯୁବ ବିଜେଡି ସଂଗଠକ ଫାଟକ ସମ୍ମୁଖରେ ପ୍ରଶ୍ନ ଉଠାଇବା ସହିତ ଶିକ୍ଷାର୍ଥୀଙ୍କ ସହିତ ପ୍ରତିବାଦ କରିଥିଲେ। ପରିବେଶ ଅଶାନ୍ତ ରହିଥିବା ବେଳେ, ଗୌତମ ପାତ୍ରଙ୍କ ଏବିଭିପି ଛାତ୍ର ସଂଗଠନ କୁ ସହଯୋଗ କରୁଥିବା ରଣଜିତ୍ ପାତ୍ର, ଦେବାଶିଷ ପାତ୍ର,ଚିରଞ୍ଜିତ ଜେନା, ରାଜୁ ସେନାପତି,ଅଜିତ୍ ରାଉ ନାମକ ଯୁବକ ଆକ୍ରମଣ କରିଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଗୋଡ ଭାଙ୍ଗି ରକ୍ତାକ୍ତ ହୋଇ ଗୌତମ ଅାହତ ହୋଇଥିବା ବେଳେ ନିକଟସ୍ଥ ଜିକେ ଭଞ୍ଜ ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ଜଳେଶ୍ୱର ବିଜେଡି ପକ୍ଷରୁ ଜଳେଶ୍ୱର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରି ଆକ୍ରମ କାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରାଯାଇଛି। ଛାତ୍ର ସଂଗଠନକୁ ଦୁଇ ପ୍ରମୁଖ ରାଜନୈତିକ ଦଳ ଉଭୟର ସହଯୋଗ କରୁଥିବାରୁ ଏଭଳି କାଣ୍ଡ ଘଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

୩ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ସିମୁଳିଆ,୧୦।୧୦ (ସମିସ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ସିମୁଳିଆ ବ୍ଲକର ଦୁଇଟି କଲେଜରେ ଅନୁଷ୍ଠିତ ହେଉଛି। ସେଥିମଧ୍ୟରୁ ବାଲିଖଣ୍ଡ ଡିଗ୍ରୀ କଲେଜରେ ମନୋନୟନ ହେବାକୁ ଥିବାବେଳେ ସିମୁଳିଆ ମହାବିଦ୍ୟାଳୟରେ ନିର୍ବାଚନ ହେବାକୁ ଯାଉଛି। ସେଥିପାଇଁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖା ଦେଇଛି। ଗୁରୁବାର ଦିନ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ସେଥିମଧ୍ୟରୁ ତିନି ଜଣ କଳାରେ ଅଜୟ କୁମାର ଗାହାଣ, ବିଜ୍ଞାନରେ ନିରଞ୍ଜନ ରାଉତ ଓ ବାଣିଜ୍ୟରେ ଗାୟତ୍ରୀ ସାମଲ କମନ ରୁମ ସେକ୍ରେଟାରୀ ଭାବେ ବିନା ପ୍ରତିଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଆଜି ବିଦ୍ୟାଳୟ ପକ୍ଷରୁ ଫାଇନାଲ ନୋଟିଫିକେସନ କରାଯାଇଛି। ସଭାପତି ଭାବେ ରାମଚନ୍ଦ୍ର ପଣ୍ଡା, ଦୟାନିଧି ପଣ୍ଡା, ବିଜୟ କୁମାର ସାହୁ, ଉପସଭାପତି ଭାବେ ବସନ୍ତ ବେହେରା, ଜୀବନ ଜ୍ୟୋତି ଜେନା,ସାଧାରଣ ସମ୍ପାଦକ ଭାବେ ଆଶିଷ କୁମାର ମହାନ୍ତି,ଦେବକୃଷ୍ଣ ପାଢ଼ି, ତୃପ୍ତିରଞ୍ଜନ ସେଠି, ସହ ସମ୍ପାଦକ ଆକାଶ ନାୟକ, ରଞ୍ଜିତ ବେହେରା,କ୍ରୀଡା ସଂସଦ ସମ୍ପାଦକ ପ୍ରିୟଙ୍କା ବେହେରା, ତପସ୍ୱିନୀ ମହାକୁଡ଼, ସହ କ୍ରୀଡା ସଂସଦ ସମ୍ପାଦକ ଅଶୋକ କୁମାର ପଣ୍ଡା, ଭକ୍ତି ରଞ୍ଜନ ସାହୁ,ଡିଏସଏ ସେକ୍ରେଟାରୀ ଭାବେ ଚକ୍ରଧର ସାହୁ, ନିର୍ମଳ କୁମାର ରାଉତ, ସାଂସ୍କୃତିକ ସମ୍ପାଦକ ଭାବେ ମୁକେଶ କୁମାର ଦାସ, ରଶ୍ମିତା ବେହେରା, ଛାତ୍ର ସଂସଦ କମନ ରୁମ ସମ୍ପାଦକ ଭାବେ ବାସୁଦେବ ଗୋଯାଲ ମିଶ୍ର ଓ ସୁନିତା ଭାରତୀ ପ୍ରମୁଖଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ନେଇ ମହାବିଦ୍ୟାଳୟର ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ମାଷ୍ଟର ଆପୋଲଙ୍କ ନିକଟରୁ ସୂଚନା।

ବାଲେଶ୍ୱର ପୌରପାଳିକାରେ ନବମ ରାଷ୍ଟ୍ରୀୟ ପୋଷଣ ମାସ

ବାଲେଶ୍ୱର, ୧୦।୧୦(ସମିସ): ବାଲେଶ୍ୱର ପୌରପାଳିକା ଆଇସିଡିଏସ୍ ପ୍ରକଳ୍ପ ପକ୍ଷରୁ ପ୍ରକଳ୍ପସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଆ ଓ ଶିଶୁଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁଷ୍ଟିକର ଖାଦ୍ୟ ସହିତ ପରିବେଶର ସୁରକ୍ଷା ଓ ପରିମଳ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ଶାନ୍ତିଲତା ପାତ୍ର ଏବଂ ମେ ଆଇ ହେଲ୍ପ ୟୁର ସମ୍ପାଦକ ଉବାଚକ ମହାନ୍ତି ଯୋଗଦେଇ ମା ଓ ଶିଶୁଙ୍କ ପୁଷ୍ଟିସାଧନ, ସନ୍ତୁଳିତ ଖାଦ୍ୟ ଗ୍ରହଣ ଏବଂ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାରେ ପୋଷଣର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଓ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ ପୁଷ୍ଟିସମୃଦ୍ଧ ଖାଦ୍ୟ ପ୍ରସ୍ତୁତିର ବିଭିନ୍ନ ପଦ୍ଧତି ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ମଧୁସ୍ମିତା ପ୍ରଧାନ, ସଂଚୟିତା ସାମନ୍ତ, ସୁଶ୍ରୀ ସାସ୍ୱତୀ ଦେ ଓ ମୁକେଶ ବେହେରା ପ୍ରମୁଖ ସଂଯୋଜନା କରିଥିଲେ।

ଜଳେଶ୍ୱର ଷ୍ଟେସନ ପରିସରରେ ଖୋଲିବ ଆର୍‌ପିଏଫ୍ ଥାନା

ଜଳେଶ୍ୱର, ୧୦।୧୦ (ସମିସ): ଜଳେଶ୍ୱର ଷ୍ଟେସନ ପରିସରରେ ଆର୍‌ପିଏଫ୍ ଥାନା ଖୁବ ଶୀଘ୍ର ଖୋଲିବ ବୋଲି ଦକ୍ଷିଣ-ପୂର୍ବ ରେଳପଥର ଖଡଗପୁର ଡିଭିଜନ ସିନିୟର ଡିଭିଜନ ସିକ୍ୟୁରିଟି କମିସନର ପ୍ରକାଶ କୁମାର ପଣ୍ଡା ଆଜି ଜଳେଶ୍ୱର ଷ୍ଟେସନ ପରିଦର୍ଶନ କରିବା ସହିତ ଏହି ବିଷୟରେ ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ବିଜେଡି ରାଜ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ସମ୍ପାଦକ ଅବଦୁଲ ରହିମ ତାଙ୍କୁ ଭେଟିବା ସହିତ ଜଳେଶ୍ୱର ଷ୍ଟେସନର ବିଭିନ୍ନ ସିକ୍ୟୁରିଟି ବିଷୟରେ ଅବଗତ କରାଇଛନ୍ତି। ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ଏହି ଥାନା ଖୋଲିବା ସହିତ ଏଠାରେ ୪୦ରୁ ଅଧିକ ପୋଲିସ ନିୟଜିତ ହେବେ ବୋଲି ସୂଚନା ଦେଇଛନ୍ତି। ସେହିପରି ଷ୍ଟେସନ ପରିସରରେ ଫ୍ରୀ ଦୁଇ ଚକିଆ ଗାଡି ପାର୍କିଂ ବ୍ୟବସ୍ଥା ନଥିବା ବିଷୟ ତାଙ୍କ ନଜରକୁ ଆଣିବା ପରେ ସେ ଅଟୋ ଫ୍ରି ପାର୍କିଂ ବ୍ୟବସ୍ଥା ଥିବା ଜାଗାରେ କାହିଁକି ଦୁଇଚକିଆ ଗାଡିର ପାର୍କିଂ ହେଉନାହିଁ ବୋଲି ଷ୍ଟେସନ କର୍ତ୍ତୃପକ୍ଷକୁ ପଚାରିଥିଲେ। ତୁରନ୍ତ ତାହା ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଣାଯାଇଛି। ଜଳେଶ୍ୱର ଷ୍ଟେସନ ଏକ ସମ୍ବେଦନଶୀଳ ରେଳଷ୍ଟେସନ ଭାବରେ ଜଣାଶୁଣା। ଏହି ଷ୍ଟେସନଟି ପଶ୍ଚିମବଙ୍ଗ-ଓଡିଶାର ସୀମାରେ ଅବସ୍ଥିତ ଥିବା ବେଳେ ଏଠାରେ ପ୍ରାୟତଃ ଛିନ୍ତାଇ, ଚୋରି, ଡକାୟତି ସହିତ ବିଭିନ୍ନ ପ୍ରକାରର ନିଶା କାରବାର ସବୁବେଳେ ଲାଗିରହିଛି। ତାଛଡା ରେଳ ଷ୍ଟେସନରେ ବୁକିଂ କାଉଣ୍ଟରେ ଦଲାଲ ମାନଙ୍କର ପାଦୃଭାବ ଲାଗି ରହିଥିବା ବେଳେ ରେଳ ଟିକଟ ଚୋରା କାରବାର ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ଜଳେଶ୍ୱରରେ ଆରପିଏଫ୍ ଥାନା ନ ଥିବାରୁ ଯେକୌଣସି ଅଭିଯୋଗ କରିବା ପାଇଁ ସୁଦୂର ରୁପ୍ସା ଷ୍ଟେସନରେ ଥିବା ଆରପିଏଫ ଫାଣ୍ଡିକୁ ବା ବାଲେଶ୍ୱର ଯିବାକୁ ପଡୁଛି। ଓଡିଶାର ଲକ୍ଷ୍ମଣନାଥ ରେଳ ଷ୍ଟେସନ ଠାରୁ ରୁପ୍ସା ପର୍ଯ୍ୟନ୍ତ କୌଣସୀ ଥାନା ନଥିବାରୁ ବହୁ ସମୟରେ ଯାତ୍ରୀମାନେ ହଇରାଣ ହରକତ ହେବା ସହିତ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ତେଣୁ ଏହି ଅସୁବିଧାର ପରିସମାପ୍ତି ଘଟିବ ବୋଲି ସୂଚନା ମିଳିଛି।

ସାର୍ବଜନୀନ ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଲଙ୍ଗଳେଶ୍ୱର, ୧୦।୧୦ (ସମିସ): ବଳରମପୁର ପଞ୍ଚାୟତ ତ୍ରିପୁରେଶ୍ୱର ବଜାର ପ୍ରାଙ୍ଗଣରେ ଦୀର୍ଘ ୫୦ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜା କମିଟିର ସଭାପତି ତଥା ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ରେ ସମ୍ପାଦକ ଦେବେନ୍ଦ୍ର ରାଉତ, ଉପସଭାପତି କୀର୍ତ୍ତନ ଧଳ, ସହ ସମ୍ପାଦକ ଯୋଗେନ୍ଦ୍ର ବାଗ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିପୁରେଶ୍ୱର ବଜାରରେ ୧୯୭୭ ମସିହା ରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଚଳିତ ବର୍ଷ ୫୦ ବର୍ଷ ରେ ପଦାର୍ପଣ କରିବାକୁ ଯାଉଥିବାରୁ ଚଳିତ ବର୍ଷ ଦୁର୍ଗାପୂଜାକୁ ବର୍ଣ୍ଣାଢ୍ୟ ଭାବରେ ପାଳନ କରିବା ପାଇଁ କମିଟି ପକ୍ଷରୁ ସୂଚନା ଦିଆ ଯାଇଥିବା ବେଳେ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ୧୦ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ତିନି ଦିନ ଧରି ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ, ଯାତ୍ରା ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ବିଶେଷ ଭାବରେ ଦଶହରାରେ ଅନୁଷ୍ଠିତ ହେଉଥିବା ରାବଣ ପୋଡି ଉତ୍ସବ ରେ ହଜାର ହଜାର ଲୋକଙ୍କ ସମାଗମ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପାଳନ ପାଇଁ ସୁବର୍ଣ୍ଣ ଜୟନ୍ତୀ ନୂତନ କମିଟି ଗଠନ କରାଯାଇ ଥିଲା। ସଭାପତି ଭାବରେ ଜ୍ୟୋତିଶଙ୍କର ଭୂୟାଁ, ଉପସଭାପତି ଭାବରେ ଚନ୍ଦନ କାମିଲା, ସମ୍ପାଦକ ରବୀନ୍ଦ୍ର ଜେନା, ସହ ସମ୍ପାଦକ ମନୋରଞ୍ଜନ ସେନାପତି, କୋଷାଧ୍ୟକ୍ଷ ଭାବରେ ହରିହର ପଣ୍ଡା ଏବଂ ଜୟନାରାୟଣ ଦାସଙ୍କୁ ମନୋନୀତ କରାଯାଇଥିଲା।

ଜାତୀୟସ୍ତରୀୟ କଲାମ ଜୟନ୍ତୀରେ ସମ୍ମାନିତ ହେବେ ୫ ବ୍ୟକ୍ତିତ୍ୱ

ବାଲେଶ୍ୱର,୧୦।୧୦(ସମିସ): ପୂର୍ବତନ ରାଷ୍ଟ୍ରପତି ତଥା ମହାନ ବୈଜ୍ଞାନିକ ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ଆସନ୍ତା ଅକ୍ଟୋବର ୧୫ ତାରିଖରେ ବାଲେଶ୍ୱରରେ ଜାତୀୟ ସ୍ତରୀୟ କଲାମ ଜୟନ୍ତୀ ଉତ୍ସବ ଆୟୋଜିତ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବ। ଏଥର ଗୁରୁଦେବ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି ପୁରୀ ଶ୍ରୀମଦ୍ ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠ ବେଦ ପାଠଶାଳାର ପ୍ରଧାନ ଆଚାର୍ଯ୍ୟ କୈଳାସ ପ୍ରକାଶ ବ୍ରହ୍ମଚାରୀ। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବଦାନ ପାଇଁ ଡ. ସତ୍ୟବ୍ରତ ମୀନକେତନ, ସମାଜସେବା ପାଇଁ ହିମାଂଶୁ ଶେଖର ନାୟକ, ବୈଜ୍ଞାନିକ ସମ୍ମାନ ପାଇଁ ନିଶିତା ବଳିୟାରସିଂ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅବଦାନ ପାଇଁ ଦିଲ୍ଲୀର ଟେସା ଗ୍ରୁପର ନିର୍ଦ୍ଦେଶକ ଅଶୋକ କୁମାର ସେନଙ୍କୁ କଲାମ ଆଇକନ୍ ସମ୍ମାନରେ ସମ୍ମାନିତ କରାଯିବ। ଡ. କଲାମଙ୍କ ଆଦର୍ଶକୁ ଆଧାର କରି ବିଭିନ୍ନ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା ଏହି ଉତ୍ସବର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି କଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ଓ ସାଧାରଣ ସମ୍ପାଦକ ଡ. ପଙ୍କଜ କୁମାର ଜେନା କହିଛନ୍ତି। ଏହି ଜାତୀୟ ସ୍ତରୀୟ ଉତ୍ସବ ମାଧ୍ୟମରେ ଡ. କଲାମଙ୍କ ଜୀବନାଦର୍ଶ, ଜ୍ଞାନ, ସେବା ଓ ରାଷ୍ଟ୍ର ଗଠନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ସମାଜ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ଟ୍ରଷ୍ଟ ସଭାପତି ଡ. ନୀଳାଦ୍ରି ରାୟ ସୂଚନା ଦେଇଛନ୍ତି।

ଦିଲ୍ଲୀରେ ସମ୍ଭବ-୨୦୨୬ରେ ଯୋଗଦେବେ ରାଣୀପାଟଣା ଦୃଷ୍ଟିହୀନ ଛାତ୍ରଛାତ୍ରୀ

ବାଲେଶ୍ୱର, ୧୦।୧୦ (ସମିସ): ପ୍ରତିବର୍ଷ ଆହ୍ୱାନା ଅନୁଷ୍ଠାନ, ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ କାର୍ଯ୍ୟକ୍ରମ 'ସମ୍ଭବ' ଚଳିତ ବର୍ଷ ସମ୍ଭବ-୨୦୨୬ ଭାବେ ଦିଲ୍ଲୀରେ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବାଲେଶ୍ୱରର ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ୫ ଜଣ ଛାତ୍ରଛାତ୍ରୀ ଦିଲ୍ଲୀ ଯାତ୍ରା କରିଛନ୍ତି। ଗତ ୮ ତାରିଖରେ ପୁରୁଷୋତ୍ତମ ଏକ୍ସପ୍ରେସ ଯୋଗେ ସେମାନେ ବାଲେଶ୍ୱରରୁ ବାହାରିଛନ୍ତି। ଯାତ୍ରା କରିଥିବା ଛାତ୍ରଛାତ୍ରୀମାନେ ହେଲେ ମାହେଶ୍ୱରୀ ପ୍ରଧାନ, ମେଘନା ସିଂ, ସୁନିତା ସୋରେନ, ସତ୍ୟ ମାହାକୁଡ଼ ଓ ରାଜକିଶୋର ସିଂ। ସେମାନଙ୍କ ସହ ନୃତ୍ୟ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଏବଂ ଗାଇଡ୍ ଶିକ୍ଷକ ଗୌରାଙ୍ଗ ଚରଣ ପ୍ରଧାନ ଯାଇଛନ୍ତି। ଏହି ଆନ୍ତର୍ଜାତୀୟ ମଞ୍ଚରେ ଭାରତ ସହ ଶ୍ରୀଲଙ୍କା, ଭିଏତନାମ, ଅଷ୍ଟ୍ରେଲିଆ, ତାଜିକିସ୍ତାନ, ନେପାଳ ଆଦି ଦେଶର ଦିବ୍ୟାଙ୍ଗ ଜନ ନାଚ, ଗୀତ, ବାଦ୍ୟ ଓ ଯୋଗାଭ୍ୟାସ ଆଦି ପ୍ରଦର୍ଶନ କରିବେ। ରାଣୀପାଟଣା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃଦ୍ଧାବସ୍ଥାରେ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡିବା ପ୍ରସଙ୍ଗ ଉପରେ ଆଧାରିତ ଏକ ହୃଦୟସ୍ପର୍ଶୀ ନୃତ୍ୟ ପରିବେଷଣ କରିବେ। ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ଦାସ ସେମାନଙ୍କ ସଫଳ ପ୍ରଦର୍ଶନ ଓ ପୁରସ୍କୃତ ହେବା ନେଇ ଆଶା ଓ ଆଶୀର୍ବାଦ ପ୍ରଦାନ କରିଛନ୍ତି।

ନିର୍ମାଣର ୩ ଦିନ ପରେ ରାସ୍ତା ଫାଟି ଆଁ

ନୀଳଗିରି, ୧୦।୧୦ (ସମିସ): ଏକ ପକ୍କା ରାସ୍ତା ନିର୍ମାଣର ୩ଦିନ ନ ପୂରୁଣୁ ଫାଟି ଆଁ କରିଛି। ନୀଳଗିରି ବ୍ଲକର ପିଠାହତା ପଂଚାୟତର ଚତୁର୍ଭୁଜ ମହାକୁଡ଼ ଘର ଠାରୁ ପ୍ରଭାକର ନାୟକ ଘର ପର୍ଯ୍ୟନ୍ତ ଏକ ସି.ଏମ୍.ଏସ.ଏ. ଯୋଜନାରେ ୨୦୨୫/୨୬ଆର୍ଥିକ ବର୍ଷରେ ୬ ଲକ୍ଷ ଟଙ୍କା ର ପକ୍କା ରାସ୍ତା ନିର୍ମାଣ ପାଇଁ ଅନୁଦାନ ରାଶି ଆସିଥିଲା। ଉକ୍ତ କାର୍ଯ୍ୟର ବ୍ଲକର ଯନ୍ତ୍ରୀ ରମେଶ ସିଂ ଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ଉକ୍ତ ରାସ୍ତାର ଅବସ୍ଥା କହିଲେ ନ ସରେ। ପାଖା ପାଖି ୪୦ଫୁଟ୍ ଲମ୍ବର ନୂତନ ପକ୍କା ରାସ୍ତା ଫାଟି ଚାରିଫାଳ ହୋଇ ଥିବାର ଦେଖିବାକୁ ମିଳିଛି। ନିର୍ମାଣର ମାତ୍ର ୩ଦିନ ପରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଉକ୍ତ ଅଂଶରେ ମେଟାଲ୍ ଦେଇ ନ ଥିବା ବେଳେ ବହୁ କମ୍ ସିମେଣ୍ଟ ଦେଇ କାର୍ଯ୍ୟ ହୋଇଥିବାର ଅଭିଯୋଗ କରିଛନ୍ତି। ପିଠାଅତା ପଂଚାୟତର ମାଟି ଖରାପ୍, ଏଥି ପାଇଁ ସବୁ କଂକ୍ରିଟ ରାସ୍ତା ଫାଟିବ ବୋଲି ସ୍ଥାନୀୟ ଜଣେ ବିଜେପିର କର୍ମୀ ପ୍ରକାଶ କରିଛନ୍ତି। ଯଦି ଉକ୍ତ ପଂଚାୟତର ମାଟିର ଦୋଷ, ତାହା ହେଲେ ସରକାରଙ୍କ କୋଟି କୋଟି ଟଙ୍କାର ପ୍ରକଳ୍ପ ନ ହେବା ଉଚିତ୍ ବୋଲି ଜଣେ ଶାସକ ଦଳର କର୍ମୀ ପ୍ରକାଶ କରିବା ସହ ଉଚ୍ଚ ସ୍ତରୀୟ ତଦନ୍ତ ଦାବୀ କରିଛନ୍ତି। ତେବେ ଯନ୍ତ୍ରୀ ରମେଶ ସିଂ ଉକ୍ତ ପ୍ରକଳ୍ପକୁ ସଠିକ୍ ଭାବେ ତଦାରଖ କରି ନ ଥିବା ବେଳେ ହରିଲୁଟ୍ କରିବାର ପନ୍ଥା ଅବଲମ୍ବନ କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। କର୍ମଚାରୀଙ୍କ ଅନୁପସ୍ଥିତି, ରାସ୍ତା ଫାଟିବା ଘଟଣା ପରେ ସ୍ଥାନୀୟ ବାସିନ୍ଦା ଏବଂ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା କହି ଜିଲ୍ଲା ଅଧିକାରୀ ଯଥାଶୀଘ୍ର ଦୁର୍ନୀତିରେ ଲିପ୍ତ ଥିବା ଅଧିକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲେ। ଏ ବାବଦରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

ବିରଳ ପ୍ରଜାତିର ବିଲେଇ ଉଦ୍ଧାର

ଲଙ୍ଗଳେଶ୍ୱର, ୧୦।୧୦ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମରୁ ଏକ ବିରଳ ପ୍ରଜାତିର ବିଲେଇ ଉଦ୍ଧାର କରାଯାଇଛି। ଆଜି ସକାଳେ ଲଙ୍ଗଳେଶ୍ୱର ଦୁର୍ଗା ପ୍ରସନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଗରେ ଥିବା ଦାସ ପରିବାରଙ୍କ ଗଡିଆ ପାଖରେ ଏଇ ବିଚିତ୍ର ଜୀବଟିକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହିତ ତା ପାଖକୁ ଯାଇଥିଲେ। କିନ୍ତୁ ଜୀବଟି ଭୟଭୀତ ହୋଇ ଗଡ଼ିଆକୁ ଡେଇଁ ପଡ଼ିଥିଲା। ପରେ ପାଖରେ ଥିବା ଜାଲରେ ଛନ୍ଦି ଯାଇଥିଲା। ସଙ୍ଗେ ସଙ୍ଗେ ଲଙ୍ଗଳେଶ୍ୱର ବନ ଅଧିକାରୀଙ୍କୁ ଖବର ଦେବା ପରେ ଉଦ୍ଧାରକାରୀଙ୍କୁ ଡାକି ଉଦ୍ଧାର କରାଯାଇଥିଲା। ଜୀବଟିକୁ ଉଦ୍ଧାର କରିବା ପରେ ଜଣାଗଲା ଏହା ଏକ ପ୍ରଜାତିର ବିଲେଇ। ଇଂରାଜୀ ରେ ଏହା ଏସିଆନ ସିବିଟି କ୍ୟାଟ କୁହାଯାଏ। ଏହା ଏକ ନିଶାଚର ଜୀବ ହୋଇଥିବାରୁ ଦିନରେ ଏହାର ଆଖିକୁ କାମ ଦେଖାଯାଏ। ଏଇ ପ୍ରଜାତିର ବିଲେଇ ବଣ ଜଙ୍ଗଲ ବ୍ୟତୀତ ଏ ଅଞ୍ଚଳ ରେ ଦେଖାଯାଏ ନାହିଁ। ନଖ ଦ୍ୱାରା ଏମାନେ ଶତ୍ରୁଙ୍କୁ ଆକ୍ରମଣ କରିଥାନ୍ତି। ଉଦ୍ଧାରକାରୀ ରତ୍ନାକର ବେହେରା ସତର୍କତାର ସହ ଉଦ୍ଧାର କରିଥିବା ବେଳେ ଏଇ ବିଚିତ୍ର ଓ ବିରଳ ଜୀବକୁ ନେଇ କୁଳଡ଼ିହା ଅଭୟାରଣ୍ୟରେ ଛଡ଼ାଯିବ ବୋଲି ବନ ଅଧିକାରୀ କହିଛନ୍ତି।

ସୋନ ନଦୀରୁ ବାଲି ଚୋରିବେଳେ ଅଘଟଣ

ଟ୍ରାକ୍ଟର ଓଲଟି ଜଣେ ମୃତ, ୨ ଗୁରୁତର

ନୀଳଗିରି, ୧୦।୧୦ (ସମିସ): ରାତିରେ ବାଲି ଚୋରି କରିବାକୁ ଯାଉଥିବା ବେଳେ ଓଲଟିଲା ଟ୍ରାକ୍ଟର, ୨ ଜଣ ଗୁରୁତର ହୋଇଥିବା ବେଳେ ଜଣେ ମୃତ। ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ସୋନ ନଦୀର ପୁଦାଳ ଘାଟରୁ ଚୋରାରେ ବାଲି ଚାଲାଣ ପାଇଁ ଜାଉଥିବା ବେଳେ ଟ୍ରାକ୍ଟର ଓଲଟିପଡ଼ିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି। ନୀଳଗିରି ବ୍ଲକର ରାଧାକିଶୋରପୁର ପଞ୍ଚାୟତ ସଂଗ୍ରାମପୁର ଗାଁର ଟ୍ରାକ୍ଟର ଶ୍ରମିକ ରଞ୍ଜିତ କୁମାର ସିଂ (୧୯) ଶୁକ୍ରବାର ରାତି ପ୍ରାୟ ୨ ଘଟିକା ସମୟରେ ଏକ ଟ୍ରାକ୍ଟରେ ସୋନ ନଦୀ ପୁଦାଳ ଘାଟକୁ ବାଲି ଲୋଡ କରିବାକୁ ବାଲି ଘାଟକୁ ଯାଉଥିବା ବେଳେ ଡ୍ରାଇଭରର ବେପରୁଆ ଚାଳନା ଓ ଅଧିକ ଟ୍ରିପ୍ କରିବାର ନିଶା ଯୋଗୁଁ ଦୃତଗତିରେ ଜାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର ଓଲଟି ପିଡ଼ିଥିଲା। ଟ୍ରାକ୍ଟର ତଳେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ରେମୁଣା ମେଡିକାଲକୁ ୧୦୮ ଆମ୍ବୁଲାନ୍ସ ରେ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାକ୍ଟର ଓଲଟି ଥିବା ଘଟଣା ସ୍ଥଳରୁ ଟ୍ରାକ୍ଟର ମାଲିକ ଚଞ୍ଚକତା କରି ଟ୍ରାକ୍ଟର ଡଲାଟିକୁ ଛାଡିଦେଇ ଟ୍ରାକ୍ଟର ଡ୍ରାଇଭର ଓ ଟ୍ରାକ୍ଟର ଇଞ୍ଜିନକୁ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଟ୍ରାକ୍ଟର ଓଲଟି ଥିବାର ଖବର ପାଇ ଅଯୋଧ୍ୟା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ପୋଲିସ ଟ୍ରାକ୍ଟର ଡଲାଟିକୁ ଜବତ କରିଥିଲା। ଏନେଇ ନୀଳଗିରି ଥାନା ପକ୍ଷରୁ ୪୫୮/୨୬ ଏକ ମାମଲା ରୁଜୁ କରି ବାଲେଶ୍ୱରରେ ଶବ ବ୍ୟବଛେଦ କରାଯାଇଛି।

କୁଳଡ଼ିହା ଅଭୟାରଣ୍ୟରୁ ଶିକାର ଉଦ୍ୟମ

୬ ଶିକାରୀ ଗିରଫ ସହ ସରଞ୍ଜାମ ଜବତ

ନୀଳଗିରି, ୧୦।୧୦ (ସମିସ): ବାଲେଶ୍ୱର ଜିଲ୍ଲାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ବନ୍ୟଜନ୍ତୁ ଶିକାର ଉଦ୍ୟମ ଅଭିଯୋଗରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬ ଜଣଙ୍କୁ ଧରାଯାଇଛି। ଅଭୟାରଣ୍ୟ ମଧ୍ୟରେ ଲାଗିଥିବା ଟ୍ରାପ୍ କ୍ୟାମେରାରେ କଏଦ ଫଟୋ ଏବଂ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ଆଧାରରେ ବନ ବିଭାଗ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ସୂଚନା ୯ ଅକ୍ଟୋବର ୨୦୨୬ ରାତିରେ ବନ ବିଭାଗର କର୍ମଚାରୀମାନେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ୮ଟି ଦେଶୀ ବନ୍ଧୁକ, ୧୬ଟି ସୀସା ଗୁଳି, ୩ଟି କଟା ସୀସା ରଡ୍ ଖଣ୍ଡ, ୨୦ ଗ୍ରାମ କଳା ବାରୁଦ, ଗୋଟିଏ ଲୁହା ରଡ୍, ୩ଟି ଧନୁ ଓ ୫ଟି ତୀର ଜବତ କରାଯାଇଥିଲା। ଏହି ଘଟଣାରେ ମଦନ ସିଂ (୪୬), ଗୁରୁବା ସିଂ (୨୩), ଘନା ସିଂ (୨୮), ଶନିଆ ସିଂ (୩୨), ଦେବେନ୍ଦ୍ର ସିଂ (୨୬) ଓ ମଙ୍ଗୁଲୁ ସିଂ (୩୧)ଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରାଯାଇଛି। ସେମାନେ ନୀଳଗିରି ଥାନା ଅନ୍ତର୍ଗତ ସିଆଡିମାଳ ପଞ୍ଚାୟତ ଅଞ୍ଚଳର ବୋଲି ପ୍ରେସ୍ ନୋଟ୍‌ରେ ଉଲ୍ଲେଖ ରହିଛି। ଜବତ ସାମଗ୍ରୀ ସହ ୬ ଜଣଙ୍କୁ କୁଳଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏ ନେଇ କୁଳଡିହା ବନ୍ୟପ୍ରାଣୀ ରେଞ୍ଜରେ ଓ.ଆର. କେସ୍ ନଂ ୧୫ କୁଳଡିହା ୨୦୨୬-୨୭ ରୁଜୁ କରାଯାଇଛି। ଏହି ଚଢ଼ାଉରେ କୁଳଡ଼ିହା ଭାରାପ୍ରାପ୍ତ ରେଞ୍ଜ ଅଧିକାରୀ ସୌମ୍ୟରଞ୍ଜନ ମାଝୀ, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନ, ହାତିଖୋଲିଆ ଫରେଷ୍ଟର ଜୟନ୍ତ କୁମାର ପ୍ରଧାନ, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ଗାର୍ଡ ଜୟଲକ୍ଷ୍ମୀ ପୁହାଣ ଏବଂ ତେଣ୍ଡା ବିଟ୍ ର ଫରେଷ୍ଟ ଗାର୍ଡ ରାକେଶ କୁମାର ବାରିକ ସାମିଲ ଥିଲେ।

୬୫ ବର୍ଷରେ ବାରିପଦାର ଫ୍ରେଜାର ହଷ୍ଟେଲ ଦୁର୍ଗାପୂଜା

ବାରିପଦା, ୧୦।୧୦(ସମିସ):

ଯୁବକ ସଂଘ କଲଚରାଲ୍ ଆସୋସିଏସନ ପକ୍ଷରୁ ବାରିପଦାର ଲାଲବଜାର, ଫ୍ରେଜାର ହଷ୍ଟେଲ ପାଖରେ ହୋଇଆସୁଥିବା

ସାର୍ବଜନୀନ ଦୁର୍ଗାପୂଜା ତା'ର ମୂର୍ତ୍ତି, ଅନ୍ନଭୋଗ ଓ ଝୁଣାନାଚ ପାଇଁ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ୧୯୬୧ରେ ମାଗଣା ସହାୟତାରେ ଆରମ୍ଭ ହୋଇଥିଲା ଏଠାକାର ପୂଜା। ସ୍ୱର୍ଗତ ପଞ୍ଚାନନ ଦାସ ଯୋଗାଇଥିଲେ ଆଲୋକ ଓ ଶବ୍ଦ, ହରିଶ୍ଚନ୍ଦ୍ର ସିଂବାବୁ ଯୋଗାଇଥିଲେ ମୂର୍ତ୍ତି। ପୌର ପରିଷଦର ଏକ ଭଙ୍ଗା କୂଅ ଉପରେ ବାଉଁଶ ଭାଡ଼ି କରି ଆରମ୍ଭ ହୋଇଥିଲା ପୂଜା। ସେହିଦିନଠାରୁ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଆସୁଛି ପୂଜା। ସଂଘର ରୌପ୍ୟ ଜୟନ୍ତୀରେ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଉଷା

ମୂର୍ତ୍ତି, ଅନ୍ନଭୋଗ ଓ ଝୁଣାନାଚ ଏଠି ସ୍ୱତନ୍ତ୍ର

ଉଥପଙ୍କ ସଙ୍ଗୀତ ପରିବେଷଣ ହେଉ କିମ୍ବା ପ୍ରଥମ କରି ମହମ୍ମଦ ହବିବଙ୍କ ଅର୍କେଷ୍ଟ୍ରାକୁ ବାରିପଦା ଆଣିବାରେ ଏହି ସଂଘର ନାମ ସର୍ବବିଦ୍ୟମାନ୍ୟ ହୋଇରହିଛି। ପାରମ୍ଭରେ ଏଠାରେ ମେଢ଼ ନିର୍ମାଣ କରାଯାଇ ପୂଜା ହେଉଥିଲା। ପରବର୍ତ୍ତୀ ସମୟରେ ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ପୂଜା ମହାଆଡ଼ମ୍ବରରେ ପାଳନ କରାଯାଉଛି। ନୀଳଗିରିର ବ୍ରାହ୍ମଣ ଓ ଚଣ୍ଡୀ ପାଠକ ପ୍ରଶାନ୍ତ ବେହେରାଙ୍କ ଦ୍ୱାରା ପୂଜା କାର୍ଯ୍ୟ ହେଉଥିବାବେଳେ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ୩ ଦିନ ଧରି ଅନ୍ନଭୋଗ ଓ ସନ୍ଧ୍ୟା ସମୟର ଝୁଣାନାଚ ଏଠାକାର ବିଶେଷତ୍ୱ। ସେହିପରି ମୂର୍ତ୍ତି ନିର୍ମାଣ ଓ ଭୋଗ ପାଇଁ ଏଠାରେ ଅଧିକ ବ୍ୟୟବରାଦ ରହୁଥିବାବେଳେ ଏଠାରେ ଏକ ରଙ୍ଗର ମୂର୍ତ୍ତି ନିର୍ମାଣ ହୋଇଥାଏ। ମୂର୍ତ୍ତିରେ ଲାଗୁଥିବା ବସ୍ତ୍ର ମଧ୍ୟ ଏଠି ମାଟିରେ ନିର୍ମିତ ହୋଇଥାଏ। ଏକ ରଙ୍ଗର ମୂର୍ତ୍ତି ଓ ମେଢ଼ ପାଇଁ ପ୍ରତିବର୍ଷ ଲୋକଙ୍କ ଭିଡ଼ ଏହି ମଣ୍ଡପରେ ଜମିଥାଏ।

ସ୍ଥାନୀୟ ଲୋକଙ୍କର ମା'ଦୁର୍ଗାଙ୍କ ପ୍ରତି ଅଶେଷ ଆଗ୍ରହକୁ ଦେଖି ସ୍ୱର୍ଗତ ନଗେନ୍ଦ୍ର ନାଥ ପଟ୍ଟନାୟକ, ଶଙ୍କର ବର୍ମା, ଦେବତୋଷ ଦାଶ, ଜ୍ୟୋତି ପ୍ରକାଶ ବୋଷ ଓ ଗୋବିନ୍ଦ ଚନ୍ଦ୍ର ଜେନା ପ୍ରମୁଖ ଆରମ୍ଭ କରିଥିଲେ ପୂଜା। ଆମେ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିଆସୁଛୁ।

ଜ୍ୟୋତିପ୍ରକାଶ ରଥ (ସଭାପତି)

ଚଳିତବର୍ଷ ଏହି ଅନୁଷ୍ଠାନର ପୂଜା ୬୫ ବର୍ଷରେ ପହଞ୍ଚିଥିବାବେଳେ ସମ୍ପାଦକ ରାଜେଶ ଶର୍ମାଙ୍କ ନେତୃତ୍ୱରେ ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ସହଯୋଗରେ ପୂଜା ପ୍ରସ୍ତୁତି ଆଗେଇ ଚାଲିଛି। ଦୁର୍ଗାପୂଜା ବ୍ୟତୀତ ବିଭିନ୍ନ ସହଯୋଗମୂଳକ କାର୍ଯ୍ୟ ଆମ ଆସୋସିଏସନ ପକ୍ଷରୁ କରାଯାଇଥାଏ। ଆମ ମଣ୍ଡପ ସମ୍ମୁଖରେ ସ୍ୱତନ୍ତ୍ର ସଚେତନାମୂଳକ ପ୍ରଦର୍ଶନୀ ଭିନ୍ନ ଅନୁଭୂତି ଆଣିଥାଏ।

ବିପ୍ଳବ ଭଞ୍ଜନ ବୁଗୁଡ଼େଇ (ଉପସଭାପତି)

୧୭ ବର୍ଷରେ ସାର୍ବଜନୀନ ବାରୁଣେଶ୍ୱର ଦୁର୍ଗାପୂଜା

ବାରିପଦା, ୧୦।୧୦(ସମିସ): ବାରିପଦାର ମଣ୍ଡପମା' ଦୁର୍ଗାଙ୍କ ପୂଜା ମଧ୍ୟରେ ମଧୁବନସ୍ଥ ବାରୁଣେଶ୍ୱର ସାର୍ବଜନୀନ ଦୁର୍ଗାପୂଜା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସ୍ଥାନୀୟ ଅଞ୍ଚଳର ବରିଷ୍ଠ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉକ୍ତ ପୂଜା ଚଳିତ ଥର ୧୭ ବର୍ଷରେ ପହଞ୍ଚିଛି। ବରିଷ୍ଠ ନାଗରିକଙ୍କ ସକ୍ରିୟ ସଦସ୍ୟତାରେ ବିନା ବାଧାବିଘ୍ନରେ ପୂଜା ଜାରି ରହିଛି। ପୂଜା କମିଟି ସଭାପତି ଡଃ କୁଞ୍ଜବନ ପୃଷ୍ଟି, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସହଯୋଗରେ ପ୍ରସ୍ତୁତି କାର୍ଯ୍ୟ ଜୋରସୋର ଜାରି ରହିଛି। ମଧୁବନସ୍ଥ ସ୍ଥାୟୀ ମଣ୍ଡପରେ ମୂର୍ତ୍ତି କାରିଗରଙ୍କ ଦ୍ୱାରା ମା' ଦୁର୍ଗାଙ୍କ ସମେତ ପାଶ୍ୱର୍ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ବିଲ୍ୱାଧିବାସ ବା ବେଲବରଣ ଥିବାରୁ ପୂଜା ମଣ୍ଡପ, ତୋରଣ ଓ ମୂର୍ତ୍ତି ସାଜସଜ୍ଜା ଶେଷ

ବରିଷ୍ଠଙ୍କ ଉପସ୍ଥିତିରେ ଏଠି ଶୃଙ୍ଖଳିତ ପୂଜା ଓ ଭସାଣି

ହୋଇଛି। ଚଳିତଥର ପୂଜାକୁ ଆକର୍ଷଣୀୟ ସଦୃଶ୍ୟ ତୋରଣ ସମେତ ଅଧିକ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ପୂଜା କମିଟି ପକ୍ଷରୁ ଷଷ୍ଠୀ ପୂଜା ଆରମ୍ଭରୁ ବିଜୟା ଦଶମୀ ପର୍ଯ୍ୟନ୍ତ ବ୍ରତଧାରୀ, ସଦସ୍ୟ ଓ ସ୍ଥାନୀୟ ମଧୁବନ ଅଞ୍ଚଳର ଜନସାଧାରଣଙ୍କୁ ଆମିଷ ଭୋଜନ ସେବନ ନ କରିବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏଠାରେ ନିଷ୍ଠାର ସହ ପୂଜା ହେଉଥିବାରୁ ମାନସିକଧାରୀଙ୍କ ପୂଜା ପାଇଁ ପ୍ରବଳ ଭିଡ଼ ଜମିଥାଏ। ଅଷ୍ଟମୀ ଓ ନବମୀ ଦୁଇଦିନ ସର୍ବସାଧାରଣଙ୍କୁ ଭୋଗ ବଣ୍ଟନ କରାଯିବ। ନିଆରା ଢଙ୍ଗରେ ଏଠାରେ ଭସାଣି ହୋଇଥାଏ। ଦିନ ବେଳେ ବରିଷ୍ଠ ଲୋକଙ୍କ ଉପସ୍ଥିତିରେ ଭଜନ ଓ ଲୋକ ବାଦ୍ୟରେ ଶାନ୍ତିଶୃଙ୍ଖଳାର ସହିତ ଭସାଣି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

• ରାଜ୍ୟସ୍ତରୀୟ ଉଚ୍ଚକ୍ଷମତା ସମ୍ପନ୍ନ ସତର୍କତା ଓ ତଦାରଖ କମିଟି

ମୟୂରଭଞ୍ଜର ସାଂସଦ ଓ ତିନି ବିଧାୟକ ସାମିଲ

ବାରିପଦା, ୧୦।୧୦(ସମିସ): ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଉଚ୍ଚକ୍ଷମତା ସମ୍ପନ୍ନ ସତର୍କତା ଓ ତଦାରଖ କମିଟି ପୁନର୍ଗଠନ କରାଯାଇଛି। ଏହି କମିଟିରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିନିଧିତ୍ୱ ବୃଦ୍ଧି ପାଇବା ସହ ଜିଲ୍ଲାର ଜଣେ ସାଂସଦ ଓ ତିନିଜଣ ବିଧାୟକ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଗୁରୁତ୍ୱପୂର୍ଣ୍ଣ କମିଟିରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା ଓ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କୁ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ନିୟମାବଳୀ, ୧୯୯୫ର ନିୟମ ୧୬ ଅନୁଯାୟୀ ଏହି କମିଟି ପୁନର୍ଗଠିତ ହୋଇଛି। ଏଥିରେ ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ସୁରକ୍ଷା, ଅଧିକାର, କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ଓ ଆଇନଗତ ସୁବିଧା ସୁଯୋଗର ତଦାରଖ ଲାଗି ନିଷ୍ପତ୍ତି ନିଆଯିବ। ମୟୂରଭଞ୍ଜ ଜିଲ୍ଲାରୁ ୪ ଜଣ ଜନପ୍ରତିନିଧି ଏଥିରେ ସାମିଲ ହୋଇଥିବାରୁ ଜିଲ୍ଲାର ଆଦିବାସୀ ଓ ହରିଜନ ବର୍ଗଙ୍କ ସମସ୍ୟା ତଥା ବିକାଶମୂଳକ ପ୍ରସଙ୍ଗ ଉପରେ ସରକାରୀ ସ୍ତରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ଆଶା ପ୍ରକାଶ ପାଇଛି।

କପ୍ତିପଦା ବିଦ୍ୟାଳୟରେ ଜାତୀୟ ବନ୍ୟପ୍ରାଣୀ ଦିବସ

କପ୍ତିପଦା,୧୦।୧୦(ସମିସ): କପ୍ତିପଦା ଉଚ୍ଚବିଦ୍ୟାଳୟରେ ଜାତୀୟ ବନ୍ୟପ୍ରାଣୀ ଦିବସ ପ୍ରଧାନଶିକ୍ଷକ ସିଂରାଏ ମୁର୍ମୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଆଲୋଚକ ଭାବେ ମାଟିଫୁଲର ସମ୍ପାଦକ ବସନ୍ତ ରାଉଳ, ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ମିଶ୍ର, ରାଜ୍ୟ ପୁରସ୍କୃତ ଶିକ୍ଷକ ଯୁଗଳ କିଶୋର ସାହୁ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପରିଡା, ରମାନାଥ ପାଣିଗ୍ରାହୀ, ବାଇଧର ବେହେରା, ଅନନ୍ତ ବାରିକ, ବିଦ୍ୟାଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ୟଜୀବ ଆମର ସମ୍ପଦ, ଉଭୟ ଜୀବ ଓ ଉଦ୍ଭିଦ ରହିଲେ ଆମେ ସୁରକ୍ଷିତ ରହିବା। ସେମାନଙ୍କର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ଆୟୋଜକ ଭାବେ ରାଜ୍ୟ ପୁରସ୍କୃତ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦେଇ ପରିବେଶ ସନ୍ତୁଳିତ ରଖିବା ପାଇଁ ବନ୍ୟଜୀବ ଅର୍ଥାତ୍ ଉଭୟ ପ୍ରାଣୀ ଓ ଉଦ୍ଭିଦ ଆମକୁ ସାହାଯ୍ୟ କରନ୍ତି । ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ଶିକାର ବନ୍ଦ ହେବା ସହ ତାଙ୍କ ପ୍ରତି ଅହିଂସା ଆଚରଣ କରିବା ଓ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା ଉଚିତ। ଗଛ ରହିଲେ ଆମେ ତାଙ୍କ ପାଇଁ ଜୀବନକୁ ସୁରକ୍ଷା ଦେଇପାରିବା। ଜଙ୍ଗଲ ପାଇଁ ବର୍ଷା ଓ ବର୍ଷା ପାଇଁ ଆମର କୃଷି। ତେଣୁ ଜଙ୍ଗଲ ସୁରକ୍ଷା ଓ ଜୀବଜନ୍ତୁଙ୍କ ସୁରକ୍ଷା ଆମର କର୍ତ୍ତବ୍ୟ ବୋଲି ଆଲୋଚନା କରିଥିଲେ।

ଶିକ୍ଷକ ହରିଶ୍ଚନ୍ଦ୍ର ସାଏଙ୍କ ସ୍ମୃତିଚାରଣ ସଭା

କପ୍ତିପଦା,୧୦।୧୦(ସମିସ): କପ୍ତିପଦା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଙ୍କ ସଭାପତିତ୍ୱରେ ସ୍ୱର୍ଗତ ହରିଶ୍ଚନ୍ଦ୍ର ସାଏଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବରିଷ୍ଠ ନାଗରିକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତାଙ୍କ ଫଟୋଚିତ୍ରରେ ଧୂପ, ପୁଷ୍ପ ଅର୍ପଣ କରାଯାଇ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ଲେଖକ ପ୍ରଫୁଲ୍ଲ ଚନ୍ଦ୍ର ମହାଲିକ, କାର୍ତ୍ତିକ ମିଶ୍ର, ଯୁଗଳ କିଶୋର ସାହୁ, ରମାନାଥ ପାଣିଗ୍ରାହୀ, ନିରଞ୍ଜନ ପରିଡା, ପ୍ରଦୀପ କୁମାର ଦାସ, ତ୍ରିଲୋଚନ ସାହୁ, ଈଶ୍ୱର ଚନ୍ଦ୍ର ପାଢୀ, ଗୋପିନାଥ ନାୟକ, ପ୍ରମୋଦ କୁମାର ଦାଶ, ଆଶିଷ କୁମାର ମଲିକ ଓ ଗୋଲାକ ଚନ୍ଦ୍ର ବେଜଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଠାକୁରମୁଣ୍ଡାରେ ପ୍ରୋଜେକ୍ଟ ସଂଯୋଗର ଶୁଭାରମ୍ଭ ଓ ସମନ୍ୱୟ ବୈଠକ

ମହୁଲଡିହା,୧୦।୧୦(ସମିସ): ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତା ତାରିଣୀ ସମ୍ମିଳନୀ କକ୍ଷରେ ସଂଯୋଗ ପ୍ରକଳ୍ପର ଶୁଭାରମ୍ଭ ଓ ବ୍ଲକସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ବିଭିଓ ମନୋରଞ୍ଜନ ମହାପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ଏଏଚଓ ସୁଜନ କୁମାର ନରେନ୍ଦ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସିୱାଇଏସଡି ପରିଚାଳିତ ଏହି ପ୍ରକଳ୍ପ ଅଧୀନରେ ଠାକୁରମୁଣ୍ଡା ବ୍ଲକର ୫ଟି ପଞ୍ଚାୟତ ମହୁଲଡିହା, ହାତୀଗଡା, ସାଲେଇବେଡା, ଖଣ୍ଡବନ୍ଧ, କେନ୍ଦୁଜିଆଣିର ୨୫ଟି ଗାଁରେ କାର୍ଯ୍ୟ କରାଯିବ। ବୈଠକରେ ବ୍ଲକ କୋ-ଅର୍ଡିନେଟର ଆକାଶ ମହାନ୍ତି ଓ ପ୍ରୋଜେକ୍ଟ କୋ-ଅର୍ଡିନେଟର ଚିରଞ୍ଜୀବ ପାତ୍ର ପ୍ରକଳ୍ପର ଲକ୍ଷ୍ୟ ଓ ରୂପରେଖ ବିଷୟରେ ବୁଝାଇଥିଲେ। ଏ ଅବସରରେ ସିୱାଇ ଏସଡିର ଷ୍ଟାଫ୍ ସଞ୍ଜୀୟ, ଶ୍ରଦ୍ଧା, ଟ୍ୱିଙ୍କଲ, ସନତ, ସୁଶାନ୍ତ, ପ୍ରୀତି ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

କୁଆମରା,୧୦।୧୦(ସମିସ): ଗୋପବନ୍ଧୁନଗର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବାରିପଦା କ୍ଲଷ୍ଟର ପକ୍ଷରୁ ରିଜିଓନାଲ ଏକାଡେମୀରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସିଆରସିସି ପ୍ରଶାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମୋଟ ୧୪ଟି ବିଦ୍ୟାଳୟର ଦୁଇ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୩୧ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବିଆରସିସି କୁଳମଣି ନାଏକ, ଅଧ୍ୟାପକ ଗୋଲକ ବିହାରୀ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରେନ୍ଦ୍ର ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଯୋଗ ଦେଇଥିବାବେଳେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାସ୍ୱତୀ ସିଟ୍ ସଭାପତିତ୍ୱ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ଅତିଥି ଭାବେ ଡଃ ହରିଶ ଚନ୍ଦ୍ର ଚୌଧୁରୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କୃଷ୍ଣମୋହନ ବେହେରା, ପ୍ରଧାନଶିକ୍ଷକ ଭାଗୀରଥି ବାରିକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ରାଜୀବ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କୁଶଳଦା କ୍ଲଷ୍ଟରରେ ସିଆରସିସି କରୁଣାକର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ୧୬ଟି ବିଦ୍ୟାଳୟର ୧୮୦ ଛାତ୍ରଛାତ୍ରୀ ୧୨ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। କୁଶଳଦା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦ୍ମଲୋଚନ ଦାସ ଓ ସିଆରସିସି କରୁଣାକର ମଣ୍ଡଳ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ସରପଞ୍ଚ ଦୀପାଳି ସିଂ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଲିଳା ବାରିକ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୟୂର ସାହିତ୍ୟ ସଂସଦ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

ବେତନଟୀ, ୧୦।୧୦(ସମିସ): ସ୍ଥାନୀୟ ଅଗ୍ରଣୀ ସାହିତ୍ୟାନୁଷ୍ଠାନ 'ମୟୂର ସାହିତ୍ୟ ସଂସଦ' ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ବିପ୍ଳବୀ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ କବୟିତ୍ରୀ ସୀମାଦାସ ଖଟୁଆଙ୍କ ସଂଯୋଜନାରେ ଗୋପବନ୍ଧୁଙ୍କ ସମ୍ବନ୍ଧିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ସୌଦାମିନୀ ପଣ୍ଡା, ସହଦେବ ଗିରି, ଡ. ମନ୍ଦାକିନୀ ସାହୁ, ପର୍ଶୁରାମ ସାହୁ, ମିନତି ସିଂହ, ପ୍ରିୟନାଥ ପାଣି ଓ ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାଚକ୍ରରେ ଶିକ୍ଷାବିତ୍ ଡ. ରମାକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ବନବିଦ୍ୟାଳୟ ଓ ରବୀନ୍ଦ୍ରନାଥ ଠାକୁରଙ୍କ ଶାନ୍ତିନିକେତନର ଆଦର୍ଶ ଉପରେ ତୁଳନାତ୍ମକ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ତତ୍କାଳୀନ ଓଡ଼ିଶାର ସମସ୍ୟା ସମାଧାନରେ ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନଙ୍କ "ମଣିକାଞ୍ଚନ ଯୋଗ' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣୀପୀଠର ଅଧ୍ୟକ୍ଷ ଡ. କୁମାର ବାବୁଲି, କବି ସଂଗମର ଅଧ୍ୟକ୍ଷ ବାସୁଦେବ ନାପିତ, ନିମାଇଁ ଚରଣ ବେହେରା, ସଂସଦର ଉପସଭାପତି ଗୌତମ ଚନ୍ଦ୍ର ବେହେରା, ଉଷା ଶତପଥୀ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ଓ ଦେଶସେବା ଉପରେ ଆଲୋଚନା କରିଥିଲେ। କବି ରତିକାନ୍ତ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ସାମ୍ବାଦିକ କମଳଲୋଚନ କର ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସଂସଦର ସମ୍ପାଦକ କବି ନିରୋଦ ସୁନ୍ଦର ଜେନା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

ମଦ ଦୋକାନ ମାଲିକଙ୍କୁ ଆକ୍ରମଣ

କୁଆମରା,୧୦।୧୦(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ସରକାରୀ ବିଦେଶୀ ମଦ କାଉଣ୍ଟର (ଦୋକାନ) ମାଲିକଙ୍କୁ ଦୁର୍ବୃତ୍ତଙ୍କ ପ୍ରାଣାନ୍ତକ ଆକ୍ରମଣ ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଗତ ୪ ତାରିଖ ରବିବାର ରାତି ୯ଟା ସମୟରେ ମଦ ଦୋକାନ ମାଲିକ କୁଆମରା ଗ୍ରାମର ତାପସ କୁମାର ମହାନ୍ତି ଓ ଚିଲିମା ଗ୍ରାମର ଅନୁରାଗ ରାଉତ ଦୁହେଁ କାଉଣ୍ଟରକୁ ହିସାବ ଆଣିବାକୁ ଯାଇଥିବାବେଳେ ହଠାତ୍ ଦୁଇଟି ସ୍କୁଟିରେ ୪ ଜଣ ଅଚିହ୍ନା ଯୁବକ ନିଶାଶକ୍ତ ଅବସ୍ଥାରେ ପହଞ୍ଚି ଦୁହିଁଙ୍କୁ ତେଲଙ୍ଗା କଟୁରୀରେ ଆକ୍ରମଣ କରିଥିଲେ। ଫଳରେ ଅନୁରାଗଙ୍କ ହାତ, ତାପସଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଘଟଣା ପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଉଭୟଙ୍କୁ ପ୍ରଥମେ କୁଆମରା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟ ସୁସ୍ଥ ହେବା ପରେ ଆଜି ଅନୁରାଗଙ୍କ ଅଭିଯୋଗ କ୍ରମେ ଥାନାରେ ୨୬୫/୨୬ରେ ଏକ ମାମଲା ରୁଜୁ ହୋଇଛି। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଘଟଣାର ତଦନ୍ତ ଚଳାଇଥିବାବେଳେ ଆକ୍ରମଣର ପ୍ରକୃତ କାରଣ ଜଣାପଡିନାହିଁ।

ବାଇକ୍‌ରେ ରିଲ୍ସ କରୁଥିବାବେଳେ ଦୁର୍ଘଟଣା, ଜଣେ ଗୁରୁତର

କୁଆମରା,୧୦।୧୦(ସମିସ): ଖୁଣ୍ଟା-କୁଶଳଦା ମୁଖ୍ୟ ରାସ୍ତାର ଶୀଳଘାଟି ଛକ ନିକଟରୁ କିଛି ଦୂରରେ ଜଣେ ଯୁବକ ଚଳନ୍ତା ବାଇକ୍‌ରେ ରାସ୍ତାରେ ରିଲ୍ସ କରୁଥିବାବେଳେ ଦୁର୍ଘଟଣା ଘଟିଛି। ଫଳରେ ବିପରୀତ ଦିଗରୁ ଆସୁଥିବା ଅନ୍ୟଜଣେ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ହୋଇଛି। ଏକ ନମ୍ବର ବିହୀନ ବାଇକ୍ ଉପରେ ଜଣେ ଅଚିହ୍ନା ଯୁବକ ଛିଡ଼ା ହୋଇ ପ୍ରାୟ ୩୦ରୁ ୪୦ କିଲୋମିଟର ବେଗରେ ଖୁଣ୍ଟା ଅଭିମୁଖେ ଯାଉଥିବାବେଳେ ରାସ୍ତା ମଝିରେ ବାଇକ୍‌ଟି ଭାରସାମ୍ୟ ହରାଇ ଡାହାଣ ପାର୍ଶ୍ୱକୁ ଚାଲି ଆସିବା ଯୋଗୁଁ ନିୟନ୍ତ୍ରଣ ହରାଇ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଉପରେ ପିଟି ହୋଇଥିଲା। ଫଳରେ ବାଇକ୍‌ର ଆଗଚକ ବାହାରିଯିବା ସହ ବାଇକ ଚାଳକ ବଡ଼ସାହି ଥାନା ଅନ୍ତର୍ଗତ ବଣତାଳପଦା ଗ୍ରାମର ଶୁଭେନ୍ଦୁ ବେହେରା ରାସ୍ତା ମଝିରେ କଚାଡ଼ି ହୋଇ ପଡିବା ଯୋଗୁଁ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଛି। ତାଙ୍କୁ ଖୁଣ୍ଟା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ରିଲ୍ସ କରୁଥିବା ଯୁବକ ବାଇକ୍‌ରୁ ଡେଇଁ ଲୋକଙ୍କ ଆଖିରେ ଧୂଳି ଦେଇ ବିଲ ପଟେ ଖସି ପଳାଇଥିଲା। ତାଙ୍କ ପଛରେ ଭିଡିଓ କରୁଥିବା ଯୁବକ ଜଣକ ମଧ୍ୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଫେରାର ଯୁବକଙ୍କ ପତ୍ତା ମିଳି ନ ଥିବାବେଳେ ପୁଲିସ ତଦନ୍ତ ଚଳାଇଛି।

ବ୍ଲକ୍‌ସ୍ତରୀୟ ସେବା ସେତୁ ଅଭିଯାନ

କୁଆମରା,୧୦।୧୦(ସମିସ): ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସେବା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ୧୧ଟି ଷ୍ଟଲ ଖୋଲାଯାଇଥିବାବେଳେ ୭୯ ଜଣ ପଞ୍ଜୀକରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ବିଡିଓ ପୃଥିରାଜ ପରିଡା, ଅତିରିକ୍ତ ତହସିଲଦାର ସୌଭନ ନାଏକ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅଧିକାରୀ ତନ୍ମୟ କୁମାର, ୧୫ ଓ ୧୪ ନମ୍ବର ଜୋନ୍ ମଣ୍ଡଳ ସଭାପତି ଦୀନକୃଷ୍ଣ ଦାସବାବୁ ଓ ପ୍ରଦୀପ କୁମାର ପୁଥାଳ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ତିନିଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ତିନିଜଣଙ୍କୁ ବିବାହ ସହାୟତା, ୬ ଜଣଙ୍କୁ ଶ୍ରମିକ କାର୍ଡ ଓ ଜଣକୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଓ ଦ୍ୱିତୀୟ ରାଜଭାଷା ଦାବି

୧୫ରେ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ବାରିପଦା/କରଞ୍ଜିଆ, ୧୦।୧୦(ସମିସ):

ନିଜ ଭାଷାର ସାମ୍ବିଧାନିକ ଅଧିକାର, ସାଂସ୍କୃତିକ ପରିଚୟ ଓ ଜନଜାତିୟ ଅସ୍ମିତା ରକ୍ଷା ପାଇଁ ଏକ ବୃହତ୍ ଗଣଆନ୍ଦୋଳନର ଡାକରା ଦେଇଛି ହୋ ସମାଜ। ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ସହ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ ଦାବିରେ ଆସନ୍ତା ଅକ୍ଟୋବର ୧୫ ତାରିଖରେ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ପଦଯାତ୍ରା ଓ ଗଣଧାରଣା ଅନୁଷ୍ଠିତ ହେବ। ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଆନ୍ଦୋଳନକୁ ସଫଳ କରିବା ଲକ୍ଷ୍ୟରେ ଶୁକ୍ରବାର କରଞ୍ଜିଆ ବଜାରର ବଣସାହିସ୍ଥିତ ଆଦିବାସୀ ସଂସ୍କୃତି ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଶୁକୁଳି ବ୍ଲକ୍ ଉପାଧ୍ୟକ୍ଷ ତଥା କମିଟିର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୀତାରାମ ଚାତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଦଯାତ୍ରାର ରୂପରେଖ, ଶାନ୍ତିଶୃଙ୍ଖଳା ଓ ଦାବିପତ୍ର ପ୍ରଦାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜସେବୀ ସୁକୁଲାଲ ପାଳିଆ ଏହି ଆନ୍ଦୋଳନର ନେତୃତ୍ୱ ନେବେ ବୋଲି ସ୍ଥିର ହୋଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଅକ୍ଟୋବର ୧୫ ପୂର୍ବାହ୍ନରେ ବଣସାହି ଆଦିବାସୀ ସଂସ୍କୃତି ଭବନରୁ ଏକ ବିଶାଳ ପଦଯାତ୍ରା ବାହାରି ସହର ପରିକ୍ରମା ପୂର୍ବକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବ। ସେଠାରେ ଶାନ୍ତିପୂର୍ଣ୍ଣ ଗଣଧାରଣା ପ୍ରଦର୍ଶନ ପରେ ଉପଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ହୋ ଭାଷାଭାଷୀଙ୍କ ଭାଷାଗତ ଅଧିକାରକୁ ସମ୍ମାନ ଦେଇ ଏହାକୁ ରାଜ୍ୟର ଦ୍ୱିତୀୟ ରାଜଭାଷା ଓ ଅଷ୍ଟମ ଅନୁସୂଚୀରେ ସ୍ଥାନ ଦେବା ଲାଗି କମିଟି ଦୃଢ଼ ଦାବି କରିଛି। ଏହି ପ୍ରସ୍ତୁତି ବୈଠକରେ ମାହସ୍କୋ ସଭାପତି ମଟକା ବିରୁଆ, କରଞ୍ଜିଆ ପିପୁଲ୍ସ ଡେଭେଲପମେଣ୍ଟ କାଉନସିଲ୍ ଅଧ୍ୟକ୍ଷ ପୁଷ୍ପାଞ୍ଜଳି

୫ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଆଶା

ସିଦୁ, ଜିଲ୍ଲା ପରିଷଦ ସଦସ୍ୟା ମିନତୀ ତିରିଆ, ସାରଙ୍ଗଗଡ଼ ସରପଞ୍ଚ କୃଷ୍ଣଚନ୍ଦ୍ର ଚାମ୍ପିଆ, ଦରୀ ସରପଞ୍ଚ ମନମୋହନ ପୂର୍ତ୍ତି, ମିରଗୀନାଣ୍ଡି ସରପଞ୍ଚ ବିରେନ୍ଦ୍ର ସୟ, ଦେବେନ୍ଦ୍ର ବାଲମୁଚୁ, ସଂଗ୍ରାମ ମୁନ୍ଦୁୟା, ଛାତ୍ର ନେତା କୁସୁନୁ ଗାଗାରାଇ, ଦଧିନାଳୀ ନାଏବ ସରପଞ୍ଚ ମାଙ୍ଗୁ ହେମ୍ବ୍ରମ, ମାଣିକରାମ ସୟ ଓ କୁସୁନୁ ବାନସିଂଙ୍କ ସମେତ ବହୁ ସାମାଜିକ କର୍ମୀ ଓ ହୋ ସମାଜର ପ୍ରତିନିଧି ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଏହି ଗଣତାନ୍ତ୍ରିକ ପ୍ରତିବାଦରେ ସାମିଲ ହେବାକୁ ଯୁବବର୍ଗ, ଛାତ୍ରଛାତ୍ରୀ ଓ ଭାଷାପ୍ରେମୀଙ୍କୁ ଆୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି।

ପଡ଼ିଲା ଆନନ୍ଦପୁର ବ୍ୟାରେଜ ଗେଟ୍; ମାଛ ଧରିବାକୁ ଭିଡ଼

ଆନନ୍ଦପୁର, ୧୦।୧୦(ସମିସ): ଦିଲ୍ଲୀରୁ ଏକ ଟେକ୍ନିକାଲ ଟିମ ଆନନ୍ଦପୁର ବୈତରଣୀ ବ୍ୟାରେଜର ସ୍ଥିତି ଅନୁଧ୍ୟାନ ପାଇଁ ସମସ୍ତ ଗେଟକୁ ବନ୍ଦ କରିଦେବା ପରେ ନଦୀର ନିମ୍ନ ଭାଗରେ ବହୁଳ ପରିମାଣର ମାଛ ଧରିବାକୁ ଯାତ୍ରା ଭଳି ଭିଡ଼ ଓ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତ। ପରିଲକ୍ଷିତ ହୋଇଛି। ଜଣେ କିମ୍ବା ଦୁଇଜଣ ନୁହଁନ୍ତି; ଏକା ବେଳକେ ଶହଶହ ସଂଖ୍ୟାରେ ଲୋକେ ନଦୀ ଭିତରେ ପଶି

ମାଛ ଧରୁଛନ୍ତି। ଏଭଳି ଦୃଶ୍ୟ ଆଜି ସକାଳୁ ଦେଖିବାକୁ ମିଳିଛି ବୈତରଣୀ ନଦୀର ଆନନ୍ଦପୁର ବ୍ୟାରେଜ୍ ନିକଟରେ। କିଛି ଲୋକ ଜାଲରେ ମାଛ ଧରୁଛନ୍ତି ତ ଆଉ କିଛି ଲୋକେ ଖାଲି ହାତରେ ମଧ ମାଛ ଧରି ପକାଉଛନ୍ତି। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ରହିଯାଇ ମାଛ ଧରିବାକୁ ଲାଗିପଡୁଛନ୍ତି। କେତେକ ମାଛ ଧରିବା ପରେ ବିକ୍ରି କରୁଛନ୍ତି ତ ଆଉ କେତେକ ଲୋକେ ଘରକୁ ନେଉଥିବା ନଜରକୁ ଆସିଛି। ଅପରପକ୍ଷରେ, ଦିଲ୍ଲୀ ଦିଲ୍ଲୀରୁ ଟିମ୍ ବ୍ୟାରେଜ୍ ନିରୀକ୍ଷଣ କରିବା ସହ ବୈଷୟିକ ତ୍ରୁଟିକୁ ଠାବ କରିବ। ଏଥିପାଇଁ ଆଜି ସକାଳୁ ୨ ଘଣ୍ଟା ପାଇଁ ବ୍ୟାରେଜ୍ ଗେଟ୍ ବନ୍ଦ କରିଥିଲା ଜଳସମ୍ପଦ ବିଭାଗ। ଗେଟ୍ ବନ୍ଦ ସାଇରନ୍ ବାଜିବା ପରେ ନଦୀ ଗର୍ଭକୁ ଛୁଟି ଆସିଥିଲେ ଲୋକେ। ଗତ ମଙ୍ଗଳବାର ସଂନ୍ଧାରେ ଗେଟ ବନ୍ଦ ଟ୍ରାଏଲ ସମୟରେ ମଧ ସମାନ ପରିସ୍ଥିତି ଦେଖାଦେଇଥିଲା।

ପାଟଣା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ତୁରୁମୁଙ୍ଗା, ୧୦।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ହାଟ ପଡ଼ିଆଠାରେ ଶନିବାର ବିଜେପିର ପାଟଣା ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ସହ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ସୁକଦେବ ମହାନ୍ତ ଏବଂ ମୁଖ୍ୟବକ୍ତା ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ମଣ୍ଡଳ ପ୍ରଭାରୀ ମିତ୍ରଭାନୁ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାପତି ସୋମବାରୀ ମୁଣ୍ଡା, ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ମାନସୁର ଆଲାମ, କୃଷକ ମୋର୍ଚ୍ଚା ଉପସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, ମଣ୍ଡଳ ସମ୍ପାଦକ ମଧୁସୂଦନ ମହାନ୍ତ ଓ ସଞ୍ଜୟ ପଲେଇଙ୍କ ସମେତ ରମେଶଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଶଶୀଭୂଷଣ ମହାନ୍ତ ସଂଯୋଜନା କରିଥିବାବେଳେ ମଣ୍ଡଳ ଅଧୀନର ବରିଷ୍ଠ ନେତୃବୃନ୍ଦ, ପଞ୍ଚାୟତସ୍ତରୀୟ ପ୍ରତିନିଧି ଓ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ

ଆନନ୍ଦପୁର, ୧୦।୧୦ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ କୋଳିମାଟି ପଞ୍ଚାୟତ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସ୍ୱପ୍ନେଶ୍ୱର ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ କୋଳିମାଟିଠାରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୬ଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀ, ପ୍ରଧାନଶିକ୍ଷକ, ସହକାରୀଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାଥମିକ ସ୍ତରରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚବିଦ୍ୟାଳୟ ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠାଂଶରେ ଉନ୍ନିତ ହୋଇଥିଲା। ସିଆରସିସି ଗଜେନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମୌସୁମୀ ବାହାଲା, ସୁନା ମାଝି ଓ ଦେବରାଜ ଦେହୁରୀ ପ୍ରମୁଖ ସହକାରୀ ଶିକ୍ଷକ ସହଯୋଗ କରିଥିଲେ।

■ ସ୍ୱାମ୍ପାଟଣା କଲେଜ ଛାତ୍ର ସଂସଦ ନିର୍ବାଚନ

ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ୨ ପଦ, ସଭାପତି ପଦକୁ ନେଇ ରୋଚକ ଲଢେଇ

ତୁରୁମୁଙ୍ଗା, ୧୦।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟସ୍ଥିତ ସ୍ୱାମ୍ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସରେ ରାଜନୈତିକ ଉଷ୍ମତା ବଢ଼ିଛି। ଦୁଇଟି ପଦରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବେଳେ ଅନ୍ୟ ପଦଗୁଡ଼ିକ ପାଇଁ ବିଜେଡି ଓ ଏବିଭିପି ସମର୍ଥିତ ଛାତ୍ର ସଂଗଠନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ସଭାପତି ପଦ ପାଇଁ ଚାରି ଜଣ ପ୍ରାର୍ଥୀ ମଇଦାନରେ ଥିବାରୁ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ଉପସଭାପତି ପଦ ପାଇଁ ଏବିଭିପି ସମର୍ଥିତ ପ୍ରାର୍ଥୀ ବିଶ୍ୱପ୍ରକାଶ ନାୟକଙ୍କ ନାମାଙ୍କନପତ୍ର ନାକଚ ହେବାନେଇ ମହାବିଦ୍ୟାଳୟର ବିଜ୍ଞପ୍ତି ୯୫/୨୬ରେ ବୈଧ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବା ପରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ତ୍ରିଦେବ ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସ୍ପଷ୍ଟ ହେଉଛି। ଏକ ବିଷୟରେ ବ୍ୟାକ୍ ଥିବା ସମ୍ପର୍କିତ ତଥ୍ୟ ନାମାଙ୍କନ ସମୟରେ ଲୁଚାଇଥିବା ଅଭିଯୋଗରେ ତାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ଜଣାପଡ଼ିଛି। ସେହିପରି ସହକ୍ରୀଡ଼ା ସମ୍ପାଦକ ପଦରେ ଅନ୍ୟ କୌଣସି ପ୍ରାର୍ଥୀ ନଥିବାରୁ ବିଜେଡି ସମର୍ଥିତ ପ୍ରାର୍ଥୀ ବର୍ଷାରାଣୀ ମହାନ୍ତ ମଧ୍ୟ ନିଦ୍ୱର୍ନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏହି ଦୁଇଟି ପଦରେ ବିଜୟ ପରେ ବିଜେଡି ସମର୍ଥିତ ଛାତ୍ର ସଂଗଠନ ଦୁଇଟି ପଦ ହାସଲ କରିଛି। ମହାବିଦ୍ୟାଳୟର ବିଭିନ୍ନ ପଦ ପାଇଁ ମୋଟ ୨୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଉପସଭାପତି ପଦର ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହେବା ପରେ ବର୍ତ୍ତମାନ ୨୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନ ରେ ଅଛନ୍ତି। କେହି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନଥିବାରୁ ବାକି ପଦବୀଗୁଡ଼ିକରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ଦୁଇଟି ପଦରେ ନିଦ୍ୱର୍ନ୍ଦ୍ୱ ବିଜୟ ପରେ ଏବେ ସମସ୍ତଙ୍କ ନଜର ସଭାପତି ପଦ ଉପରେ। ଚାରି ଜଣ ପ୍ରାର୍ଥୀ ମଇଦାନରେ ଥିବାରୁ ଏହି ପଦବୀ ପାଇଁ ନିର୍ବାଚନ ମହାବିଦ୍ୟାଳୟର ଛାତ୍ର ରାଜନୀତିକୁ ଉଷ୍ମତା କରିଛି। ମହାବିଦ୍ୟାଳୟର ମୋଟ ୧୦୭୨ ଜଣ ଛାତ୍ରଛାତ୍ରୀ ମତଦାନ କରିବାକୁ ଥିବା ବେଳେ ଆଗାମୀ ନିର୍ବାଚନରେ ଛାତ୍ରଛାତ୍ରୀ କାହାକୁ ସମର୍ଥନ କରୁଛନ୍ତି ତାହା ଫଳାଫଳ ପରେ ସ୍ପଷ୍ଟ ହେବ।

ଅର୍ଜୁନ ସିଂ ବଡ଼ସାହି ବିଇଓ କାର୍ଯ୍ୟାଳୟର ନୂତନ ଡିଇଓ

ବଡସାହି,୧୦।୧୦(ସମିସ): ବଡ଼ସାହି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଅଧିକାରୀ ଭାବେ ବେତନଟୀ ଏମ୍‌ପିସି ହାଇସ୍କୁଲର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କୁ ନିଯୁକ୍ତି ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ସୁପାରିଶ କ୍ରମେ ରାଜ୍ୟ ପ୍ରାରମ୍ଭିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ ୧୮୬୯୩ ମାଧ୍ୟମରେ ଏହି ସରକାରୀ ଆଦେଶପତ୍ର ଜାରି କରାଯାଇଛି। ବିଇଓ କାର୍ଯ୍ୟାଳୟର ସମସ୍ତ ଆର୍ଥିକ କ୍ଷମତା ଦାୟିତ୍ୱ ଅର୍ପଣ କରାଯାଇଛି। ଏହାପୂର୍ବରୁ ଖୁଣ୍ଟା ବ୍ଲକ ବିଇଓ ମନମୋହନ ହେମ୍ବ୍ରମଙ୍କୁ ବଡ଼ସାହି ବିଇଓ କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ନୂତନ ଆଦେଶ ପ୍ରକାଶ ପାଇବା ପରେ ଶ୍ରୀ ହେମ୍ବ୍ରମଙ୍କଠାରୁ ଏହି କ୍ଷମତା ପ୍ରତ୍ୟାହାର କରି ନିଆଯାଇଛି। ଏହି ପରିବର୍ତ୍ତନ ନେଇ ଜିଲ୍ଲା ଶିକ୍ଷାଧିକାରୀ, ବେତନଟୀ ସବ୍‌ଟ୍ରେଜେରୀ ଅଫିସର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଅବଗତ କରାଯାଇଛି।

ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର

ଠାକୁରମୁଣ୍ଡା,୧୦/୧୦(ସମିସ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜରକ ପଞ୍ଚାୟତର କାଠୁଆ ନୂଆଗାଁ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ୬୨ ବର୍ଷୀୟ ବୃଦ୍ଧ (ଜଗତରାମ ମହାନ୍ତ) ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ଜଗତରାମ ମହାନ୍ତଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶନିବାର ସକାଳ ପ୍ରାୟ ୮ଟା ସମୟରେ ଜଗତରାମ ଛେଳି ଚରାଇବା ପାଇଁ ନେଉଥିବାବେଳେ ରାସ୍ତାରେ ଏକ ଗଛରେ ବସା ବାନ୍ଧିଥିବା ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ନିକଟରେ ଆଉ ଚାରିଜଣ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ। ମହୁମାଛିଙ୍କ ଆକ୍ରମଣରେ ସେମାନେ ସାମାନ୍ୟ ଆହତ ହୋଇଥିବାବେଳେ ଜଗତରାମ ଗୁରୁତର ହୋଇପଡ଼ିଥିଲେ।

ଏକଲବ୍ୟ ସ୍କୁଲରେ ଅବ୍ୟବସ୍ଥା

ଛାତ୍ରଛାତ୍ରୀଙ୍କ ୪୯ ନଂ ଜାତୀୟ ରାଜପଥ ଅବରୋଧ

ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ

ବାଙ୍ଗିରିପୋଷି, ୧୦।୧୦(ସମିସ)

ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଚରମ ଅବ୍ୟବସ୍ଥା ତଥା ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣି ଆଜି ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇଥିଲେ। ଦୀର୍ଘ ସମୟ ଧରି ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ ରହିବା ପରେ ପ୍ରଶାସନିକ ପ୍ରତିଶ୍ରୁତି ବଳରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିରୋଧରେ ଛାତ୍ରୀମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ମାନସିକ ନିର୍ଯାତନା, ଜାତିଗତ ଭେଦଭାବ ଓ ହଷ୍ଟେଲରେ ଅନୁପ୍ରବେଶ ଭଳି ଗୁରୁତର ଅଭିଯୋଗ ଆଣି ପଦକ୍ଷେପ ଦାବି କରାଯାଇଥିଲା। କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ପ୍ରାୟ ୨୦୦ ଛାତ୍ରଛାତ୍ରୀ ହାତରେ ପ୍ଲାକାର୍ଡ ଧରି ଶ୍ୟାମସୁନ୍ଦରପୁରରୁ ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ପ୍ରାୟ ୧୦ କିଲୋମିଟର ପାଦରେ ଚାଲି ଚାଲି ବାହାରିଥିଲେ। ଜିଲ୍ଲାପାଳଙ୍କ ନିକଟରେ ନିଜ ଦାବି ଉପସ୍ଥାପନ ପାଇଁ ଆବଶ୍ୟକ ପଡ଼ିଲେ ମୋଟ ୫୦ କିଲୋମିଟର ପଦଯାତ୍ରା କରିବେ ବୋଲି ପିଲାମାନେ ଚେତାବନୀ ଦେଇଥିଲେ। ପଦଯାତ୍ରା ବାଙ୍ଗିରିପୋଷି କୋଲକାତା ଛକ ନିକଟରେ ପହଞ୍ଚିବା ପରେ ଛାତ୍ରଛାତ୍ରୀ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସି ରହିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମଟର ଅଟକି ରହି ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସ୍ଥାନୀୟ ବିଧାୟିକା ସଞ୍ଜାଲୀ ମୁର୍ମୁ ଆସି ବୁଝାସୁଝା କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଘଟଣାସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ପହଞ୍ଚି ଛାତ୍ରଛାତ୍ରୀଙ୍କଠାରୁ ଲିଖିତ ଦାବିପତ୍ର ଗ୍ରହଣ କରିଥିଲେ। ଅଧ୍ୟକ୍ଷଙ୍କ ବିରୋଧରେ ଆସିଥିବା ଅଭିଯୋଗର ବିଭାଗୀୟ ତଦନ୍ତ କମିଟି ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଜରିଆରେ ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ସ୍ଥଗିତ ହୋଇଛି ଓ ଜାତୀୟ ରାଜପଥରେ ଯାତାୟାତ ସ୍ୱାଭାବିକ ହୋଇଛି।

ଆମ୍ବୁଲାନ୍ସ ବିସ୍ଫୋରଣ ଘଟଣା

ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

ଉଦଳା,୧୦।୧୦(ସମିସ): ନିକଟରେ ଘଟିଥିବା ଆମ୍ବୁଲାନ୍ସ ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଆଜି ଉଦଳା ବିଧାୟକ ଭାସ୍କର ମଢ଼େଇ, ସ୍ଥାନୀୟ ପ୍ରଶାସନ ଓ ମେଡିକାଲ କର୍ତ୍ତୃପକ୍ଷ ମିଳିତ ଭାବେ ମୃତକଙ୍କ ଗାଁରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟିଛନ୍ତି। କୁଣ୍ଡାବାଇ ଗ୍ରାମର ମୃତକ ସୁଯୋଶ ବାରିକଙ୍କ ବାସଭବନରେ ପହଞ୍ଚି ବିଧାୟକ ଶ୍ରୀ ମଢ଼େଇ ତାଙ୍କ ବାପା ଓ ମା'ଙ୍କୁ ସମବେଦନା ଜଣାଇବା ସହ ୪ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଧରି ପରିବାରକୁ ସମ୍ଭାଳିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବା ଓ ତଦନ୍ତ ରିପୋର୍ଟ ଆସିବା ପରେ ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

ଦିବାଲୋକରେ ଦୁଇଟି ଘରୁ ଚୋରି

ଉଦଳା,୧୦।୧୦(ସମିସ): ଉଦଳା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହୋଇଛନ୍ତି ଲୁଟେରା ଗ୍ୟାଙ୍ଗ। ସ୍ପଷ୍ଟ ଦିବାଲୋକରେ ଦୁଇଟି ପୃଥକ ସ୍ଥାନରୁ ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଯଇଦା ଗ୍ରାମର ଅଜିତ ବାରିକ ଆଜି ମଧ୍ୟାହ୍ନ ସମୟରେ କୌଣସି ଜରୁରୀ କାମରେ ଉଦଳା ବଜାରକୁ ଆସିଥିଲେ। କାମ ସାରି ଘରକୁ ଫେରିବା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଘର ଭିତରେ ଥିବା ବାକ୍ସ ଭାଙ୍ଗି ନଗଦ ୮୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି। ସେହିଭଳି ଦିଘି ନୂଆସାହି ଗ୍ରାମର ବାଇଧର ସିଂଙ୍କ ପରିବାର ଲୋକେ କାମରେ ବାହାରକୁ ଯାଇଥିବା ସୁଯୋଗ ନେଇ ଲୁଟେରା ଘରେ ପଶିଥିଲେ। ସେଠାରୁ ନଗଦ ୧୫ ହଜାର ଟଙ୍କା ଓ ସୁନା ଗହଣା ଲୁଟି ନେଇଛନ୍ତି। ଗୋଟିଏ ଲୁଟେରା ଗ୍ୟାଙ୍ଗ ଏହି ଦୁଇଟି ସ୍ଥାନରେ ଲୁଟପାଟ କରିଥିବା ସନ୍ଦେହ କରାଯାଉଛି। ଉଦଳା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦିନଦ୍ୱିପ୍ରହରରେ ଏପରି ଲୁଟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଧାନକ୍ଷେତରେ ହାତୀ ଶାବକର ଜନ୍ମ

ବୈଶିଙ୍ଗା,୧୦।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ କୁରାଡ଼ିକ ଗ୍ରାମ ନିକଟସ୍ଥ ଧାନକ୍ଷେତରେ ଶନିବାର ଭୋର ସମୟରେ ଏକ ହାତୀ ଶାବକର ଜନ୍ମ ହୋଇଛି। ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବାବେଳେ ଝାଡ଼ଖଣ୍ଡୀ ହାତୀପଲ ସଂଖ୍ୟା ୪୮ରୁ ବୃଦ୍ଧି ପାଇ ୪୯ରେ ପହଞ୍ଚିଛି। ନବଜାତ ଶାବକକୁ ସାଙ୍ଗରେ ନେଇ ହାତୀପଲ ଆଗକୁ ଅଗ୍ରସର ହୋଇ ନ ପାରି ବଡ଼ାମପୁର ଜଙ୍ଗଲରେ ପ୍ରବେଶ କରିଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ହାତୀପଲର ଗତିବିଧି ଉପରେ କଡ଼ା ନଜର ରଖାଯାଇଛି।

୪୫ରୁ ୪୮ଟି ହାତୀଙ୍କୁ ନେଇ ଗଠିତ ଏହି ଝାଡ଼ଖଣ୍ଡୀ ହାତୀପଲ କିଛିଦିନ ପୂର୍ବେ ବେତନଟୀ ରେଞ୍ଜ ଅଞ୍ଚଳକୁ ପ୍ରବେଶ କରିଥିଲେ। ପରେ ୧୮ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ନୀଳଗିରି ଅଭିମୁଖେ ଅଗ୍ରସର ହୋଇଥିଲେ। ପରବର୍ତ୍ତୀ ସମୟରେ ହାତୀପଲ ପୁଣି ଫେରି ଜାତୀୟ ରାଜପଥ ଓ ରେଳପଥ ଅତିକ୍ରମ କରି ବୈଶିଙ୍ଗା ଥାନା ଅଧୀନ ମେର୍ଦା ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ଜଙ୍ଗଲରୁ ବାହାରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବାବେଳେ ଦଳରେ ଥିବା ଏକ ଗର୍ଭବତୀ ମାଈହାତୀର ପ୍ରସବ ସମୟ ପାଖେଇ ଆସିଥିବାରୁ ସେମାନଙ୍କ ଗତି ମନ୍ଥର ହୋଇଥିଲା। ଶନିବାର ଭୋର ସମୟରେ ହାତୀପଲ କୁରାଡ଼ିକ ଗ୍ରାମ ନିକଟରେ ପହଞ୍ଚିବା ପରେ ମାଈହାତୀଟି ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲା। ଏହି ସମୟରେ ଦଳର ଅନ୍ୟ ହାତୀ ମାଈହାତୀଟିକୁ ଘେରି ରହିଥିଲେ। ଶେଷରେ ଗ୍ରାମ ନିକଟସ୍ଥ ଧାନକ୍ଷେତରେ ହାତୀ ଶାବକଟି ଜନ୍ମ ନେଇଥିଲା। ନବଜାତ ଶାବକକୁ ନେଇ ହାତୀପଲର ଗତି ମନ୍ଥର ହୋଇଥିବାରୁ ସେମାନେ ଆଗକୁ ବଢ଼ି ନ ପାରି ବଡ଼ାମପୁର ଜଙ୍ଗଲରେ ଆଶ୍ରୟ ନେଇଛନ୍ତି। ଅନ୍ୟପକ୍ଷରେ ହାତୀପଲର ଗତିବିଧି, ନବଜାତ ଶାବକର ସୁରକ୍ଷା ଓ ଅଞ୍ଚଳର ପରିସ୍ଥିତି ଉପରେ ବନ ବିଭାଗ ନଜର ରଖିଥିବା ଜଣାପଡ଼ିଛି।

ବାରିପଦା ଉପଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ହାଜର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଅଦାଲତ ଅବମାନନା ମାମଲା

ବାରିପଦା,୧୦।୧୦(ସମିସ): ହାଇକୋର୍ଟଙ୍କ ଆଦେଶକୁ ଅବମାନନା କରିବା ଘଟଣାରେ ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ଉପରେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହି ଅବମାନନା ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଉପଜିଲ୍ଲାପାଳଙ୍କୁ ଆସନ୍ତା ଅକ୍ଟୋବର ୧୩ ତାରିଖ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ନିବାସୀ ରୋହିତ ରୋଶନ ମହାନ୍ତି ୨୦୨୧ରେ ହାଇକୋର୍ଟରୁ ରାସଗୋବିନ୍ଦପୁର ତହସିଲ ଅନ୍ତର୍ଗତ ଏକ ଜମି ନିଲାମ ସୂତ୍ରରେ ପାଇଥିଲେ। ଉକ୍ତ ଜମିର ଦାଖଲ ଖାରଜ ପ୍ରକ୍ରିୟା ନେଇ ଉପଜିଲ୍ଲାପାଳ ତାଙ୍କୁ ଦୀର୍ଘଦିନ ଧରି ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଅଦାଲତଙ୍କ ଆଦେଶ ପାଳନ ନ ହେବାରୁ ଶ୍ରୀ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅବମାନନା ପିଟିସନ (ସିଓଏନଟିସି ନଂ୧୬୮୫/୨୦୨୬) ଦାୟର କରିଥିଲେ। ଚଳିତ ମାସ ୮ ତାରିଖ ଦିନ ହାଇବ୍ରିଡ ମୋଡ୍‌ରେ ଏହି ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ ଜି. ମହାନ୍ତି ଉପଜିଲ୍ଲାପାଳଙ୍କ ପକ୍ଷରୁ ଅଧିକ ସମୟ ପ୍ରାର୍ଥନା କରିଥିଲେ। କିନ୍ତୁ ପୂର୍ବରୁ ଯଥେଷ୍ଟ ସୁଯୋଗ ଦିଆଯାଇଥିବାରୁ ଅଦାଲତ ଅଧିକ ସମୟ ଦେବାକୁ ମନା କରିଦେଇଥିଲେ। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଅକ୍ଟୋବର ୧୩ ସୁଦ୍ଧା ଯଦି ଆଦେଶ କାର୍ଯ୍ୟକାରୀ ହୋଇ ଅନୁପାଳନ ସତ୍ୟପାଠ ଦାଖଲ ନ ହୁଏ, ତେବେ ଉପଜିଲ୍ଲାପାଳଙ୍କୁ ଅଦାଲତରେ ଉପସ୍ଥିତ ରହି ଅବମାନନା ଅଭିଯୋଗର ସମ୍ମୁଖୀନ ହେବାକୁ ପଡ଼ିବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପମ ଦାଶ ମାମଲା ପରିଚାଳନା କରୁଥିଲେ।

ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଖୋଲିବା ଏଥର ବିଳମ୍ବ

ବର୍ଷାରେ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲ, ମରାମତି ଜାରି

ବାରିପଦା, ୧୦।୧୦(ସମିସ): ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଜାତୀୟ ଅଭୟାରଣ୍ୟ ଶିମିଳିପାଳ ଭିତରେ ଥିବା ରାସ୍ତା ଓ ପୋଲ ଭାଙ୍ଗିଯାଇଥିବାରୁ ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଜାତୀୟ ଉଦ୍ୟାନ ଖୋଲିବାରେ ବିଳମ୍ବ ହେବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଆଶା କରୁଛନ୍ତି। ଗତ ଦୁଇମାସ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୨,୭୫୦ ବର୍ଗ କିଲୋମିଟର ପରିମିତ ଶିମିଳିପାଳ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଏହାଦ୍ୱାରା ପର୍ଯ୍ୟଟକ ତଥା ସଫାରି ଗାଡ଼ି ଚଳାଚଳ କରୁଥିବା ପ୍ରମୁଖ ରାସ୍ତା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ପ୍ରାୟ ୧,୦୦୦ କିଲୋମିଟର ରାସ୍ତା ମଧ୍ୟରୁ ପ୍ରାୟ ୧୫୦ କିମି ରାସ୍ତା, ୨୨ଟି କଲଭର୍ଟ, କାଠପୋଲ ସମେତ ୭ଟି ପୋଲର ବ୍ୟାପକ ମରାମତି ଆବଶ୍ୟକ ପଡ଼ିଛି। ବିଶେଷକରି ଅଧିକ ବର୍ଷା ହେଉଥିବା ନଅଣା (ଉତ୍ତର) ଓ ବରେହିପାଣି ଭଳି ଲୋକପ୍ରିୟ ଇକୋ-ଟୁରିଜିମ ସ୍ଥଳ ଅଧିକ ପ୍ରଭାବିତ ହୋଇଛି। ପର୍ଯ୍ୟଟନ ଋତୁ ପୂର୍ବରୁ ରାସ୍ତାଘାଟକୁ ସୁରକ୍ଷିତ ଓ ଯାତାୟାତ ଉପଯୋଗୀ କରିବା ପାଇଁ ବିଭାଗ ପକ୍ଷରୁ ଜୋରଦାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ପଥର ପ୍ୟାଚିଂ, ଲାଲମାଟି ପକାଇବା ଓ କାଠପୋଲ-କଲଭର୍ଟ ମରାମତି କାମ ଦ୍ରୁତଗତିରେ ଚାଲିଛି। ପୀଠାବଟା ପ୍ରବେଶ ପଥର ପୋଲ ଓ ରାସ୍ତା ନଷ୍ଟ ହୋଇଯାଇଥିବାରୁ ଏବେ କାଳିଆକାପ୍ରସାଦ ଗେଟ୍ ଦେଇ ମରାମତି ସାମଗ୍ରୀ ପାର୍କ ଭିତରକୁ ନିଆଯାଉଛି। ଏ ସମ୍ପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତ ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି, ବିଗତ ଦୁଇବର୍ଷ ଧରି ଦୁର୍ଗାପୂଜା ଛୁଟି ପୂର୍ବରୁ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଉଥିଲେ ହେଁ ଏଥର ରାସ୍ତା କ୍ଷତିଗ୍ରସ୍ତ ଥିବାରୁ ଏଥିରେ ବିଳମ୍ବ ଘଟିବ। ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟ ଖୋଲିବାର ନିର୍ଦ୍ଦିଷ୍ଟ ତାରିଖ ଆସନ୍ତା ୨/୩ ଦିନ ମଧ୍ୟରେ ଘୋଷଣା କରାଯିବ କହିଛନ୍ତି।

■ ଚକୁଳିଆ ଏଏନ୍‌ଏମ୍‌ଙ୍କ ମନମୁଖୀ କାର୍ଯ୍ୟ

୧୨ରେ ମାଣିଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବେ ଗ୍ରାମବାସୀ

ରାସଗୋବିନ୍ଦପୁର, ୧୦।୧୦ (ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଖୁଣ୍ଟାପାଳ ପଞ୍ଚାୟତର ଚକୁଳିଆସ୍ଥ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍ ମଧୁସ୍ମିତା ଧଳଙ୍କ କାର୍ଯ୍ୟଶୈଳୀକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସ୍ୱାସ୍ଥ୍ୟସେବା ପ୍ରଦାନରେ ଅବହେଳା ଓ ବିଭିନ୍ନ ସରକାରୀ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଅବ୍ୟବସ୍ଥା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୧୨ ତାରିଖରେ ମାଣିଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଗ୍ରାମାଞ୍ଚଳର ଲୋକଙ୍କ ସମେତ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଚକୁଳିଆଠାରେ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସ୍ଥାପନ କରାଯାଇଛି। ମାତ୍ର ଦୀର୍ଘ ଦୁଇବର୍ଷ ଧରି ଏଠାରେ କାର୍ଯ୍ୟରତ ଏଏନ୍‌ଏମ୍‌ଙ୍କ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ଅଭିଯୋଗ ଉଠୁଥିବାରୁ ସାଧାରଣ ଲୋକେ ସରକାରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଗାଁରେ ଅନୁଷ୍ଠିତ ଭିଏଚ୍‌ଏନ୍‌ଡି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାଙ୍କ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ନ କରିବା, ନିର୍ଦ୍ଧାରିତ ସମୟରେ ଗୃହ ପରିଦର୍ଶନ ନ କରିବା, ଏମ୍‌ସିପି କାର୍ଡ ପୂରଣ ଓ ପ୍ରଦାନରେ ଅବହେଳା କରିବା, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣରେ ଆବଶ୍ୟକ ସହଯୋଗ ନ କରିବା ଭଳି ଅଭିଯୋଗ ରହିଛି। ଏଥିସହ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ନିୟୋଜିତ ଆଶାକର୍ମୀଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏସବୁ ଘଟଣାକୁ ନେଇ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଉଛି। ଅତୀତରେ ଚକୁଳିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏନ୍‌କ୍ୟୁଏଏସ୍ ମାନ୍ୟତାପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଚିତ ଥିବାବେଳେ ବର୍ତ୍ତମାନ ଏହାର ମାନ୍ୟତା ଓ କାର୍ଯ୍ୟଦକ୍ଷତା ସୂଚକାଙ୍କରେ ଅବନତି ଘଟିଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ରାସଗୋବିନ୍ଦପୁର ଅଞ୍ଚଳ ପାଇଁ ଦୁଃଖଦ ବିଷୟ ବୋଲି ସେମାନେ କହିଛନ୍ତି। ଏହି ସମସ୍ୟା ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଏଯାଏଁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା, ଅଭିଯୋଗର ତଦନ୍ତ କରିବା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦାବିରେ ଆସନ୍ତା ୧୨ ତାରିଖରେ ମାଣିଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

■ ସାମ୍ବାଦିକଙ୍କ ସ୍ୱାଭିମାନ ଓ ସୁରକ୍ଷା ଦାବି

ସୋମବାର ଜିଲ୍ଲାପାଳଙ୍କ ଅଫିସ ଆଗରେ ଗଣଧାରଣା

ବାରିପଦା,୧୦।୧୦(ସମିସ): ସାମ୍ବାଦିକଙ୍କ ସ୍ୱାଭିମାନ, ସ୍ୱାର୍ଥ ଓ ସୁରକ୍ଷା ଦାବି ନେଇ ଆସନ୍ତା ୧୨ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରୁ ବାରିପଦାସ୍ଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହେବ। ଆସନ୍ତା ସୋମବାର ଏହି ଧାରଣା ଆରମ୍ଭ ହେବ। ଏଥିରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ), ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ), କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ଓ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ଭଳି ପ୍ରମୁଖ ସଂଗଠନ ସାମିଲ ହେବାକୁ ସହମତି ପ୍ରକାଶ କରିଛନ୍ତି। ସାମ୍ବାଦିକଙ୍କ ମର୍ଯ୍ୟାଦା, ସୁରକ୍ଷା ଓ ସାମୂହିକ ସ୍ୱାର୍ଥରକ୍ଷା ଦିଗରେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବା ଏହି ଗଣଧାରଣାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଦଳମତ ତଥା ସଂଗଠନଗତ ମତଭେଦରୁ ଉର୍ଦ୍ଧ୍ୱରେ ରହି ଜିଲ୍ଲାର ସମସ୍ତ ସାମ୍ବାଦିକଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ମହାମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।



ସାକ୍ଷାତକାର

"ଦର୍ଶକଙ୍କ ପସନ୍ଦର ଚରିତ୍ର ମୋ ଡ୍ରିମ୍‌ରୋଲ"

ଲୋଟନ ଖଟେଇ, ଅଭିନେତା

ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ଉଭୟ ଧାରାବାହିକ ଓ ଚଳଚ୍ଚିତ୍ରରେ ନିଜର ଭାଗ୍ୟ ପରୀକ୍ଷା କରିସାରିଛନ୍ତି ଯୁବ ଅଭିନେତା ଲୋଟନ ଖଟେଇ । ଜନ୍ମ ତାଙ୍କର ଶ୍ରୀକ୍ଷେତ୍ର ଧାମରେ ହେଲେ ପଶ୍ଚିମ ବଙ୍ଗ ସହିତ ରହିଛି ତାଙ୍କର ଘନିଷ୍ଠ ସମ୍ପର୍କ । ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଧାରାବାହିକ 'ସିନ୍ଦୂରର ଅଧିକାର'ରୁ ଡେବ୍ୟୁ କରି ପରେ ସେ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଭେଟିଦେଇଛନ୍ତି 'ମୁରବୀ' ଭଳି ଲୋକପ୍ରିୟ ସିନେମା । ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଲୋଟନଙ୍କ ମୁହଁରୁ ଜାଣିବା ତାଙ୍କର ସଂଘର୍ଷର କାହାଣୀ ।

ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?
- ଭଲ କଳାକାର ହେବାର ଇଚ୍ଛା ଥିଲେ ବି ଉପଯୁକ୍ତ ପ୍ଲାଟ୍‌ଫର୍ମ ସମସ୍ତଙ୍କୁ ମିଳିପାରେନି । ମୁଁ ଜଣେ ମେକାନିକାଲ ଇଞ୍ଜିନିୟର । ଚାକିରି କରୁଥିଲି । ହେଲେ କଳାକାର ହେବାର ଆଗ୍ରହ ମୋତେ ଚାକିରି ଜୀବନରେ ବେଶୀ ଦିନ ବାନ୍ଧି ରଖିପାରିନଥିଲା । ୨୦୧୮ ମସିହାରେ ମୁମ୍ବାଇ ଯାଇ ମଞ୍ଚରେ ଯୋଗଦେଲି । କରୋନା ହେଲା, ଓଡ଼ିଶା ଫେରି ଆସି ପୁରୀର 'ଅନ୍ନପୂର୍ଣ୍ଣା ଥିଏଟର'ରେ ମଞ୍ଚ ନାଟକ କଲି । ଧୀରେ ଧୀରେ ଲୋକସମ୍ପର୍କ ବଢ଼ିଲା । ଅଡିସନ୍ ପାଇଁ ପ୍ରସ୍ତୁତ ହେଲି । ସୌଭାଗ୍ୟବଶତଃ 'ସିନ୍ଦୂରର ଅଧିକାର' ଧାରାବାହିକରେ 'ଡଲି' ଭଳି ଏକ ଚମତ୍କାର ଚରିତ୍ର ମୋତେ ମିଳିଥିଲା । ସେହି ଚରିତ୍ରଟିକୁ ଆଜି ବି ମୋ ପାଇଁ ସ୍ମରଣୀୟ ହୋଇରହିଛି । ଏହା ସହିତ କିଛି ବିଜ୍ଞାପନରେ ମଧ୍ୟ କାମ କରିବାକୁ ସୁଯୋଗ କରିଛି ।

ଲାଇଟ୍, କ୍ୟାମେରା, ଆକ୍ସନ୍ ଅନୁସାରେ କାମ କରିବା ସହଜ ଥିଲା?
- ଜଣେ କଳାକାର ପାଇଁ ଅଭ୍ୟାସ ହେଉଛି ସବୁକିଛି । ମଞ୍ଚରେ ଆମକୁ ଚରିତ୍ରକୁ କେମିତି ଜୀବନ୍ତ କରିବାକୁ ହୁଏ, ଟେକ୍ନିକାଲ ଜ୍ଞାନ ଆଦି ସବୁକିଛି ଶିଖାଯାଇଥାଏ । ତେଣୁ ଲାଇଟ୍, କ୍ୟାମେରା, ଆକ୍ସନ ସୂତ୍ରରେ କାମ କରିବାକୁ କଷ୍ଟ ହୋଇନଥିଲା ।

ଧାରାବାହିକରୁ ବଡ଼ ପରଦାର ଯାତ୍ରା କେମିତି ଥିଲା?
- 'ସିନ୍ଦୂରର ଅଧିକାର' ପରେ 'ଝିଅ ଆମର ନୂଆବୋହୂ', 'ସାଥିରେ' ଆଦି ଅନେକ ଧାରାବାହିକରେ ଅଭିନୟ କରିଛି । ପଜିଟିଭ୍ ଆଉ ନେଗେଟିଭ୍ ଉଭୟ ଚରିତ୍ରକୁ ନିଖୁଣ ଭାବେ ଫୁଟାଇଛି । ପରବର୍ତ୍ତୀ ସମୟରେ ତରଙ୍ଗର ଟେଲିଫିଲ୍ମ 'ଶାଶୂ ବୋହୂ ଫୁଡ୍ ଏକ୍ସପ୍ରେସ୍', 'ମିଷ୍ଟିର ଦୁଷ୍ଟାମୀ' ଆଦି ଅନେକ ଟେଲି ଫିଲ୍ମ ସହିତ 'କୁହୁଡ଼ି', 'ଯାଯାବର ୨.୦', 'ମୁରବୀ' ପରି ଏକ ବାସ୍ତବଧର୍ମୀ ସିନେମାରେ ଅଭିନୟ କରିଛି ।

କେଉଁ ଚରିତ୍ର ଆପଣଙ୍କ କ୍ୟାରିୟର ପାଇଁ ଟର୍ଣ୍ଣିଂ ପଏଣ୍ଟ ଥିଲା ?
- 'ମୁରବୀ' ସିନେମାର ଡ୍ରାଇଁ ଚରିତ୍ର ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ । ଏଥିରେ ମୁଁ ବରିଷ୍ଠ ଅଭିନେତା କୁନା ତ୍ରିପାଠୀଙ୍କ ଡ୍ରାଇଁ ସୁରଜ ଭୂମିକାରେ ଅଭିନୟ କରିଥିଲି । ଏହି ଚରିତଟ୍ରି କରିବାକୁ ମୁଁ ବହୁତ ପରିଶ୍ରମ କରିଥିଲି । ସିନେମା ନିର୍ମାତାଙ୍କ ମାର୍ଗଦର୍ଶନ ହିଁ ଚରିତ୍ରଟି ଦର୍ଶକଙ୍କ ହୃଦୟରେ ସ୍ଥାନ ପାଇଥିଲା । ମୋ ପାଇଁ ଚରିତ୍ର ଛୋଟ କି ବଡ଼ ନୁହେଁ, ଚରିତ୍ର କେତେ ଦମ୍‌ଦାର ହେବ ତା' ଉପରେ ମୁଁ ଗୁରୁତ୍ୱ ଦିଏ ।

ଚରିତ୍ରକୁ ଜୀବନ୍ତ କରିବାକୁ ଲୋଟନ କ'ଣ କରନ୍ତି?
- ଧାରାବାହିକ ହେଉ କି ଫିଲ୍ମର ନିର୍ମାତାଙ୍କ ସମ୍ମୁଖରେ ଜଣେ କଳାକାର ପୂରା ନଗ୍ନ । ଅର୍ଥାତ୍ ସେମାନେ ଯେଉଁପରି ନିର୍ଦ୍ଦେଶନା ଦେବେ, କଳାକାର ସେହି ଚରିତ୍ର ଅନୁସାରେ କାମ କରିଥାନ୍ତି । ତେଣୁ କଳାକାର ପାଇଁ ତା'ର ଚରିତ୍ର ହେଉଛି ଗୁରୁତ୍ୱପୂର୍ଣ୍ଣ । ମୋତେ ମିଳିଥିବା ଚରିତ୍ର ସାମ୍ନାରେ ମୁଁ ଲୋଟନ ବୋଲି ନିଜକୁ ଭୁଲି ଚରିତ୍ର ଭିତରେ ପଶିଯାଏ । ଏଥିପାଇଁ ପ୍ରତ୍ୟେକ ଦିନ ଅଭ୍ୟାସ ମଧ୍ୟ ଜାରି ରଖେ ।

ସୁଟିଂ ନଥିଲେ କ'ଣ କରନ୍ତି?
- ଏକାକୀ ଟ୍ରାଭଲ୍ କରିବା ମୋତେ ପସନ୍ଦ ।

ଆଗାମୀ ଯୋଜନା?
- ବାସ୍ତବ କାହାଣୀ, ଭଲ ସ୍କ୍ରିପ୍ଟକୁ ନେଇ ଫିଲ୍ମରେ କାମ କରିବାକୁ ଇଚ୍ଛା ଅଛି । ତା' ସହିତ ଆଗାମୀ ଦିନରେ ମୁମ୍ବାଇରେ କାମ କରିବାକୁ ଯୋଜନା ରଖି ପ୍ରସ୍ତୁତ ଜାରି ରହିଛି ।

ସଫଳତାର ଶ୍ରେୟ କାହାକୁ ଦେବେ?
- ବାପା ମା'ଙ୍କ ଆଶୀର୍ବାଦ ଆଉ ନିଜର କଠିନ ପରିଶ୍ରମ ।

ଡ୍ରିମ୍‌ରୋଲ୍?
- ଡ୍ରିମ୍‌ରୋଲ ଶବ୍ଦ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ଜଣେ କଳାକାର ହିସାବରେ ମୋତେ ମିଳିଥିବା ଚରିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁଲେ ସେହି ଚରିତ୍ରଟି ମୋ ପାଇଁ ଡ୍ରିମ୍‌ରୋଲ୍ ହୋଇଯିବ ।

ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ ବାର୍ତ୍ତା ଦେବେ?
- କିଛି ଜଣ ନାଁ, ଟଙ୍କା ପାଇଁ ଏ ଲାଇନକୁ ଆସନ୍ତି । ଏହା କ୍ୟାରିୟର ଉପରେ ପ୍ରଭାବ ପକାଏ । ମୋ' ମତରେ କଳାରେ ଜିଇଁ କଳାରେ ମରିବାର ଉଦ୍ଦେଶ୍ୟ ରଖି ଏ ଲାଇନ୍‌କୁ ଆସିବା ଦରକାର । ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳିବା ସହିତ ଅଭ୍ୟାସ, କଠିନ ପରିଶ୍ରମ ଏବଂ ଭଲ ଅଭିନୟ କରିଲେ ଜଣେ ଏହି ଲାଇନ୍‌ରେ ତିଷ୍ଠି ପାରିବ । ■

'ଦେବକନ୍ୟା'ରେ ଘୋଡ଼ାନାଚ କାହାଣୀ



ନିକଟରେ ଭୁବନେଶ୍ୱରସ୍ଥିତ ଉତ୍କଳ କନିକା ଗ୍ୟାଲେରିଆଠାରେ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ପୋଷ୍ଟର ଉନ୍ମୋଚନ ସହିତ ଟ୍ରେଲର ଏବଂ ଗୀତ ରିଲିଜ୍ ହୋଇଯାଇଛି । ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ସୁରେଶ କୁମାର ସାହୁ ଏବଂ ଭାର୍ଗବୀ ତ୍ରିପାଠୀ ପ୍ରଯୋଜନା କରିଛନ୍ତି । ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଲିଖିତ କାହାଣୀ ଓ ଚିତ୍ରନାଟ୍ୟ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଶେଷ ମହାନ୍ତି (ସିଲୁ) । ସୁଦର୍ଶନ ସେନାପତି ଚିତ୍ରତ୍ତୋଳନ କରିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି । ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ) ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଭୂମିକାରେ ନଜର ଆସିବେ । ପୁରୀ ମାଟିର ପାରମ୍ପରିକ ଘୋଡ଼ାନାଚକୁ ଆଧାର କରି ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି । ଘୋଡ଼ାନାଚରେ ଝିଅ ବେଶ ହୋଇ ନାଚୁଥିବା ଜଣେ ପୁଅର ଜୀବନକୁ କେନ୍ଦ୍ର କରି ଏହି କାହାଣୀ ଗତିଶୀଳ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି, ପରମ୍ପରା, ଲୋକକଳା ଓ ମାଟିର ମହକକୁ ଚଳଚ୍ଚିତ୍ରରେ ଗୁରୁତ୍ୱ ଦିଆଯାଇଛି । ପୋଷ୍ଟର, ଟ୍ରେଲର ଓ ଗୀତ ରିଲିଜ୍ ପରେ ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଆହୁରି ବଢ଼ିଛି । ଆସନ୍ତା ନଭେମ୍ବରରେ 'ଦେବକନ୍ୟା' ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି । ■

ଦଶହରାରେ ଅର୍ଦ୍ଧେନ୍ଦୁଙ୍କ 'ଗେମ୍ ଓଭର୍'

ଏଥର ଦଶହରା ବଜାରରେ ଯନ୍ତାଳ ମାଡ଼ରେ ଧୂଳି ଉଡ଼ିବ । ଆଉ ଧୂଳି ଉଡ଼ାଇବେ ଓଲିଉଡ୍‌ର ଅର୍ଦ୍ଧେନ୍ଦୁ ସାହୁ । ତାଙ୍କୁ ସାଥି ଦେବେ ସାଉଥ୍ ସୁପରଷ୍ଟାର୍ ପୁଷ୍ପରାଜ ଆଲୁ ଅର୍ଜୁନଙ୍କ କୋରିଓଗ୍ରାଫର୍ ଉର୍ବଶୀ ଚୌହାନ । ଦଶହରାରେ ଦର୍ଶକଙ୍କ ପାଇଁ 'ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ' ବ୍ୟାନରରେ ଅର୍ଦ୍ଧେନ୍ଦୁ ନେଇ ଆସୁଛନ୍ତି 'ଗେମ୍ ଓଭର୍' । ଏହାର ଆଇଟମ୍ ଗୀତ 'ଯନ୍ତାଳ' ଏବେ ଟ୍ରେଣ୍ଡିଂରେ ଅଛି । ଏହି ଗୀତଟି ମନୋଜ କୁମାର ପଣ୍ଡା ଲେଖିଥିବା ବେଳେ ତାକୁ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ ତ୍ରିପାଠୀ । ଗୀତଟିକୁ ଗାଇଛନ୍ତି କଣ୍ଠଶିଳ୍ପୀ ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅନୁରାଗ ଦାସ । କୋରିଓଗ୍ରାଫି କରିଛନ୍ତି ଲୋକପ୍ରିୟ କୋରିଓଗ୍ରାଫର ଅମିତ ନାୟକ । ଏଥିରେ ଅର୍ଦ୍ଧେନ୍ଦୁ, ସୁପ୍ରିୟାଙ୍କ ସହିତ କୁନା ତ୍ରିପାଠୀ, ଜୀବନ ପଣ୍ଡା, ତ୍ରିଭୁବନ ପଣ୍ଡା, ଉଦିତ ଗୁରୁ, ବିଭାସ, ଅଂଶୁମାନ, ଓ ପ୍ରୀତିରଞ୍ଜନ ପ୍ରଧାନ ଅଭିନୟ କରିଛନ୍ତି । ବର୍ତ୍ତମାନ ଓଲିଉଡ୍ ଟାଉନ୍‌ରେ ଚର୍ଚ୍ଚା ଦଶହରାରେ ଘୋ ଘା କରିବେ ଅର୍ଦ୍ଧେନ୍ଦୁ । କାରଣ ସେ କେବଳ ଏ ଗୀତ ନୁହେଁ, ପୂରା ସିନେମାରେ ଭିନ୍ନ ଲୁକ୍ ସହ ଚରିତ୍ରରେ ନଜର ଆସୁଛନ୍ତି । ଯାହା ତାଙ୍କ କ୍ୟାରିଅରରେ ଆଉ ଏକ ମାଇଲଖୁଣ୍ଟ ହୋଇ ରହିବ । ତେବେ ଦେଖାଯାଉ ଅର୍ଦ୍ଧେନ୍ଦୁ ଦଶହରାରେ କାହାର ଗେମ୍ ଓଭର୍ କରିବେ । ■

ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ: ସିନେମା ଘର

ଫିଲ୍ମ ତିଆରି ହେଉଛି, କିନ୍ତୁ ଦେଖାଯିବ କେଉଁଠି? ଏହା ଆଜିର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସବୁଠାରୁ ବଡ଼ ପ୍ରଶ୍ନ । ଫିଲ୍ମ ତିଆରି ହେବା ପରେ ଯଦି ଉପଯୁକ୍ତ ସ୍କ୍ରିନ୍ ନମିଳେ, ତେବେ ସମଗ୍ର ଆର୍ଥିକ ଚକ୍ର ଅଟକିଯାଏ । ଏହି ସଙ୍କଟରୁ ମୁକୁଳିବାର ଚିନ୍ତାରୁ 'ସିନେମା ଘର'ର ପରିକଳ୍ପନା । ଓଡ଼ିଶାର ଘରେ ଘରେ ଓଡ଼ିଆ ସିନେମା ପହଞ୍ଚାଇବା ପାଇଁ 'ସିନେମା ଘର' ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମିଶ୍ର ଏବଂ ମାନସ ସୁବୁଦ୍ଧି ନିକଟରେ ଏକ ସ୍ୱତନ୍ତ୍ର ଉତ୍ସବରେ ଘୋଷଣା କରିଥିଲେ । ଯେଉଁଠି ସ୍ଥାୟୀ ସିନେମା ହଲ୍ ନାହିଁ, ସେଠାରେ ଉପଲବ୍ଧ ହଲ୍, ଅଡିଟୋରିୟମ୍, କମ୍ୟୁନିଟି ହଲ୍ କିମ୍ବା ଉପଯୁକ୍ତ ବଡ଼ ସ୍ଥାନକୁ ଆଧୁନିକ ଉପକରଣରେ ସଜାଇ ସିନେମା ପ୍ରଦର୍ଶନ କରିବା । 'ସିନେମା ଘର'ର ଆଉ ଏକ ଆକର୍ଷଣ ହେଉଛି ସୁଲଭ ଟିକେଟ୍ । ପୂର୍ବରୁ ପରଦା ଓ ପ୍ରୋଜେକ୍ଟର୍ ନେଇ ସିନେମା ଗାଁକୁ ଯାଉଥିଲା; ଆଜି ସେହି ଚିନ୍ତା ଏଚ୍.ଡି.ଏଲ୍.ଇ.ଡି, ଡିଜିଟାଲ୍ ସାଉଣ୍ଡ ଓ ଆଧୁନିକ ପ୍ରଯୁକ୍ତି ସହ ପୁଣି ଫେରିପାରେ । ଏହି ଦୃଷ୍ଟିରୁ 'ସିନେମା ଘର'କୁ ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ ବୋଲି କୁହାଯାଇପାରେ । ଏହି ପ୍ରୋଜେକ୍ଟ ଓଡ଼ିଆ ସିନେମା ପ୍ରଯୋଜକମାନଙ୍କ ପାଇଁ ଆର୍ଥିକ ଦିଗକୁ ସ୍ୱଚ୍ଛଳ କରିବା ସହିତ ଓଡ଼ିଶାର କୋଣ ଅନୁକୋଣରେ ଦର୍ଶକ ଓଡ଼ିଆ ସିନେମା ଦେଖି ପାରିବେ ବୋଲି 'ସିନେମା ଘର' ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ରୀ ମିଶ୍ର କହିଛନ୍ତି । ସହରରୁ ଗାଁ-ଗାଁରୁ ପଞ୍ଚାୟତ ପର୍ଯ୍ୟନ୍ତ ସିନେମା ପ୍ରେମୀଙ୍କୁ ଯୋଡ଼ିବାର ଏକ ନିଆରା ପ୍ରୟାସ 'ସିନେମା ଘର' । ■

ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଛି 'ହାଣ୍ଡିଆ ଭାଟି'

ସରିଲା ସୁଟିଂ, ଚାଲିଛି ପୋଷ୍ଟ ପ୍ରଡକ୍ସନ୍ କାମ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ହାଣ୍ଡିଆ ଭାଟି'ର ଶୁଭ ମହୂରତ୍ ଗତ ୩ ତାରିଖ ଦିନ ଅନୁଷ୍ଠିତ ହେବା ସହ ଏହାର ଟାଇଟଲ୍ ଘୋଷଣା ଏବଂ ପୋଷ୍ଟର ରିଲିଜ୍ କରାଯାଇଛି । ବର୍ତ୍ତମାନ ଫିଲ୍ମର ସୁଟିଂ ଶେଷ ହୋଇଥିବା ବେଳେ ପୋଷ୍ଟ ପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି । ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ର ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି 'ହାଣ୍ଡିଆ ଭାଟି' ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି । ଦୀପକ କୁମାର ସ୍ୱାଇଁ ଏବଂ ଶୀଲାରାଣୀ ନାୟକଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ଅନିଲ ବୋଇତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ସତ୍ୟଜିତ୍ ଥିବା ବେଳେ, ସେ ମଧ୍ୟ ଏହାର ସଙ୍ଗୀତ, ସଂଳାପ, ଚିତ୍ରନାଟ୍ୟ ଏବଂ ଡିଓପି (DOP) ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଛନ୍ତି । ଏଥିରେ ଗୀତ ରଚନା କରିଛନ୍ତି ସତ୍ୟଜିତ୍ ଏବଂ ଅମର କ୍ରିଷ୍ଣା । ସେହିପରି ଫିଲ୍ମର ସଙ୍ଗୀତ ସଂଯୋଜନା ଏବଂ ଆବହ ସଙ୍ଗୀତ (BGM) ଦାୟିତ୍ୱରେ ଅଛନ୍ତି ସୁଭାଷିଷ କୁମାର । ଏଥିରେ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବେ ସୁଜିତ ସିଂହ ରହିଛନ୍ତି । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଦର୍ଶକମାନେ ଜୟଶ୍ରୀ ସଡଙ୍ଗୀ, ତାପସ ପାଣିଗ୍ରାହୀ ଏବଂ ଦେବକନ୍ୟାଙ୍କୁ ଦେଖିବାକୁ ପାଇବେ । ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ବିଶ୍ୱଜିତ ମଲ୍ଲିକ, ମନୋଜ ମହାନ୍ତି, ପ୍ରମିଳା ଜେନା, ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ବିଭାସ , RJ KP ଏବଂ ଉଦିତ ଗୁରୁଙ୍କ ସମେତ ଆହୁରି ଅନେକ ପ୍ରତିଭାବାନ କଳାକାର ଅଭିନୟ କରିଛନ୍ତି । ଭୁବନେଶ୍ୱର ସ୍ଥିତ 'ଅକ୍ସଫୋର୍ଡ ଆଡଭର୍ଟାଇଜିଂ'ର ଅଶୋକ କୁମାର ସ୍ୱାଇଁ ଏବଂ ଆରତୀ ସ୍ୱାଇଁ ଏହି ଚଳଚ୍ଚିତ୍ରର ମିଡିଆ ପାର୍ଟନର (ଗଣମାଧ୍ୟମ ସହଯୋଗୀ) ଦାୟିତ୍ୱ ନିର୍ବାହ କରୁଛନ୍ତି । ଚଳଚ୍ଚିତ୍ର ନିର୍ମାଣରେ ସ୍ୱତନ୍ତ୍ର ସହଯୋଗ ପାଇଁ ଦେବାଶିଷ ରଥ ଏବଂ ମାନସ ନାୟକଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର କୃତଜ୍ଞତା ଜ୍ଞାପନ କରାଯାଇଛି । ଖୁବ୍ ଶୀଘ୍ର ଏହାର ଅଡିଓ ଏବଂ ଟ୍ରେଲର ରିଲିଜ୍ କରାଯିବ । ଏହି ନୂଆ ଚଳଚ୍ଚିତ୍ରକୁ ଦର୍ଶକମାନେ ଭରପୂର ଭଲପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶାବ୍ୟକ୍ତ କରିଛନ୍ତି । ■

'ଗୃହଲକ୍ଷ୍ମୀ' ଆରମ୍ଭ

ଅକ୍ଟୋବର ୧୦ ତାରିଖରୁ 'ଜୀ-ସାର୍ଥକ'ରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଗୃହଲକ୍ଷ୍ମୀ' । ସାଧାରଣ ଘରୋଇ ମହିଳାମାନଙ୍କ ଭିତରେ ଲୁଚି ରହିଥିବା ଅସାଧାରଣ ପ୍ରତିଭାକୁ ଲୋକଲୋଚନକୁ ଆଣିବା ହେଉଛି 'ଗୃହଲକ୍ଷ୍ମୀ' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହି ଶୋ'ର ପରିକଳ୍ପନା ବେଶ୍ ନିଆରା । ଏଥିରେ ଦୁଇ ପିଢ଼ିର ବିବାହିତା ମହିଳାମାନେ ଅଂଶଗ୍ରହଣ କରିଛନ୍ତି । ଯେଉଁଥିରେ 'ସାନ ଭାଉଜ' (୨୦ ରୁ ୩୦ ବର୍ଷ) ଏବଂ 'ବଡ଼ ଭାଉଜ' (୩୧ ରୁ ୪୦ ବର୍ଷ) ଏକାଠି ମଞ୍ଚକୁ ଆସିବେ । ଏହା କେବଳ ଏକ ସାଧାରଣ ପ୍ରତିଯୋଗିତା ନୁହେଁ, ବରଂ ଘରକରଣାର ବିଭିନ୍ନ ଦକ୍ଷତା । ପ୍ରତିଯୋଗୀମାନେ ନିଜର ଦକ୍ଷତା ମାଧ୍ୟମରେ ପ୍ରମାଣିତ କରିବେ ଯେ, ସେମାନେ କାହିଁକି ଏକ ପ୍ରକୃତ 'ଗୃହଲକ୍ଷ୍ମୀ' । ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିମତା ଅନୁସାରେ ବିଭିନ୍ନ ଖେଳ କରାଯାଉଛି । ବିଚାରପତି ଆସନରେ ଲୋକପ୍ରିୟ ଅଭିନେତ୍ରୀ ଲିପି ମହାପାତ୍ର ଏବଂ ଅଭିନେତା ପୁପିନ୍ଦର ରହିଛନ୍ତି । ସେପଟେ ପ୍ରତିଯୋଗୀମାନଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ପାଇଁ ମେଣ୍ଟର ଭାବରେ ଅନିଶା ମହାକୁଡ଼ ଏବଂ ପିଙ୍କି ପ୍ରଧାନ ନଜର ଆସିଛନ୍ତି । ସେହିପରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନିଜର ସୁନ୍ଦର ଉପସ୍ଥାପନା ଶୈଳୀରେ ବାନ୍ଧି ରଖିଛନ୍ତି ଆଙ୍କର ଲୋରିଆ ମହାନ୍ତି । ପ୍ରତି ଶନିବାର ଏବଂ ରବିବାର ରାତି ୯ଟା ୩୦ରେ ପ୍ରସାରଣ ହେବ । ■

ଦିନିକିଆ ସିରିଜ୍‌ରୁ ଓ'ରୁର୍କି ବାଦ୍

ଅକ୍‌ଲାଣ୍ଡ,୧୦।୧୦(ଏଜେନ୍ସି): ମାଂସପେସୀରେ ଆଘାତ ଯୋଗୁଁ ନ୍ୟୁଜିଲାଣ୍ଡର ପ୍ରଭାବୀ ଫାଷ୍ଟ ବୋଲର ୱିଲିୟମ ଓ'ରୁର୍କିଙ୍କୁ ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ସେ ଏବେ ଅସୁସ୍ଥ ଅଛନ୍ତି ଏବଂ ପୂରା ଫିଟ୍ ହୋଇନାହାନ୍ତି। ଅକ୍ଟୋବର ୨୨ରୁ ଡିସେମ୍ବର ୧ ମଧ୍ୟରେ ନ୍ୟୁଜିଲାଣ୍ଡ



ସହ ଭାରତ ୫ଟି ଟି-୨୦, ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ନ୍ୟୁଜିଲାଣ୍ଡରେ ଖେଳାଯିବାକୁ ଏହି ସିରିଜ୍ ଲାଗି ଘୋଷଣା କରାଯାଇଥିବା ଟି-୨୦ ଦଳରୁ ୨ଜଣ ଖେଳାଳି ମଧ୍ୟ ବାଦ୍ ପଡ଼ିଛନ୍ତି। ଆଘାତ କାରଣରୁ ମାର୍କ ଚାପମ୍ୟାନ୍ ଓ ଜାକ୍ ଫୋକ୍ସ ବାଦ୍ ପଡ଼ିଛନ୍ତି। ଏହାର ଅର୍ଥ ହେଲା ଭାରତ ବିପକ୍ଷରେ ଖେଳିବା ପୂର୍ବରୁ ନ୍ୟୁଜିଲାଣ୍ଡର ପ୍ରମୁଖ ଖେଳାଳି ଆହତ ହେବା ଶୁଭ ସୂଚନା ନୁହେଁ। ଦୁଇ ଦେଶ ମଧ୍ୟରେ ପ୍ରଥମେ ଟି-୨୦ ସିରିଜ୍ ଖେଳାଯିବ। ଟି-୨୦ ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ଅକ୍ଟୋବର ୨୨, ୨୪, ୨୭, ୩୦ ଓ ନଭେମ୍ବର ୧ରେ ଖେଳାଯିବ। ଏହା ପରେ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ନଭେମ୍ବର ୪, ୭, ୧୦, ୧୩ ଓ ୧୫ରେ ଖେଳାଯିବ। ଏହି ସିରିଜ୍ ଲାଗି ରବିବାର ନ୍ୟୁଜିଲାଣ୍ଡ ଟିମ୍ ଘୋଷଣା କରାଯିବ। ନଭେମ୍ବର ୧୯ରୁ ୨୩ ଯାଏ ପ୍ରଥମ ଟେଷ୍ଟ, ନଭେମ୍ବର ୨୭ରୁ ଡିସେମ୍ବର ୧ ଯାଏ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ।

୯ ବର୍ଷ ପରେ ରେନଶା'ଙ୍କ ଶତକ

ଡର୍ବାନ, ୧୦।୧୦ (ଏଜେନ୍ସି): ଘରୋଇ ଆଫ୍ରିକା ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ଦୃଢ଼ ବ୍ୟାଟିଂ କରିଛି। ମଧ୍ୟକ୍ରମ



ବ୍ୟାଟର ମାଥ୍ୟୁ ରେନଶ'ଙ୍କ ପ୍ରତୀକ୍ଷିତ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୩୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଏକଦା ଅଷ୍ଟ୍ରେଲିଆ ୧୨୪ ରନରେ ୬ଟି ୱିକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। କିନ୍ତୁ ରେନଶ ୧୯୦ ରନର ଲଢୁଆ ପାଳି ଖେଳି ଅଷ୍ଟ୍ରେଲିଆକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଦୀର୍ଘ ୯ ବର୍ଷ ପରେ ରେନଶ'ଙ୍କ ଏହା ପ୍ରଥମ ଟେଷ୍ଟ ଶତକ ଥିଲା। ୨୦୧୭ରେ ସେ ପାକିସ୍ତାନ ବିପକ୍ଷରେ ଶତକ ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୯, ମାର୍ନଶ ଲାବୁଶ୍ନେନ ୩୭, ଷ୍ଟିଭ ସ୍ମିଥ ୨୫, ଅଧିନାୟକ ପ୍ୟାଟ୍ କମିନ୍ସ ୪୩, ନାଥନ ଲିୟନ ୨୭ ରନ କରିଥିଲେ। ବୋଲିଂରେ ଘରୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ୱିଆନ ମଲଡର ୪, ମାର୍କୋ ଜାନସେନ ୩ ଓ ଆନରିଚ ନୋର୍ଜେ ୨ଟି ୱିକେଟ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮.୪ ଓଭରରେ ଗୋଟିଏ ୱିକେଟ ହରାଇ ୨୭ ରନ କରିଛି।

ରୋନାଲ୍ଡୋ ସାମୟିକ ବାସନ୍ଦ

ଲିସବନ୍, ୧୦।୧୦ (ଏଜେନ୍ସି): ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସାମୟିକ ବାସନ୍ଦର ସମ୍ମୁଖୀନ ହୋଇଛନ୍ତି। ପର୍ତ୍ତୁଗୀଜ୍ ଫୁଟବଲ୍



ଫେଡେରେସନ୍ (ଏଫପିଏଫ) ରୋନାଲ୍ଡୋଙ୍କୁ ଏହି ନିଲମ୍ବନ କରିଛି। ଚଳିତ ମାସ ଆରମ୍ଭରେ ଡେନମାର୍କ ବିପକ୍ଷରେ ମ୍ୟାଚ୍ ପୂର୍ବରୁ ରୋନାଲ୍ଡୋ କୋଚ୍ ଜର୍ଜ ଜିସସ୍‌ଙ୍କ ସହ ଝଗଡ଼ା କରି ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଛାଡ଼ି ଚାଲିଯାଇଥିଲେ। ତେଣୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଫ୍‌ପିଏଫ ରୋନାଲ୍ଡୋଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବିତ କରଛି। ୪୧ ବର୍ଷୀୟ ରୋନାଲ୍ଡୋ ଏହି ଘଟଣା ଲାଗି ସାମାଜିକ ଗଣମାଧ୍ୟମରେ ତାଙ୍କ ପ୍ରଶଂସକଙ୍କୁ କ୍ଷମା ମାଗିଥିଲେ। ଏଥିସହ ଫେଡେରେସନ ଯାହାବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବ ତାକୁ ଗ୍ରହଣ କରିବେ ବୋଲି ଏହି ଷ୍ଟାର୍ ଖେଳାଳି କହିଥିଲେ।

ଇନ୍ଦୋରର ଫ୍ଲାଟ ପିଚ୍ ଓ ସର୍ଟ ବାଉଣ୍ଡାରୀରେ ତୃତୀୟ ଟି-୨୦ ଆଜି

ଭାରତର ଚିନ୍ତା: ହୋପ୍‌ଙ୍କୁ ଅଟକାଇବ କିଏ

ଇନ୍ଦୋର,୧୦।୧୦(ଏଜେନ୍ସି)

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ସ୍ଥାନୀୟ ହୋଲକାର ଷ୍ଟାଡିୟମ୍‌ରେ ରବିବାର ଖେଳାଯିବ। ଏହି ଷ୍ଟାଡିୟମ୍‌ର ଫ୍ଲାଟ ପିଚ୍ ଓ ସର୍ଟ ବାଉଣ୍ଡାରୀ ଯୋଗୁଁ ଏଠାରେ ହାଇସ୍କୋରିଂ ମୁକାବିଲା ଦେଖିବାକୁ ହେବ। ଏଠାରେ ପ୍ରଥମ ଇନିଂସରେ ହାରହାରି ୨୦୦ ରନ୍ ସ୍କୋର ହେଉଥିଲାବେଳେ ଦ୍ୱିତୀୟ ଇନିଂସ ବା ରନ୍ ଚେଜ୍‌ରେ ୧୬୬ ରନ ହୋଇଛି। କିନ୍ତୁ ଏବେ କାକର ପଡୁଥିବାରୁ ରନ୍ ଚେଜ୍ ସହଜ ହେବ ବୋଲି ଅନୁମାନ କରାଯାଉଛି। ରାଞ୍ଚିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭାରତ ପ୍ରଦତ୍ତ ୨୫୦ ରନ୍‌ର ବିଶାଳ ଟାର୍ଗେଟ୍‌କୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଗୋଟିଏ ଓଭର ଖେଳ ବାକିଥାଇ ହାସଲ କରିନେଇଥିଲା। ଅନ୍ତର୍ଜାତୀୟ ଟି-୨୦ରେ ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍‌ର ନେତୃତ୍ୱ ନେଇଥିଲେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ଶେ ହୋପ୍। ହୋପ୍ ୪୫ ବଲ୍‌ରେ ଶତକ ହାସଲ କରିବା ଏବଂ ଶେରଫାନ ରଦରଫୋର୍ଡଙ୍କ ସହ ମିଶି ୫୪ବଲ୍‌ରୁ ୧୨୦ ରନ୍ କରିବା ଫଳରେ ଦଳ ସିରିଜ୍‌କୁ ୧-୧ ସମାନସ୍ତରକୁ ନେଇଆସିଛି। ଏହା ନିଃସନ୍ଦେହ ଉଭୟ ବ୍ୟାଟିଂ ଓ ଦଳର ନେତୃତ୍ୱ ନେଇଥିଲେ ହୋପ୍। ସେ ଏବେ ତାଙ୍କ ଜୀବନର ଶ୍ରେଷ୍ଠ ଫର୍ମରେ ଅଛନ୍ତି। ଭାରତ ବିପକ୍ଷ ଗତ ୪ଟି ଦିନିକିଆରେ ସେ ୩ଟି ଶତକ ସହ ସିରିଜ୍‌ରେ ୪୩୨ ରନ୍ କରିସାରିଲେଣି। ଭାରତ ବିପକ୍ଷ ତୃତୀୟ ଦିନିକିଆରେ ୧୬୨ ଓ ଦ୍ୱିତୀୟ ଟି-୨୦ରେ ୧୦୨ ରନ୍ କରିଥିଲେ। ଏହା ମଧ୍ୟରୁ କେଉଁ ଇନିଂସକୁ ଶ୍ରେଷ୍ଠ କୁହାଯିବ ତାହା କହିବା ମୁସ୍କିଲ। କିନ୍ତୁ ଉଭୟ ଇନିଂସରେ ସେ ବିଜୟ ସୂଚକ ରନ୍ ସ୍କୋର କରିଥିଲେ। ଗତ ୪ଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୧୦୪, ଅପରାଜିତ ୧୬୨, ୫୨ ଓ ଅପରାଜିତ ୧୦୨ ରନ୍ କରିଛନ୍ତି। ଇନ୍ଦୋର ପିଚ୍ ଫ୍ଲାଟ ଓ ସର୍ଟ ଥିବାରୁ ଏଠାରେ ମଧ୍ୟ ତାଙ୍କଠାରୁ ବଡ଼ ସ୍କୋର ଆଶା କରିବା ସ୍ୱାଭାବିକ୍। ଏଣୁ ଭାରତକୁ ସିରିଜ୍‌ରେ ଅଗ୍ରଣୀ ନେବାକୁ ହେଲେ ହୋପ୍‌ଙ୍କୁ ଅଟକାଇବାକୁ ହେବ। ଏଭଳି ଫର୍ମରେ ଥିବା ଖେଳାଳିଙ୍କୁ କେବଳ ନିଜ ଦଳ ନୁହେଁ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କଠାରୁ ମଧ୍ୟ ପ୍ରଶଂସା ମିଳିଛି। ଏବେ ଭାରତର ଚିନ୍ତା ହୋପ୍‌ଙ୍କୁ ଅଟକାଇବ କିଏ? ସେ ତ ପେସ୍ ବୋଲରଙ୍କୁ ସହଜରେ ଖେଳୁଛନ୍ତି। ସ୍ପିନରଙ୍କୁ ମଧ୍ୟ ବଡ ସଟ୍ ମାରୁଛନ୍ତି। ଏଭଳି ସ୍ଥଳେ ହୋପ୍‌ଙ୍କ ଲାଗି ଭାରତ କି ପ୍ରକାର ଯୋଜନା କରୁଛି ତାହା ଆସନ୍ତାକାଲିର ମୁକାବିଲା ପରେ ଜଣାପଡ଼ିବ।

ଘରୋଇ ମାଟିରେ ଖେଳୁଥିବାରୁ ଭାରତର ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ପ୍ରଭାବ ରହିବା କଥା। କିନ୍ତୁ ପିଚ୍ ବୋଲରଙ୍କୁ ସହାୟତା ଦେଉ ନ ଥିବା, ଫିଲ୍ଡରମାନେ ବୋଲର ଆଣୁଥିବା ସୁଯୋଗକୁ ହାତଛଡ଼ା କରିବାକୁ ନେଇ ହେଡ୍ କୋଚ୍ ଗମ୍ଭୀର ଚିନ୍ତାପ୍ରକଟ କରିଛନ୍ତି। ଦ୍ୱିତୀୟ ଟି-୨୦ରେ ୱେଷ୍ଟଇଣ୍ଡିଜ୍‌ର ରଦରଫୋର୍ଡ ୧୮ ବଲ୍‌ରେ ୩୮ ରନ୍ କରିଥିବାବେଳେ ମୟଙ୍କ ଯାଦବ ତାଙ୍କ କ୍ୟାଚ୍ ଛାଡିଦେଇଥିଲେ। ଏହାର ଫଳ କେବଳ ତାଙ୍କୁ ନୁହେଁ ପୂରା ଭାରତକୁ ମିଳିଥିଲା। ରଦରଫୋର୍ଡ ୩୭ ବଲରୁ ୮୪ ରନ୍ କରିଥିଲେ। ହୋପ୍‌ଙ୍କ ସହ ତାଙ୍କ ପାର୍ଟନରସିପ୍ ୱେଷ୍ଟଇଣ୍ଡିଜ୍‌ର ବିଜୟ ସହଜ କରିଦେଇଥିଲା। ଏଣୁ ଭାରତ ଲାଗି କେବଳ ହୋପ୍ କଣ୍ଟା ସାଜି ନାହାନ୍ତି, ବରଂ ଦଳର ଫିଲ୍ଡରମାନେ ଏହି କଣ୍ଟାମାନଙ୍କୁ ମଜଭୁତ କରିବାକୁ ସହାୟତା କରୁଛନ୍ତି। ଦଳର ବୋଲିଂ ମଧ୍ୟ ଚିନ୍ତାଜନକ। ସବୁଠାରୁ ଅଭିଜ୍ଞ ପେସର ଅର୍ଶଦୀପ ସିଂହ ଆଦୌ ଫର୍ମରେ ନାହାନ୍ତି। ସ୍ପିନରମାନେ ମଧ୍ୟ ଫ୍ଲାଟ ପିଚ୍‌ରେ ବଲ ଟର୍ଣ୍ଣ କରିପାରୁ ନାହାନ୍ତି। ଗୋଟିଏ ଭଲ କଥା ହେଲା ଫାଷ୍ଟ ବୋଲର ମୟଙ୍କ ଯାଦବଙ୍କ ଏକ୍ସପ୍ରେସ୍ ବୋଲିଂ। ସେ ପ୍ରଥମ ଓଭରରେ ୨ଜଣ ଖେଳାଳିଙ୍କୁ ବୋକା ବନାଇ ଆଉଟ କରିଥିଲେ। ଭାରତର ବ୍ୟାଟିଂ ଲାଇନ୍‌ରେ ରହିଛି। ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିଶାନ ଭଲ ଫର୍ମରେ ଅଛନ୍ତି। ଅଧିନାୟକ ଶ୍ରେୟସ ଆୟର ଫର୍ମକୁ ଫେରିଛନ୍ତି। ତିଲକ ବର୍ମା ସୁଯୋଗର ସଦ୍‌ବ୍ୟବହାର କରି ରାଞ୍ଚିରେ ସଫଳ ହୋଇଛନ୍ତି। ଘରୋଇ ଦଳର ବୋଲିଂ ଓ ଫିଲ୍ଡିଂରେ ଉନ୍ନତି ନ ହେଲେ ଭାରତ ଯେ ସିରିଜ୍ ହାତଛଡ଼ା କରିବ ଏହା ନିଃସନ୍ଦେହରେ ପୂର୍ବାନୁମାନ କରାଯାଇପାରେ।

ଖେଳ ସମୟ- ରାତି ୭ଟା
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।

ଆଇଏସ୍‌ଏଲ୍-୧୩ ଆରମ୍ଭ

ଉଦ୍‌ଘାଟନୀରେ ବାଜି ମାରିଲା ବେଙ୍ଗାଲୁରୁ

ବେଙ୍ଗାଲୁରୁ, ୧୦।୧୦ (ଏଜେନ୍ସି): ଭାରତୀୟ ଘରୋଇ ଫୁଟବଲ୍‌ରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ୍)'ର ୧୩ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଛି। ରୋମାଞ୍ଚକର ଉଦ୍‌ଘାଟନୀ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୩-୨ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରିଛି। ସ୍ଥାନୀୟ ଶ୍ରୀ କାନ୍ତିବୀର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚର ଶେଷ ମିନିଟରେ ଗୋଲ୍ ଦେଇ ମେନୋ କୋଚ୍ ବେଙ୍ଗାଲୁରୁକୁ ବିଜୟୀ କରାଇଥିଲେ। ବୋର୍ଜା ମାର୍ଟିନେଜ ଦଳ ପକ୍ଷରୁ ସର୍ବାଧିକ ଦୁଇଟି ଗୋଲ୍ ଦେଇଥିଲେ। ସେ ୨୨ତମ ମିନିଟରେ ବେଙ୍ଗାଲୁରୁ ପାଇଁ ପ୍ରଥମ ଗୋଲ୍‌ସ୍କୋର

କରିଥିଲେ। ଏହାର ୪ ମିନିଟ ପରେ ଦିଲ୍ଲୀ ପକ୍ଷରୁ ବ୍ରାଜିଲ ତାରକା ରୋଡ୍ରିଗୁଇନୋ ଗୋଲ୍ ଦେଇ ମ୍ୟାଚକୁ ୧-୧'ର ସମାନସ୍ତରକୁ ଆଣିଥିଲେ। ଛ ମିନିଟ୍ ପରେ ଅର୍ଥାତ ୩୨ତମ ମିନିଟରେ ମେନୋ କୋଚ୍‌ଙ୍କ ଆତ୍ମଘାତୀ ଗୋଲ୍ ବଳରେ ଦିଲ୍ଲୀ ୨-୧ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚର ୭୨ତମ ମିନିଟରେ ମାର୍ଟିନେଜ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ମ୍ୟାଚକୁ ବରାବରସ୍ଥିତିକୁ ଆଣିଥିଲେ। ତେବେ ମ୍ୟାଚ୍ ଶେଷ ହେବାକୁ ଗୋଟିଏ ମିନିଟ୍ ବାକିଥିବାବେଳେ ମେନୋ ନିର୍ଣ୍ଣାୟକ ତୃତୀୟ ଗୋଲ୍‌ଟି ଦେଇ ବେଙ୍ଗାଲୁରୁକୁ ରୋମାଞ୍ଚକ ଭେଟି ଦେଇଥିଲେ।

୧୯ ବର୍ଷରୁ କମ୍ କ୍ରିକେଟ

ଓଡ଼ିଶାର ଉଭୟ ଦଳ ହାରିଲେ

ଭୁବନେଶ୍ୱର,୧୦।୧୦(ସମିସ): ବିସିସିଆଇ ଘରୋଇ କ୍ରିକେଟରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ସୀମିତ ଓଭର କ୍ରିକେଟରେ ଓଡ଼ିଶାର ଉଭୟ ଦଳ ପରାଜିତ ହୋଇଛନ୍ତି। ଉତ୍ତରପ୍ରଦେଶଠାରୁ ବାଳକ ୭ ୱିକେଟରେ ଓ ଝାଡଖଣ୍ଡଠାରୁ ବାଳିକା ଦଳ

୬ ୱିକେଟରେ ପରାଜିତ ହୋଇଛି। ବାଳିକା ବିଭାଗରେ ଓଡ଼ିଶାର ଏହା କ୍ରମାଗତ ପରାଜୟ।

ପୁଡୁଚେରୀରେ ଖେଳାଯାଇଥିବା ବିନୁମଙ୍କଡ ଟ୍ରଫିରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୪୯.୧ ଓଭରରେ ୨୪୮ ରନ୍ କରିଥିଲା। ଦଳ ପକ୍ଷରୁ ପାନକଳ ମୋକ୍ଷିତ ସର୍ବାଧିକ ୬୮ ଓ ରୁଦ୍ରପ୍ରସାଦ ମଲ୍ଲିକ ୩୮ ରନ୍‌ରେ ଯୋଗଦାନ ଦେଇଥିଲେ। ଜବବରେ ଯୁବରାଜଙ୍କ ଅପରାଜିତ ୧୨୦ ରନ୍ ସହାୟତାରେ ଉତ୍ତରପ୍ରଦେଶ ୩୬.୫ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ତୀର୍ଥଙ୍କର ସାହୁ ଓଡ଼ିଶା ପକ୍ଷରୁ ଦୁଇଟି ୱିକେଟ ଅକ୍ତିଆର କରିଥିଲେ।

ଅଲୁରରେ ମହିଳା ଦଳ ମଧ୍ୟ ପ୍ରଥମେ ବ୍ୟାଟିଂ କରିଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୮୨ ରନ୍ କରିଥିଲା। ଅନୁସ୍କା ମହାନ୍ତି ୨୪ ଓ ଶିତଲ ରାଉତ ୧୭ ରନ୍ କରିଥିଲେ। ଜବାବରେ ଝାଡଖଣ୍ଡ ୧୪.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ପରାଜିତ ଓଡ଼ିଶା ପକ୍ଷରୁ ଅନନ୍ୟା ରାଉତ ୨ଟି ଓ ପ୍ରିୟଦର୍ଶିନୀ ପ୍ରମାଣିକ ଗୋଟିଏ ୱିକେଟ ପାଇଥିଲେ।

ଚାଇନା ଓପନ୍ ଫାଇନାଲରେ ଆନ୍ଦ୍ରିଭା

ବେଜିଂ, ୧୦।୧୦ (ଏଜେନ୍ସି): ରୁଷିଆ ଟେନିସ ତାରକା ମିରା ଆନ୍ଦ୍ରିଭା ଏଠାରେ ଚାଲିଥିବା ଚାଇନା ଓପନର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ମିରା ୬-୨, ୬-୨ ସିଧାସଳଖ ସେଟରେ ଚେକ ଗଣରାଜ୍ୟର ନିକୋଲା ବାର୍ତ୍ତୁଙ୍କୋଭାଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ଆନ୍ଦ୍ରିଭାଙ୍କ ମୁକାବିଲା ଘରୋଇ ତାରକା ଝେଙ୍ଗ କ୍ୱିନୱିନଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଅଣସିଡେଡ ଝେଙ୍ଗ ୭-୫, ୬-୨ ସେଟରେ ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ହରାଇଥିଲେ।

ଚତୁର୍ଥ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

ସେମିରେ କିସ୍ ଓ କ୍ୟାପିଟାଲ

ଭୁବନେଶ୍ୱର,୧୦।୧୦(ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟାର୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କ୍ୟାପିଟାଲ ଓ କିସ୍ ହାଇସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କ୍ୟାପିଟାଲ ଟାଇବ୍ରେକରରେ ୫-୪ ଗୋଲରେ ଜଟଣୀର କୁଶମାଟି ହାଇସ୍କୁଲକୁ ତୃତୀୟ ଦଳ ଭାବେ ସେମିକୁ ଉଠିଛି। କୁଶମାଟିର ରାକେଶ ବାରିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସ୍ୱର୍ଗତ ଚିନ୍ମୟଦାସ ସ୍ମାରକୀଙ୍କ ସ୍ମୃତିରେ ପ୍ରଦାନ କରାଯାଇଥିଲା। ମଧ୍ୟାନ୍ତରରେ ଭୁବନେଶ୍ୱରର ପୁରାତନ ଖେଳାଳି ଯଥା ନୀଳମାଧବ ଦେଓ, ଶିଶିର ମହାନ୍ତି, ଶୁଭେନ୍ଦୁ ଦାସ, ବାବୁଲି ଜେନା ଓ ଅରୁଣ ଲେଙ୍କାଙ୍କୁ ସ୍ୱର୍ଗତ ଆଶୋକ ମହାନ୍ତି ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ଅନ୍ୟ ଏକ କ୍ୱାର୍ଟର ମୁକାବିଲାରେ କିସ୍ ସ୍କୁଲ ୭-୦ ଗୋଲରେ କଳିଙ୍ଗ ନଗରର ଟାଟା ଷ୍ଟିଲ ଲୋୟଲା ସ୍କୁଲକୁ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିକୁ ଉଠିଛି। ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଭାବେ ଟାଟା ଷ୍ଟିଲର ହେଡ ସ୍ପୋର୍ଟ୍ସ ଅନୁରକ୍ତ ସ୍ୱାଇଁ, କ୍ଲବର ଉପସଭାପତି ବିବେକାନନ୍ଦ ଦାସ, ଅରୁଣ କୁମାର ବଳିୟାରସିଂ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଖାୱତ ଅଲି ଖାନ୍, ଚନ୍ଦ୍ରକାନ୍ତ ବାରିକ, ଏସ୍ ସାମିନ୍ତରାୟ, ଟି ମୋହନ ରାଓ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ପ୍ରଥମ ସେମିରେ ବିକାଶ ସ୍କୁଲ ଓ ଓଡିଏମ୍ ମଧ୍ୟରେ ଖେଳାଯିବ।

ଆଜିଠାରୁ ରଣଜୀ ଟ୍ରଫି କ୍ରିକେଟ

ଅହମଦାବାଦରେ ଓଡ଼ିଶା-ଗୁଜରାଟ ମୁକାବିଲା

ଭୁବନେଶ୍ୱର,୧୦।୧୦(ସମିସ)

ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଆସନ୍ତାକାଲିଠାରୁ ୧୯ଟି ବିଭିନ୍ନ ସେଣ୍ଟରରେ ଆରମ୍ଭ ହେଉଛି। ଚଳିତ ବା ୨୦୨୬-୨୭ ସିଜନରେ ରଣଜୀ ଏଲିଟ-ସି' ଗ୍ରୁପ୍‌ରେ ସ୍ଥାନ ପାଇଥିବା ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ଗୁଜରାଟ ସହ ଅହମଦାବାଦ୍‌ରେ ଖେଳିବ। ଗୁଜରାଟ ଭଳି ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ମୁକାବିଲା କରିବା ପୂର୍ବରୁ ଓଡ଼ିଶାର ପ୍ରସ୍ତୁତି ଓ ପ୍ରଦର୍ଶନ ଆଦୌ ବିଶ୍ୱସନୀୟ ହୋଇନାହିଁ। ପୁଡୁଚେରୀରେ ଓଡ଼ିଶା କେବଳ ଏକ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିଥିଲା। ସେହି ଟୁର୍ଣ୍ଣାମେଣ୍ଟ ଖେଳିଥିବା ଅଧା ଖେଳାଳି ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସିଜନ ଆରମ୍ଭ ପୂର୍ବରୁ ଶିବିର କରିବା। ଶିବିର ହୋଇଛି ସତ, କିନ୍ତୁ ଖେଳାଳିମାନେ ପ୍ରସ୍ତୁତି କରିବାକୁ ପର୍ଯ୍ୟାପ୍ତ ସମୟ ପାଇନାହାନ୍ତି। ଏହାର ଦୁଇଟି ମୁଖ୍ୟ କାରଣ ହେଲା ବର୍ଷା ଏବଂ ଓଡ଼ିଶା ଟି-୨୦ ଲିଗ୍ କ୍ରିକେଟ। ବର୍ଷା ଯୋଗୁ ଶିବିର କିମ୍ବା ଅଭ୍ୟାସ ମ୍ୟାଚ୍‌ରେ ବାଧା ସୃଷ୍ଟି ହୋଇଥିଲା। ଟି-୨୦ ଲିଗ୍‌ରେ ପ୍ରାୟ ସମସ୍ତ ଖେଳାଳି ସାମିଲ ଥିବାରୁ ୪ ଦିନିଆ ଫର୍ମାଟରେ ଖେଳିବାକୁ ସେମାନେ ସୁଯୋଗ ପାଇ ନାହାନ୍ତି। ଏଣୁ ଗୁଜରାଟ ବିପକ୍ଷରେ ଯେଉଁ ଖେଳାଳି ଫର୍ମାଟ ସହ ଆଡଜଷ୍ଟ କରିପାରିବ, କେବଳ ସେହି ଖେଳାଳିମାନେ ଭଲ ପ୍ରଦର୍ଶନ କରିପାରିବେ।

ଗତସିଜନର ରଣଜୀ ପ୍ରଦର୍ଶନ ଓଡ଼ିଶା ଲାଗି ଆଦୌ ଉତ୍ସାହଜନକ ନ ଥିଲା। କିଛି ନୂଆ ଖେଳାଳି ଦଳକୁ ଲଢୁଆ ପ୍ରଦର୍ଶନ କରିବାକୁ ସୁଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବାମହାତୀ ସ୍ପିନର ସୟଦ ତୁଫାଏଲ ଅନ୍ୟତମ। ବାଦଲ ବିଶ୍ୱାଳ ଓ ରାଜେଶ ମହାନ୍ତିଙ୍କ ସେ ଓଡ଼ିଶାର ବୋଲିଂ ଭାର ସମ୍ଭାଳିବେ। ଅନ୍ୟମାନଙ୍କଠାରୁ ଉପଯୁକ୍ତ ସହାୟତା ମିଳିବ ବୋଲି ଆଶା କରାଯାଇପାରେ। ବ୍ୟାଟିଂରେ ଏକମାତ୍ର ଭରସାଯୋଗ୍ୟ ବ୍ୟାଟର ହେଉଛନ୍ତି ଅଧିନାୟକ ଶୁଭ୍ରାଂଶୁ ସେନାପତି। ତାଙ୍କ ସଫଳତା ଉପରେ ଓଡ଼ିଶାର ବ୍ୟାଟିଂ ନିର୍ଭର କରିବ। ଗତ ସିଜନ ଆରମ୍ଭରେ ଓପନର ସ୍ୱସ୍ତିକ ସାମଲ ଯେମିତି ଚମକାଇଲେ, ଠିକ୍ ସେହିପରି ପରେ ଫ୍ଲପ୍ ହେଲେ। ପ୍ରତିଭାବାନ ଓମଟି ମୁଣ୍ଡେଙ୍କ ଉପରେ ଦଳ ଭରସା ରଖିଛି। ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କଠାରୁ ମଧ୍ୟ ଭଲ ଇନିଂସ ଆଶା କରାଯାଇପାରେ। ଆଧୁନିକ ରଣଜୀ ଇତିହାସରେ ଅସହାୟ ଓଡ଼ିଶା ପ୍ରଥମଥର ଲାଗି ଦୁଇଜଣ ରାଜ୍ୟ ବାହାର ଖେଳାଳି ଯଥା ନିନାଦ ରାଠୱା ଓ ଲଳିତ ଯାଦବଙ୍କୁ ଦଳରେ ସାମିଲ କରିଛି। ଏହାର ଅର୍ଥ ଓଡ଼ିଶାରେ ପ୍ରତଭା ସଂକଟ ସୃଷ୍ଟି ହୋଇଛି। ଏହି ଦୁଇଜଣ ଯଦି ଓଡ଼ିଶା ଲାଗି କିଛି ଭଲ ପ୍ରଦର୍ଶନ ଦେଲେ, ତେବେ ଅନଭିଜ୍ଞ କ୍ରିକେଟ ପ୍ରଶାସକଙ୍କୁ ଆନନ୍ଦ ମିଳିବା ନିଶ୍ଚିତ। ଏହି ଦୁଇଜଣଙ୍କ ସହ ନୂଆ ହେଡ୍ କୋଚ୍ ପ୍ରଭଞ୍ଜନ ମଲିକଙ୍କ ଉପରେ ମଧ୍ୟ ରାଜ୍ୟ କ୍ରିକେଟପ୍ରେମୀଙ୍କ ନଜର ରହିଛି।

ଚିନ୍ତନ ଗଜଙ୍କ ନେତୃତ୍ୱରେ ଗୁଜରାଟର ପ୍ରଦର୍ଶନ ଭଲ ରହିଛି। ଦଳରେ ଏକାଧିକ ଖେଳାଳି ଭାରତ ଜର୍ସି ପିନ୍ଧିବାରେ ସଫଳ ହୋଇଛନ୍ତି। ଏମାନେ ଓଡ଼ିଶାକୁ ପରାଜିତ କରିବାକୁ ସମସ୍ତ ଯୋଜନା କରିଛନ୍ତି। ଘରୋଇ ମାଟିରେ ଖେଳୁଥିବାରୁ ଏହି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବାକୁ ନିଶ୍ଚିତ ଚାହିଁବ। ଓଡ଼ିଶା ବିପକ୍ଷରେ ଦଳ ୫ଟି ମ୍ୟାଚ୍ ଖେଳି ୪ଟିରେ ସହଜ ବିଜୟ ହାସଲ କରିଛି ଏବଂ ଅନ୍ୟ ଡ୍ର ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ତେବେ ଏହି ଓଡ଼ିଶା ଦଳ ଏକତରଫା ଭାବେ ମ୍ୟାଚ୍ ହାତଛଡ଼ା କରିବ ନାହିଁ ବୋଲି ଆଶା କରାଯାଇପାରେ।

ଓଡ଼ିଶା ଦଳ

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, ଓମ୍‌ଟି ମୁଣ୍ଡେ, ଶ୍ରେୟାଂଶ ଭରଦ୍ୱାଜ, ସୌମ୍ୟରଞ୍ଜନ ଲେଙ୍କା, ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ (ଉଭୟ ୱିକେଟ ରକ୍ଷକ), ନିନାଦ ରାଠୱା, ବାଦଲ ବିଶ୍ୱାଳ, ସୟଦ ତୁଫାଏଲ ଅହମ୍ମଦ୍, ସମ୍ବିତ ବେଜା, ରାଜେଶ ମହାନ୍ତି, ଲଳିତ ଯାଦବ, ପ୍ରଶାନ୍ତ ରଣା।

ଗୁଜରାଟ ଦଳ

ଚିନ୍ତନ ଗଜ (ଅଧିନାୟକ), ଉର୍ଭିଲ ପଟେଲ, ଆର୍ଯ୍ୟ ଦେଶାଇ, ଅମିତ ଦେଶାଇ, ସିଦ୍ଧାର୍ଥ ଦେଶାଇ, ଅଭିଷେକ ଦେଶାଇ, ମନନ୍ ହିଙ୍ଗ୍ରାଜିଆ, ପ୍ରିୟଜିତସିଂ ଜାଡେଜା, କ୍ଷୀତିଜ ପଟେଲ, ଆର୍ଜନ ନାଗସୱାଲା, ଜୟମିତ ପଟେଲ, ହର୍ଷିଲ ପଟେଲ, ସରଳ ପ୍ରଜାପତି, ପ୍ରିୟେଶ ପଟେଲ, ବେଦାନ୍ତ ତ୍ରିବେଦୀ, ବିଶାଲ ଜୟସ୍ୱାଲ।

୩୮ ଦଳ; ୧୩୮ ମ୍ୟାଚ୍

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଏହି ମେଗା ଟୁର୍ଣ୍ଣାମେଣ୍ଟ ଦୁଇଟି ପର୍ଯ୍ୟାୟରେ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ସାରା ଭାରତରୁ ୩୮ଟି ଦଳ ଅଂଶଗ୍ରହଣ କରିବେ। ଚଳିତ ସିଜନରେ ଫାଇନାଲକୁ ମିଶାଇ ମୋଟ୍ ୧୩୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ପ୍ରଥମ ରାଉଣ୍ଡର ୧୯ଟି ମ୍ୟାଚ୍ ଆରମ୍ଭ ହେବ। ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି, ମହମ୍ମଦ ସିରାଜଙ୍କ ପରି

ବରିଷ୍ଠ ଖେଳାଳି ପ୍ରଥମ ରାଉଣ୍ଡରେ ନଜରରେ ରହିବେ। ଡିଫେଣ୍ଡିଂ ଚାମ୍ପିଅନ ଜମ୍ମୁ-କାଶ୍ମୀର ପ୍ରଥମ ରାଉଣ୍ଡରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଗତ ସଂସ୍କରଣର କର୍ଣ୍ଣାଟକ ବିପକ୍ଷ ଫାଇନାଲରେ ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ ଅଗ୍ରଣୀଭିତ୍ତିରେ ବିଜୟୀ ହୋଇ ଟାଇଟଲ୍ ହାସଲ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY